
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ମଙ୍ଗଳବାର ୨୬ ଅଗଷ୍ଟ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 26 August 2025
Vol.No. 36 ■ No.225 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019




ପ୍ରକାଶ ପାଇଛି
ବାର୍ଷିକ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net


# ଯେତେ ଚାପ ପଡ଼ିଲେ ବି ଆମେ ଆମର ଶକ୍ତି ବଢ଼ାଇବୁ: ଟ୍ରମ୍ପ ଟାରିଫ ମଧ୍ୟରେ ମୋଦୀଙ୍କ ବଡ଼ ବୟାନ



ନୂଆଦିଲ୍ଲୀ,୨୫/୮ : ଅହମଦାବାଦରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକ ରୋଡ ସୋ କରିବା ସହ ଖୋଡାଲଧାମ ଗ୍ରାଉଣ୍ଡରେ ୫୪୦୦ କୋଟି ଟଙ୍କାର ଅନେକ ବିକାଶ ପ୍ରକଳ୍ପର ଉଦଘାଟନ ଏବଂ ଶିଳାନ୍ୟାସ କରିଛନ୍ତି । ଏହି ଅବସରରେ ଆୟୋଜିତ ଏକ ଜନସଭାକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ମୋଦୀ ଟ୍ରମ୍ପଙ୍କ ଶୁଳ୍କ ଉପରେ ଏକ ବଡ଼ ବୟାନ ଦେଇଛନ୍ତି । ସେ କହିଛନ୍ତି ଯେ ଆଜି ବିଶ୍ୱରେ, ଆମେ ଆର୍ଥିକ ସ୍ୱାର୍ଥର ରାଜନୀତିକୁ ଭଲ ଭାବରେ ଦେଖୁଛୁ, ସମସ୍ତେ ନିଜ ନିଜ କାମ କରିବାରେ ବ୍ୟସ୍ତ ଅଛନ୍ତି । କିନ୍ତୁ 'ଯେତେ ଚାପ ଆସିଲେ ମଧ୍ୟ, ଆମେ ଆମର ଶକ୍ତି ବୃଦ୍ଧି କରିବୁ' । ପ୍ରଧାନମନ୍ତ୍ରୀ ମୋଦୀ ସ୍ପଷ୍ଟ କରିଛନ୍ତି ଯେ ଦେଶର ଚାଷୀ ଏବଂ ଗୋପାଳକଙ୍କ ସ୍ୱାର୍ଥ ତାଙ୍କ ପାଇଁ ସର୍ବୋପରି । ସେ କହିଛନ୍ତି, 'ମୁଁ ଗାନ୍ଧୀଙ୍କ ଭୂମିରୁ କହୁଛି, ମୋ ଦେଶର ଛୋଟ ଉଦ୍ୟୋଗୀ, ଚାଷୀ, ଗୋପାଳକ ହେଉ, ସେମାନଙ୍କ ସ୍ୱାର୍ଥ ମୋ ପାଇଁ ସର୍ବୋପରି । ପ୍ରଧାନମନ୍ତ୍ରୀ ମୋଦୀ ସ୍ପଷ୍ଟ କରିଛନ୍ତି ଯେ ଦେଶର ଚାଷୀ ଏବଂ ଗୋପାଳକଙ୍କ ସ୍ୱାର୍ଥ ତାଙ୍କ ପାଇଁ ସର୍ବୋପରି । ସେ କହିଛନ୍ତି, 'ମୁଁ ଗାନ୍ଧୀଙ୍କ ଭୂମିରୁ କହୁଛି, ମୋ ଦେଶର ଛୋଟ ଉଦ୍ୟୋଗୀ, ଚାଷୀ, ଗୋପାଳକ ହେଉ, ସେମାନଙ୍କ ସ୍ୱାର୍ଥ ମୋ ପାଇଁ ସର୍ବୋପରି । ମୋ ସରକାର କେବେବି ଛୋଟ ଉଦ୍ୟୋଗୀ, ଚାଷୀ, ଗୋପାଳକଙ୍କ ପ୍ରତି କୌଣସି କ୍ଷତି ହେବାକୁ ଦେବ ନାହିଁ । ଯେତେ ଚାପ ଆସିଲେ ମଧ୍ୟ, ଆମେ ଏହାକୁ ସହ୍ୟ କରିବା ପାଇଁ ଆମର ଶକ୍ତି ବୃଦ୍ଧି କରିବୁ ।' ସେ ଆହୁରି ମଧ୍ୟ ଲୋକମାନଙ୍କୁ ସ୍ୱଦେଶୀ ସାମଗ୍ରୀ ଖରିଦ କରିବାକୁ ନିବେଦନ କରିଛନ୍ତି । ସେହିପରି ବିଦେଶୀ ସାମଗ୍ରୀ ବିକ୍ରି କରିବାରୁ ବ୍ୟବସାୟୀମାନେ ବିରତ ରହିବା ଆବଶ୍ୟକ ବୋଲି ସେ କହିଛନ୍ତି ।

# କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ବଡ଼ ବୟାନ : ରାହୁଲ ଓ ବିରୋଧୀଙ୍କୁ କଡ଼ା ସମାଲୋଚନା



ନୂଆଦିଲ୍ଲୀ,୨୫/୮ : ଲୋକସଭାରେ ଆଗତ ୧୩୦ତମ ସମ୍ବିଧାନ ସଂଶୋଧନ ବିଲ୍ ନେଇ ବିରୋଧୀଙ୍କୁ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହଙ୍କ ଟାର୍ଗେଟ୍ । କହିଲେ ଗୃହରେ ବିଲ୍ ଆଗତ ବେଳେ ବିରୋଧ କରିବା ସମ୍ବିଧାନ ବିରୋଧୀ । ପିଏମ୍, ସିଏମ ଓ ମନ୍ତ୍ରୀ ସାଂଘାତିକ ଅଭିଯୋଗରେ ଗିରଫ ହୋଇ ୩୦ଦିନ ଜେଲରେ ରହିଲେ ବିଲ୍ ରେ ପଦ ଯିବା ବ୍ୟବସ୍ଥା ରହିଛି । ଜେଲରୁ କେବେ ସରକାର ଚାଲିପାରିବ ନାହିଁ । ସେହିପରି ୟୁପିଏ ସରକାର ବେଳେ ରାହୁଲ ଗାନ୍ଧି ଅଧ୍ୟାଦେଶ ଫାଡ଼ିବା ପ୍ରସଙ୍ଗ ଉଠାଇ ରାହୁଲଙ୍କୁ ଟାର୍ଗେଟ କରିଛନ୍ତି ଶାହ । ସେହିପରି କାହିଁକି ଦକ୍ଷିଣରୁ ଘଉଇ ଉପରାଷ୍ଟ୍ରପତି ପ୍ରାର୍ଥୀ ବାଛିଲା ତାହାର ମଧ୍ୟ ଉତ୍ତର ରଖିଛନ୍ତି ଶାହ । ସେପଟେ ନକ୍ସଲବାଦ ଓ ସଲବାଜୁଡୁମ ନେଇ ରାୟ ପ୍ରସଙ୍ଗ ଉଠାଇ ବିରୋଧୀ ଇଣ୍ଡି ମେଣ୍ଟ ପ୍ରାର୍ଥୀ ସୁଦର୍ଶନ ରେଡ୍ଡିଙ୍କୁ ସେ ଟାର୍ଗେଟ୍ କରିଛନ୍ତି । ସୁଦର୍ଶନ ବିଚାରପତି ଥିବା ବେଳେ ଦେଇଥିବା ରାୟ ଯୋଗୁ ବାମପନ୍ଥୀ ଚିନ୍ତାଧାରା ବୃଦ୍ଧି ପାଇଥିବା କହି ସମାଲୋଚନା କରିଛନ୍ତି ଅମିତ ଶାହ । ଅନ୍ୟପଟେ ଉପରାଷ୍ଟ୍ରପତି ପଦରୁ ଧନଖଡ଼ଙ୍କ ଇସ୍ତଫାର କାରଣକୁ ନେଇ ଚାଲିଥିବା ଚର୍ଚ୍ଚା ଉପରେ ପୂର୍ଣ୍ଣଚ୍ଛେଦ ଟାଣିବାକୁ ଅମିତ ଶାହ କହିଛନ୍ତି ।

# ନବୀନଙ୍କୁ ଭେଟିଲେ ରାଜ୍ୟପାଳ



ଭୁବନେଶ୍ୱର, ୨୫/୮ (ନି.ପ୍ର): ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଭେଟିଲେ ରାଜ୍ୟପାଳ ହରିବାବୁ କମ୍ଭମପତି । ନବୀନ ନିବାସ ଯାଇ ନବୀନଙ୍କୁ ଭେଟିବା ସହ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି ରାଜ୍ୟପାଳ । ନିକଟରେ ଏକ ଘରୋଇ ହସ୍ପିଟାଲ୍‌ରେ ଚିକିତ୍ସିତ ହୋଇ ଫେରିଥିଲେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ଗତ ଶନିବାର ମୁଖ୍ୟମନ୍ତ୍ରୀ ମୋହନ ମାଝୀ ମଧ୍ୟ ନବୀନ ନିବାସରେ ପହଞ୍ଚି ନବୀନ ପଟ୍ଟନାୟକଙ୍କୁ ଭେଟିଥିଲେ । ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ସୁସ୍ଥ ହୋଇ ମେଡିକାଲରୁ ଫେରିବା ପରେ ମୁଖ୍ୟମନ୍ତ୍ରୀ ତାଙ୍କ ପାଖରେ ପହଞ୍ଚି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବାବଦରେ ପଚାରି ବୁଝିଥିଲେ । ଗତ ନିର୍ବାଚନ ଫଳାଫଳ ଆସିବା ପରେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବା ପୂର୍ବରୁ ମଧ୍ୟ ନବୀନ ନିବାସ ଯାଇ ନବୀନଙ୍କୁ ଭେଟିଥିଲେ ମୋହନ ମାଝୀ । ଏଥିପାଇଁ ତାଙ୍କୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଥିଲା । ସୂଚନାଯୋଗ୍ୟ, ଡିହାଇଡ୍ରେସନ କାରଣରୁ ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ଅସୁସ୍ଥ ହୋଇ ଭୁବନେଶ୍ୱରର ▶▶ପୃଷ୍ଠା ୭

# ଭାରତକୁ ଚିଡ଼ାଇଥିବା କାହାକୁ ଛଡ଼ାଯିବ ନାହିଁ: ରାଜନାଥ

ନୂଆଦିଲ୍ଲୀ,୨୫/୮ : କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଦେଶ ବିରୋଧୀ ଶକ୍ତିକୁ ଖୋଲା ଚେତାବନୀ ଦେଇ କହିଛନ୍ତି ଯେ ଭାରତକୁ ଚିଡ଼ାଇଥିବା କାହାକୁ ଛଡ଼ାଯିବ ନାହିଁ । ପହଲଗାମ ଘଟଣାର ଉଲ୍ଲେଖ କରି ସେ କହିଛନ୍ତି ଯେ ଆତଙ୍କବାଦୀମାନେ ସେଠାରେ ଲୋକଙ୍କୁ ସେମାନଙ୍କ ଧର୍ମ ପଚାରି ହତ୍ୟା କରିଥିଲେ, କିନ୍ତୁ ଆମର ସୈନିକମାନେ ଆତଙ୍କବାଦୀମାନଙ୍କୁ ସେମାନଙ୍କ ଧର୍ମ ଦେଖି ନୁହେଁ ବରଂ ସେମାନଙ୍କ କାର୍ଯ୍ୟ ଦେଖି ହତ୍ୟା କରିଥିଲେ । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସୋମବାର ହନୱନ୍ତ ଆଦର୍ଶ ବିଦ୍ୟା ମନ୍ଦିର ଲାଲସାଗର କ୍ୟାମ୍ପସରେ ଆଦର୍ଶ ପ୍ରତିରକ୍ଷା ଏବଂ କ୍ରୀଡା ଏକାଡେମୀର ଉଦଘାଟନ ସମାରୋହକୁ ସମ୍ବୋଧିତ କରୁଥିଲେ । ସେ କହିଛନ୍ତି ଯେ ଅପରେସନ ▶▶ପୃଷ୍ଠା ୭

# ଭିଜିଲାନ୍ସ ଜାଲରେ ଥାନା ଏସଆଇ

ଭୁବନେଶ୍ୱର, ୨୫/୮ (ନି.ପ୍ର): ଲାଞ୍ଚ ନେବା ବେଳେ ଧରାପଡ଼ିଲେ ବିଜେପୁର ଥାନା ଏସଆଇ । ବରଗଡ ବିଜେପୁର ପୋଲିସ ଷ୍ଟେସନର ସବଇନସପେକ୍ଟର ଶ୍ରୀ ଜଗା ବରିହା ଲାଂଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡିଛନ୍ତି । ଜଣେ ବ୍ୟବସାୟୀଙ୍କୁ ତାଙ୍କର ବ୍ୟବସାୟ ସୁଚାରୁ ଭାବେ ଚଳାଇବା ଓ ତାଙ୍କ ବିରୁଦ୍ଧରେ କେହି ମାମଲା ରୁଜୁ କରିବେ ନାହିଁ ଏହି ଉଦ୍ଦେଶ୍ୟରେ ବରଗଡ଼ ବିଜେପୁର ଥାନା ଏସଆଇ ଶ୍ରୀ ଜଗା ବରିହା ୧୦ହଜାର ଲାଂଚ ଦାବି କରିଥିଲେ । ଏପରିକି ଟଙ୍କା ନଦେଲେ ତାଙ୍କ କଡା କାର୍ଯ୍ୟାନୁଷ୍ଠାନ ନେବାକୁ ଧମକ ଦେଇଥିଲେ ଏସଆଇ । ▶▶ପୃଷ୍ଠା ୭

# ୪ ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରୀ: ଆସିଲା ନୂଆ ଓଡ଼ିଶା ଇଲୋକ୍ଟ୍ରୋନିକ୍ସ କମ୍ପୋନେଟ୍ ମ୍ୟାନୁଫାକଚରିଂ ନୀତି




ଭୁବନେଶ୍ୱର, ୨୫/୮ (ନି.ପ୍ର): ରାଜ୍ୟ କ୍ୟାବିନେଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସି ଓଡ଼ିଶା ଇଲୋକ୍ଟ୍ରୋନିକ୍ସ କମ୍ପୋନେଟ୍ ମ୍ୟାନୁଫାକଚରିଂ ନୀତି-୨୦୨୫ ସମେତ ମୋଟ ୪ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି । ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ରାଜ୍ୟର ଶିଳ୍ପାୟନ, ନିଯୁକ୍ତି ସୁଯୋଗ ସୃଷ୍ଟି ଏବଂ ପ୍ରଶାସନିକ ବ୍ୟବସ୍ଥାକୁ ନେଇ କେତେକ ଦୂରଗାମୀ ନିଷ୍ପତ୍ତି ନିଆଯାଇଛି । ବୈଠକରେ ମୋଟ ୩ଟି ବିଭାଗର ୪ଟି ପ୍ରମୁଖ ପ୍ରସ୍ତାବକୁ ଅନୁମୋଦନ ମିଳିଥିବା ନେଇ ମୁଖ୍ୟ ସଚିବ ମନୋଜ ଆହୁଜା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ରାଜ୍ୟକୁ ଇଲେକ୍ଟ୍ରୋନିକ୍ସ ଯନ୍ତ୍ରପାତି ଉତ୍ପାଦନ କ୍ଷେତ୍ରରେ ଏକ ଅଗ୍ରଣୀ ହବ୍ ଭାବେ ଗଢ଼ି ତୋଳିବା ପାଇଁ 'ଓଡ଼ିଶା ଇଲେକ୍ଟ୍ରୋନିକ୍ସ କମ୍ପୋନେଟ୍ ମ୍ୟାନୁଫାକଚରିଂ ନୀତି-୨୦୨୫' କୁ କ୍ୟାବିନେଟ୍ ମଞ୍ଜୁରୀ ପ୍ରଦାନ କରିଛନ୍ତି । ଏହି ନୀତି ମାଧ୍ୟମରେ ରାଜ୍ୟରେ ଏକ ସୁଦୃଢ଼ ଓ ଆତ୍ମନିର୍ଭରଶୀଳ ଇକୋସିଷ୍ଟମ୍ ସୃଷ୍ଟି କରାଯିବ, ଯାହାଦ୍ୱାରା ବ୍ୟାପକ ଉଚ୍ଚ-କୁଶଳୀ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହ ଆମଦାନୀ ଉପରେ ନିର୍ଭରଶୀଳତା କମିବ । ପୁଞ୍ଜି ସବସିଡି: କେନ୍ଦ୍ର ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଯନ୍ତ୍ରପାତି ଉତ୍ପାଦନ ପରିଯୋଜନା ସହ ସମନ୍ୱୟ ରଖି ନିବେଶକମାନଙ୍କୁ ପ୍ରଥମ ମେଗା ପ୍ରକଳ୍ପ ପାଇଁ ୫୦% ପର୍ଯ୍ୟନ୍ତ ପୁଞ୍ଜି ସବସିଡି କିମ୍ବା ଟର୍ଣ୍ଣଓଭର-ଲିଙ୍କ୍ ପ୍ରୋତ୍ସାହନ ମଧ୍ୟରୁ ଗୋଟିକୁ ବାଛିବାର ସୁଯୋଗ ମିଳିବ । ମେଗା ପ୍ରକଳ୍ପ ପାଇଁ ସ୍ୱତନ୍ତ୍ର ପ୍ୟାକେଜ୍: ୫୦୦ ▶▶ପୃଷ୍ଠା ୭

# ଢାବାରେ ଚା' ପିଇ, ମ୍ୟାଗି ଖାଇଲେ ରାହୁଲ ଗାନ୍ଧୀ: ୧୦୦ ଟଙ୍କା ବିଲ୍ ବଦଳରେ ୧୦୦୦ ଟଙ୍କା ଦେଲେ



ନୂଆଦିଲ୍ଲୀ,୨୫/୮ : କଂଗ୍ରେସ ନେତା ରାହୁଲ ଗାନ୍ଧୀ ତାଙ୍କ 'ଭୋଟର ଅଧିକାର ଯାତ୍ରା' ସମୟରେ ମହାମେଣ୍ଟର ନେତାମାନଙ୍କ ସହିତ ପୂର୍ଣ୍ଣିଆରେ ପହଞ୍ଚିଥିଲେ । ଏଠାରେ ରୋଡ୍ ସୋ' ସମୟରେ ସେ ଗଡବନୈଲି ସ୍ଥିତ ଏକ ଢାବାରେ ଖାଇବାକୁ ଅଟକି ଯାଇଥିଲେ । ଏହି ଢାବାରେ ରାହୁଲ ଗାନ୍ଧୀ ଚା' ପିଇବା ସହିତ ମ୍ୟାଗି ଏବଂ କୁରକୁରେ ମଧ୍ୟ ଖାଇଥିଲେ । ପରିଶେଷ ବିଲ୍ ୧୦୦ ଟଙ୍କାର ହୋଇଥିବା ବେଳେ ରାହୁଲ ଢାବା ମାଲିକଙ୍କୁ ୧୦୦୦ ଟଙ୍କା ଦେଇଥିଲେ । ରାହୁଲ ଗାନ୍ଧୀଙ୍କ ସହ ବିହାରର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ▶▶ପୃଷ୍ଠା ୭

# ଗଳାବାଟରେ ଦର୍ଶନ କରାଇବା ନାଁରେ ଶ୍ରଦ୍ଧାଳୁଙ୍କୁ ଲୁଟୁଛନ୍ତି ପଣ୍ଡା



ପୁରୀ, ୨୫/୮ (ନି.ପ୍ର): ପୁଣି ଅବ୍ୟବସ୍ଥା, ପୁଣି ଭକ୍ତଙ୍କୁ ଶୋଷଣ । ଜଗା ଦର୍ଶନ ପାଇଁ ପଣ୍ଡା ନେଉଛନ୍ତି ଟଙ୍କା । ଗଳାବାଟରେ ଦର୍ଶନ କରାଇବା ନାଁରେ ଶ୍ରଦ୍ଧାଳୁଙ୍କୁ ଲୁଟୁଛନ୍ତି । ଏଥର ଖାଲି ଅଭିଯୋଗ ନୁହେଁ ସିସି ଟିଭିରେ କଏଦ ହୋଇଛି ପୁରା ଘଟଣା । ଭକ୍ତଙ୍କୁ ଯାତ୍ରୀପଣ୍ଡାମାନେ ଖୁଲମଖୁଲା ଲୁଟୁଛନ୍ତି । ମହାପ୍ରଭୁଙ୍କ ଦୁଆର ମୁହଁରେ ମହା ଅବ୍ୟବସ୍ଥା କରୁଛନ୍ତି ପଣ୍ଡା ଓ ଗୁମାସ୍ତାମାନେ । ଗଳାବାଟ ଦେଇ ଦର୍ଶନ କରାଇଦେବା ନାଁରେ ଶ୍ରଦ୍ଧାଳୁଙ୍କୁ କରୁଛନ୍ତି ଖୋଳା । ପାଖରେ ପୋଲିସ ଠିଆ ହୋଇଥିଲେ ମଧ୍ୟ ପାଲଟିଯାଇଛନ୍ତି ଅନ୍ଧ ଆଉ ମୁକ । ପ୍ରଶାସନର ଆଖି ଆଗରେ ବେଧଡ଼କ ଶ୍ରଦ୍ଧାଳୁଙ୍କୁ କରାଯାଉଛି ଲୁଟ୍ । କାଳିଆ ଦର୍ଶନ ଆଳରେ ଚାଲିଛି ଟଙ୍କା କାରବାର । ଏହାକୁ ନେଇ ଏବେ ଚାରିଆଡେ ଅସନ୍ତୋଷ ବୃଦ୍ଧି ପାଇଛି । ପୁଣି ପ୍ରଶ୍ନ ଘେରରେ ଶ୍ରୀମନ୍ଦିର ପ୍ରଶାସନର କାର୍ଯ୍ୟଶୈଳୀ ।

# ଦେବାଶିଷଙ୍କ ପରେ ରଣେନ୍ଦ୍ର: ପାଣ୍ଡିଆନଙ୍କୁ ମାରିଲେ ତେର୍ଚ୍ଛା ବାଣ



ଭୁବନେଶ୍ୱର, ୨୫/୮ (ନି.ପ୍ର): ଭାଷଣ ଛଳରେ ପାଣ୍ଡିଆନଙ୍କୁ ତାଚ୍ଛଲ୍ୟ କଲେ ବିଜେଡିର ବରିଷ୍ଠ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ । ନବୀନ ହସ୍ପିଟାଲରେ ଚିକିତ୍ସାଧିନ ଥିବା ବେଳେ ପାଣ୍ଡିଆନ କୁଆଡ଼େ କହିଥିଲେ 'ଆଇ ଆମ ଡାଉନ୍ ବଟ୍ ନଟ ଆଉଟ୍' । ଏହି ଉକ୍ତିକୁ ନେଇ ରଣେନ୍ଦ୍ର ସିଧା ପାଣ୍ଡିଆନଙ୍କ ନାଁ ନନେଇ ତାଚ୍ଛଲ୍ୟ କରିବା ସହ ସ୍ମିତ ହାସ୍ୟ ଦେଇଥିଲେ । ଆଠଗଡ଼ରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଏଭଳି ତେର୍ଚ୍ଛା ବାଣ ମାରିଛନ୍ତି ରଣେନ୍ଦ୍ର । କେବଳ ସେତିକି ନୁହେଁ ସ୍ରୋତ ବିରୋଧରେ ଚାଲିବା ପ୍ରସଙ୍ଗ ହେଉ କି ବିଧାୟକ ହୋଇ ଖାଲି ଭୋଟ ମାଗିବା ପ୍ରସଙ୍ଗ ଉଠାଇ ଥିଲେ ରଣେନ୍ଦ୍ର । ସଭାମଞ୍ଚରେ ବିଜେଡିର ଜଣେ ବରିଷ୍ଠଙ୍କ ଏଭଳି ପରୋକ୍ଷ ଇଙ୍ଗିତ ଦଳରେ କିଛି ଠିକ୍ ଠାକ୍ ଚାଲିନଥିବା ଆଡ଼କୁ ଇଙ୍ଗିତ କରୁଛି । ତେବେ ଏନେଇ ପାଣ୍ଡିଆନ କି ବିଜେଡି ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ । ପୂର୍ବରୁ ବିଜେଡି ସାଂସଦ ଦେବାଶିଷ ସାମନ୍ତରାୟ ମଧ୍ୟ ଆଗକୁ ଆସି ନବୀନ ପଟ୍ଟନାୟକଙ୍କ ସ୍ୱାସ୍ଥ୍ୟାବସ୍ଥା ନେଇ ପାଣ୍ଡିଆନଙ୍କ ଉପରେ ବର୍ଷିଥିଲେ । ଏକ ଦୈନିକ ଖବରକାଗଜକୁ ସାକ୍ଷାତକାରରେ ନବୀନଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ରାଜ୍ୟବାସୀ କି ନେତାଙ୍କୁ ନଜଣାଇବା ପାଣ୍ଡିଆନଙ୍କ ବଡ ଭୁଲ୍ ବୋଲି କହିଥିଲେ ଦେବାଶିଷ ସାମନ୍ତରାୟ । ଏପରିକି ଏହା ଦଳ ପାଇଁ ବି କ୍ଷତି ବୋଲି କହିଥିଲେ ଦେବାଶିଷ । ହସ୍ପିଟାଲରେ ଭର୍ତ୍ତି ହେବା ପରେ ଦଳୀୟ ନେତା ନବୀନଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଜାଣିଲେ । ଘରେ ଅସୁସ୍ଥ ହେବା ସମୟରେ କାହିଁକି ପାଣ୍ଡିଆନ୍ ଜଣାଇଲେ ନାହିଁ । ନବୀନ ବାବୁ ଓଡ଼ିଶାର ନେତା । ତାଙ୍କର ସବୁ ଖବର ରାଜ୍ୟବାସୀ ଓ ଦଳ ନେତା ଜାଣିବା ଦରକାର । ସେହିପରି ହସ୍ପିଟାଲରେ ନବୀନଙ୍କୁ ଭେଟିବା ପାଇଁ ଦଳୀୟ ନେତାଙ୍କୁ ନଛାଡ଼ିବା ଚର୍ଚ୍ଚା ଉପରେ ପ୍ରତିକ୍ରିୟା ରଖି ଦେବାଶିଷ କହିଛନ୍ତି ପାଣ୍ଡିଆନ୍ ଆଇ ଆମ୍ ଡାଉନ୍, ବଟ୍ ନଟ୍ ଆଉଟ୍' ବୋଲି କହିଥିବା ସତ ହୋଇଥିଲେ ଏହା ଅହଂକାରର ପରିଚାୟକ । ଦିନକୁ ଦିନ ବିଜେଡି ଭିତରେ ପାଣ୍ଡିଆନ ବିରୋଧୀ ସ୍ୱର ଶାଣିତ ହେବାରେ ଲାଗିଛି । ଏକଦା ଦଳରେ ଦବଦବା ରଖୁଥିବା ▶▶ପୃଷ୍ଠା ୭

# ବିହାରରେ କିଏ ହେବ ମୁଖ୍ୟମନ୍ତ୍ରୀ ? ମୁଖ୍ୟମନ୍ତ୍ରୀ ଚେହେରାକୁ ନେଇ ଛିଣ୍ଡୁନି ଗଣିତ



ନୂଆଦିଲ୍ଲୀ,୨୫/୮ : ବିହାରରେ ବିଧାନସଭା ନିର୍ବାଚନ ଯେତିକି ପାଖେଉଛି, ରାଜନୀତି ମଧ୍ୟ ସେତିକି ସରଗରମ ହେଉଛି । ହେଲେ ଏଯାଏଁ କିନ୍ତୁ ବିହାରରେ ମୁଖ୍ୟମନ୍ତ୍ରୀ ଚେହେରାକୁ ନେଇ ଅଙ୍କ ଛିଣ୍ଡିପାରୁନି । ମହାମେଣ୍ଟରେ ଏହି ଗୋଳିଆ ପରିସ୍ଥିତି ଟିକେ ଅଧିକ ଥିବାବେଳେ, ଏନଡିଏରେ ବି ସେହି ସମାନ ସ୍ଥିତି । ମହାମେଣ୍ଟରେ କଂଗ୍ରେସ, ଆରଜେଡି ସହିତ ମିଶି ନିର୍ବାଚନ ଲଢୁଛି ସତ, ହେଲେ ଯେବେ ବି ମୁଖ୍ୟମନ୍ତ୍ରୀ ଚେହେରା ଭାବେ ତେଜସ୍ୱୀଙ୍କ କଥା ଆସୁଛି, ସେତେବେଳେ ପଛଘୁଞ୍ଚା ଦେଉଛନ୍ତି କଂଗ୍ରେସ ନେତା । ଅନ୍ୟପଟେ ଏନଡିଏରେ ▶▶ପୃଷ୍ଠା ୭

# ଯୋଜନ ଦୂରରେ ଯୋଜନା : ଗାଁ ବିକାଶରେ ବାଧକ ସାଜିଛି ପାହାଡିଆ ନଦୀ

ଜୟପୁର, ୨୫/୦୮ (ନି.ପ୍ର): ଗ୍ରାମାଚଂଳର ସୁ ଗମନାଗମନ ପାଇଁ ସରକାରଙ୍କ କାହିଁ କେତେ ଯୋଜନା, ହେଲେ ଯୋଜନା ଯୋଜନ ଦୂରରେ । ଗାଁ ଲୋକେ ଦୀର୍ଘ ବର୍ଷ ଧରି ଦାବି କରିଆସୁଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ପୋଲ ଖଣ୍ଡିଏ ନିର୍ମାଣ ହୋଇପାରୁନାହିଁ । ଯାହାକୁ ନେଇ ଏବେ ବଢୁଛି ଅସନ୍ତୋଷ । ବର୍ଷା ଦିନେ ନଦୀ ଫୁଲିଲେ ଜୀବନକୁ ବାଜି ଲଗାଇ ରଶି ସାହାଯ୍ୟରେ ନଦୀ ପାର୍ ହେବାକୁ ପଡେ । ଏଭଳି ଚିତ୍ର ଦେଖିବାକୁ ମିଳିଛି କୋରାପୁଟ ଜିଲା ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ଚେରକା ପଂଚାୟତର କାଙ୍ଗୁଗୁଡା ନିକଟରେ । ଚେରକା ପଂଚାୟତର କାଙ୍ଗୁଗୁଡା, ଅଟାଳଗୁଡା ଏବଂ ଝାଲିଆଗୁଡା ତିନୋଟି ଗ୍ରାମର ଏକ ଶହରୁ ଉର୍ଦ୍ଧ୍ୱ ପରିବାର ଲୋକେ ଜୀବନକୁ ବାଜି ଲଗାଇ ଦଉଡ଼ି ସାହାଯ୍ୟରେ ନଦୀ ପାର୍ ହେଉଥିବା ଦେଖିବାକୁ ମିଳିଥିଲା । ବିଦ୍ୟାଳୟ ଶିକ୍ଷକ, ସ୍ଥାନୀୟ ଅଙ୍ଗନବାଡ଼ି କର୍ମୀ ଓ ସ୍ୱାସ୍ଥ୍ୟ କର୍ମୀ ମାନେ କଷ୍ଟେ ମଷ୍ଟେ ଯିବା ଆସିବା କରୁଛନ୍ତି । ସ୍କୁଲ ପିଲା ଏବଂ ଅଙ୍ଗନବାଡ଼ି ଛୁଆ ଠାରୁ ଆରମ୍ଭ କରି ମହିଳା ପୁରୁଷ ସମସ୍ତେ ହନ୍ତସନ୍ତ ହେଉଛନ୍ତି । ଆଉ ଜରୁରିକାଳୀନ ପରିସ୍ଥିତରେ ସେମାନଙ୍କ କଷ୍ଟ ଦୁଇଗୁଣିତ ହେଉଛି ବୋଲି ଗାଁ ଲୋକେ କହିଛନ୍ତି । ଶିକ୍ଷା, ସ୍ୱାସ୍ଥ୍ୟ ହେଉ ଅବା ନିତିଦିନିଆ ଆବଶ୍ୟକିୟ ସାମଗ୍ରୀ କିମ୍ବା ପିଡିଏସ ସାମଗ୍ରୀ ହେଉ ସବୁବେଳେ ଏ ଅଂଚଳବାସୀ ନିର୍ଭରଶୀଳ ପଂଚାୟତ କାର୍ଯ୍ୟାଳୟ ଉପରେ । ଏବେ ଏହି ଗାଁ ପାଇଁ ରହିଛି ରାସ୍ତା ଓ ପୋଲ ସମସ୍ୟା । ଭଲ ରାସ୍ତାଟିଏ ନଥିବାରୁ ଅନେକ ହଇରାଣ ହୁଅନ୍ତି ଅଂଚଳବାସୀ । ହେଲେ ଗାଁକୁ ଯିବାକୁ ଏହି କଚ୍ଚା ରାସ୍ତା ଦେଇ ପାହାଡ଼ିଆ ନଦୀ ପାରି ହେବାକୁ ପଡେ । ଆଉ ବର୍ଷା ଦିନେ ଜଳବନ୍ଦୀ ଜୀବନ । ସରକାର ଅପହଂଚ ଇଲାକାରେ ରାସ୍ତା ସହ ପୋଲ ନିର୍ମାଣ କରି ଦୃଷ୍ଟାନ୍ତମୂଳକ ପଦକ୍ଷେପ ସବୁ ନେଉଛନ୍ତି । ହେଲେ ଶାସନ କାଳର ଦୂରଦୃଷ୍ଟି ଅଭାବରୁ ବିକାଶର ସ୍ରୋତରେ ସାମିଲ୍ ହେବାରୁ ବଂଚିତ ରହିଯାଇଛି ଚେରକା ପଂଚାୟତର ୩ ଖଣ୍ଡ ଗାଁ । ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଇ ଲୋକଙ୍କ ସମସ୍ୟା ସମାଧାନ ପାଇଁ ଗାଁ ର ଭୀମ ସନ୍ତା, ଶଶି ଅନ୍ତିଆ, ଜୟନ୍ତୀ ଭୂମିଆ, ବିଦ୍ୟାବତୀ ପୋଲାଇ ପ୍ରମୁଖ ଦାବି କରିଛନ୍ତି ।

# ଆଇଆଇଏମଟିରେ ଏଆଇ ଏବଂ ସମକାଳୀନ ଇଞ୍ଜିନିୟରିଂ ଉପରେ ଅନ୍ତର୍ଜାତୀୟ ସମ୍ମିଳନୀ

ଭୁବନେଶ୍ୱର, ୨୫/୦୮ (ନି.ପ୍ର): ଭୁବନେଶ୍ୱର କଂଟାବାଡ ସ୍ଥିତ ଇଂଟରସାଇନ୍ସ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଂଟ ଆଣ୍ଡ୍ ଟେକ୍ନୋଲୋଜି (ଆଇଆଇଏମଟି) ରେ ଶନିବାର ଏହାର କ୍ୟାମ୍ପସରେ ଏଆଇ ଏବଂ ସମକାଳୀନ ଇଞ୍ଜିନିୟରିଂ ଉପରେ ଆନ୍ତର୍ଜାତୀୟ ସମ୍ମିଳନୀ (ଏଆଇସିଇ-୨୦୨୫) ଆୟୋଜନ କରି ଜାତୀୟ ମହାକାଶ ଦିବସ ପାଳନ କରିଛି । ଏହି କାର୍ଯ୍ୟକ୍ରମରେ କୃତ୍ରିମ ବୁଦ୍ଧିମତ୍ତା ଏବଂ ସମକାଳୀନ ଇଞ୍ଜିନିୟରିଂରେ ଉଦୀୟମାନ ଧାରା ଉପରେ ବିଚାର ବିମର୍ଶ କରିବା ପାଇଁ ବିଶିଷ୍ଟ ଶିକ୍ଷାବିତ୍ ଏବଂ ଗବେଷକମାନଙ୍କୁ ଏକତ୍ରିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଆଇଆଇଏମଟି ର ନିର୍ଦ୍ଦେଶକ ପ୍ରଫେସର (ଡକ୍ଟର) ଜୟଦେବ କର ଅଧକ୍ଷତା କରି ସ୍ୱାଗତ ଭାଷଣ ଦେଇଥିଲେ । ଅଧିବେଶନଟି ଆସୋସିଏଟ୍ ଡିନ୍ (ଆରଆଣ୍ଡପି) ସୋମା ମିତ୍ରଙ୍କ ପରିଚୟ ସହିତ ଆରମ୍ଭ ହୋଇଥିଲା । ପରେ ଆସିଷ୍ଟାଂଟ ପ୍ରଫେସର ଶ୍ରୀ ଆଲୋକ ଅରୁଣ ଅତିଥିମାନଙ୍କୁ ଆନୁଷ୍ଠାନିକ ସ୍ୱାଗତ କରିଥିଲେ । ଜାତୀୟ ମହାକାଶ ଦିବସର ପୂର୍ବ ସନ୍ଧ୍ୟାରେ ଆଇଆଇଏମଟି ଛାତ୍ରଛାତ୍ରୀମାନଙ୍କ ପାଇଁ କର୍ପୋରେଟ୍ ଜଗତକୁ ବୁଝିବା ପାଇଁ ଆଇଆଇଏମଟି ଲେକ୍ଚର ନୋଟ୍ ନାମକ ଏକ ପୁସ୍ତକ ସିରିଜ୍ ଆରମ୍ଭ କରିଛି । ବିଶିଷ୍ଟ ବକ୍ତାମାନଙ୍କ ମଧ୍ୟରେ ଜାପାନର ହୟୋଗୋ ବିଶ୍ୱବିଦ୍ୟାଳୟର ପ୍ରଫେସର (ଡକ୍ଟର) କାଜୁମି ନକାମାଟସୁ ସମ୍ମାନଜନକ ଅଧକ୍ଷ ଭାବରେ ସମ୍ମିଳନୀରେ ମତ ରଖିଥିଲେ । ଏନଆଇଟିଟିଟିଆର ଚଣ୍ଡିଗଡ଼ର ପ୍ରଫେସର (ଡକ୍ଟର) ରୁପିନ୍ଦର ସିଂହ ଡିଜିଟାଲ ଟ୍ୱିନିଂ ପାଇଁ ନୂତନ ବାୟୋମାଟେରିଆଲ୍ସ ଏବଂ ଥ୍ରୀଡି ପ୍ରିଂଟିଂ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ବିପିୟୁଟି ରାଉରକେଲାର ଡକ୍ଟର ଡି. ଚନ୍ଦ୍ରଶେଖର ରାଓ ଏଆଇ ଏବଂ ସମକାଳୀନ ଇଞ୍ଜିନିୟରିଂ ଉପରେ ବକ୍ତବ୍ୟ ରଖିଥିଲେ । ଆଇଆଇଏମଟିର ପ୍ରଫେସର (ଡକ୍ଟର) ହିମାଂଶୁ ଶେଖର ମହାରଣା ଶିଳ୍ପ ପରିଚାଳନା ପାଇଁ ସମାନ୍ତରାଳ ନମନୀୟ ଉତ୍ପାଦନ ଉପରେ ଅନ୍ତର୍ଦୃଷ୍ଟି ବାଂଟିଥିଲେ । ଅଧକ୍ଷ ପ୍ରଫେସର (ଡକ୍ଟର) ଶ୍ରୀକାନ୍ତ ପଟ୍ଟନାୟକ ୨୦୦୭ ମସିହାରୁ ଆଇଆଇଏମଟିର ଶୈକ୍ଷିକ ଯାତ୍ରା ଉପରେ ନଜର ରଖିଥିଲେ । ପ୍ରଫେସର (ଡକ୍ଟର) ଋତୁପର୍ଣ୍ଣା ପଣ୍ଡା ଏଆଇ ଏବଂ ସମକାଳୀନ ଇଞ୍ଜିନିୟରିଂ ଉପରେ ଆଲୋଚନା କରିଥିଲା ବେଳେ ପ୍ରଫେସର (ଡକ୍ଟର) ଉମାରଞ୍ଜନ ଜେନା ମେକାନିକ୍ସରେ ଜେନେରେଟିଭ୍ ଏଆଇ ଉପରେ ଆଲୋକପାତ କରିଥିଲେ ଏବଂ ପ୍ରଫେସର (ଡକ୍ଟର) କବିରାଜ ସେଟ୍ଟୀ ଛାତ୍ରଛାତ୍ରୀମାନଙ୍କୁ ଭିଏଲଏସଆଇରେ କ୍ୟାରିଅର ସମ୍ଭାବନା ଉପରେ ମାର୍ଗଦର୍ଶନ କରିଥିଲେ । ପ୍ରଫେସର ପଟ୍ଟନାୟକ ଏବଂ ପ୍ରଫେସର କରଙ୍କ ଦ୍ୱାରା ସଭା ଶେଷ ହୋଇଥିଲା । ପ୍ରଫେସର (ଡକ୍ଟର) ପଟ୍ଟନାୟକଙ୍କ ବକ୍ତବ୍ୟ ଏବଂ ଆଇଆଇଏମଟି ଭୁବନେଶ୍ୱରର ସହକାରୀ ପ୍ରଫେସର ଶ୍ରୀ ଦେବାଶିଷ ମିଶ୍ରଙ୍କ ଧନ୍ୟବାଦ ସହିତ କାର୍ଯ୍ୟକ୍ରମ ଶେଷ ହୋଇଥିଲା ।

# ପୋଷାକ କିଣାରେ ଦୁର୍ନୀତି ଅଭିଯୋଗ

ଗଞ୍ଜାମ, ୨୫/୦୮ (ନି.ପ୍ର): କୁକୁଡାଖଣ୍ଡି ବ୍ଲକରେ ଅଙ୍ଗନବାଡି ଓ ସ୍କୁଲ ପୋଷାକ ଯୋଗାଇବା ତଥା ଚୟନରେ ବ୍ୟାପକ ବେନିୟମ ଓ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି । ଚୟନ ପ୍ରକ୍ରିୟା ସରକାର ନିୟମକୁ ଅଣଦେଖା କରି କରାଯାଇଛି । ଏ ବିଷୟରେ ସିଡିପିଓ, ବିଇଓଙ୍କୁ ପଚାରିଲେ ବିଧାୟକ ଓ ମନ୍ତ୍ରୀଙ୍କ ନାମ ନେଇ ପାର ହେବାକୁ ଯୋଜନା କରୁଛନ୍ତି । ଏହାର ପ୍ରକୃତରେ ଯେଉଁ ମାନଙ୍କୁ ଚୟନ କରାଯାଇଛି ସେମାନଙ୍କର କୌଣସି ଭିତିଭୂମି ନାହିଁ ସେମାନେ ବଜାରରୁ ଅତି ନିମ୍ନମାନର ପୋଷାକ କିଣି ବିତରଣ କରୁଛନ୍ତି । କିଏ କିଏ ଗତ ବର୍ଷର ପୋଷାକ କିଣି ମିଥ୍ୟା ବିଲ କରି ନେଉଛନ୍ତି । ଏହାର ତଦନ୍ତ କରିବାକୁ ସାଧାରଣରେ ଦାବି ହେଉଛି । ନଚେତ୍ ଜିଲ୍ଲାପାଳ, ଡିପିସି, ନିର୍ଦ୍ଦେଶକ ଶିକ୍ଷା ବିଭାଗଙ୍କ ନିକଟରେ ଅଭିଯୋଗ କରାଯାଇଥିବା ଜଣାପଡିଛି ।

# ଅବସରପ୍ରାପ୍ତ ଅମଲା ସଂଘ କର୍ମଚାରୀଙ୍କ ବନ୍ଧୁ ମିଳନ

କେନ୍ଦ୍ରାପଡ଼ା, ୨୫/୦୮ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ଅବସର ପ୍ରାପ୍ତ ଅମଲା ସଂଘ କର୍ମଚାରୀଙ୍କ ବନ୍ଧୁ ମିଳନ ଜିଲ୍ଲା କାର୍ଯ୍ୟାଳୟ କର୍ମଚାରୀ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ କର୍ମଚାରୀ ନିତ୍ୟାନନ୍ଦ ମିଶ୍ରଙ୍କ ଅଧକ୍ଷତାରେ ଆୟୋଜିତ ଏହି ବନ୍ଧୁ ମିଳନରେ ଅକ୍ଷୟ ନାୟକ, ହରେକୃଷ୍ଣ ବରାଳ, ପ୍ରକାଶ ଚନ୍ଦ୍ର ମହାନ୍ତି, ନିରଞ୍ଜନ ମହାନ୍ତି, ବସନ୍ତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ସଭା ପ୍ରାରମ୍ଭରେ ସଂଘର ବରିଷ୍ଠ କର୍ମକର୍ତ୍ତା ଅର୍ଜ୍ଜୁନ ମହାକୁଡ଼ଙ୍କ ବିୟୋଗରେ ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ଏଥିସହିତ ସଂଘର ବିଭିନ୍ନ ସମସ୍ୟା ଓ ଦୀର୍ଘ ୧୨ ଦିନ ହେବା କାର୍ଯ୍ୟରତ ଅମଲା ସଂଘ କର୍ମଚାରୀମାନେ ଧାରଣାରେ ବସି ରହିଥିବାରୁ ସେମାନଙ୍କର ନ୍ୟାର୍ଯ୍ୟ ଦାବିଗୁଡ଼ିକୁ ସରକାର ତୁରନ୍ତ ପୁରଣ କରିବା ଉଚିତ୍ ବୋଲି ମତ ପ୍ରକାଶ କରିଥିଲେ । ଆୟୋଜିତ ଏହି ବନ୍ଧୁ ମିଳନରେ ଗୌରାଙ୍ଗ ଚରଣ ବେହେରା, ଉମାକାନ୍ତ ବିଶ୍ୱାଳ, ଅଶୋକ କୁମାର ପଣ୍ଡା, ଗୌରାଙ୍ଗ କର, ନିର୍ମଳ ଚନ୍ଦ୍ର ଦାସ, ଶରତ ଧଳ ପ୍ରମୁଖ ଉପସ୍ଥତ ଥିଲେ ।

# ଅର୍ଥନୀତି ଏବଂ ପରିସଂଖ୍ୟାନ ନିର୍ଦ୍ଦେଶକ, ଓଡିଶାଙ୍କ ବଲାଙ୍ଗୀର ଜିଲ୍ଲା ପରିଦର୍ଶନ

ବଲାଙ୍ଗିର, ୨୫/୦୮ (ନି.ପ୍ର): ଅର୍ଥନୀତି ଏବଂ ପରିସଂଖ୍ୟାନ ନିର୍ଦ୍ଦେଶକ, ଓଡିଶା ଶ୍ରୀ ବିଜୟ ଭୂଷଣ ନନ୍ଦ ବଲାଙ୍ଗୀର ଜିଲ୍ଲା ଗସ୍ତ କରିଥିଲେ ଏବଂ ଜିଲ୍ଲାରେ କୃଷି ପରିସଂଖ୍ୟାନ ରିପୋର୍ଟିଂ ଏଜେନ୍ସି ପ୍ରତିଷ୍ଠା ( ଇ ଏ ଆର ଏ ଏସ ), ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ( ପି ଏମ୍ ଏଫ୍ ବି ଆଇ ), ଫସଲ ପରିସଂଖ୍ୟାନର ଉନ୍ନତି ( ଆଇ ସି ଏସ ), ଜାତୀୟ ନମୁନା ସର୍ଭେ ( ଏନ୍ ଏସ ଏସ ), ସପ୍ତମ କ୍ଷୁଦ୍ର ଜଳସେଚନ ଜନଗଣନା ଏବଂ ଜଳାଶୟର ଦ୍ୱିତୀୟ ଗଣନା, ଏକାଦଶ କୃଷି ଜନଗଣନା, ମୂଲ୍ୟ ପରିସଂଖ୍ୟାନ, ଶିଳ୍ପ ବାର୍ଷିକ ସର୍ଭେ ( ଏ ଏସ ଆଇ ), ଶିଳ୍ପ ଉତ୍ପାଦନ ସୂଚକାଙ୍କ, ଉପଭୋକ୍ତା ଏବଂ ମୂଲ୍ୟ ସୂଚକାଙ୍କ ( ସି ପି ଆଇ ), ସରକାରୀ ପରିସଂଖ୍ୟାନ/ ପ୍ରକାଶନ, କୃଷି ଶ୍ରମିକ ମଜୁରୀ, ନବୋଇ (ଗ୍ରାମୀଣ), ଏନ୍ ବି ଓ (ସହରାଚଂଳ) ଏବଂ ସରକାରଙ୍କ ଅନ୍ୟାନ୍ୟ ଯୋଜନା/ପ୍ରମୁଖ କାର୍ଯ୍ୟକ୍ରମ ପରି ସମୀକ୍ଷା କରିଥିଲେ । ସଦସ୍ୟ ସଂସଦ ସ୍ଥାନୀୟ କ୍ଷେତ୍ର ବିକାଶ ଯୋଜନା ( ଏମ୍ ପି ଲାଡସ ), ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ( ଡବ୍ଲୁ ଓ ଡି ସି ), କ୍ରିଟିକାଲ୍ ଗ୍ୟାପ୍ ଫଣ୍ଡ (ସି ଜି ଏଫ୍ ) ଇତ୍ୟାଦି । ସେ ବଲାଙ୍ଗୀର ଜିଲ୍ଲା ଯୋଜନା ଏବଂ ମନିଟରିଂ ୟୁନିଟ୍ ( ଡି ପି ଏମ୍ ୟୁ)ର ଉପନିର୍ଦ୍ଦେଶକଙ୍କୁ ପରାମର୍ଶ ଦେଇଛନ୍ତି ଯେ, ବିଭିନ୍ନ ଯୋଜନା ଅଧୀନରେ ତଥ୍ୟ ସଠିକ୍ ଭାବରେ ସଂଗ୍ରହ କରାଯାଇ ଗୁଣବତା, ସ୍ୱଚ୍ଛତା ଏବଂ ସମୟସୀମା ବଜାୟ ରଖିବା ନିଶ୍ଚିତ କରନ୍ତୁ । ନିର୍ଦ୍ଦେଶକ ପର୍ଯ୍ୟବେକ୍ଷକ ଏବଂ ଅନ୍ୟାନ୍ୟ କ୍ଷେତ୍ର କାର୍ଯ୍ୟକର୍ତା ମାନଙ୍କୁ ନିୟମିତ କ୍ଷେତ୍ର ପରିଦର୍ଶନ କରିବାକୁ ଏବଂ ପ୍ରକୃତ ସମୟ ତଥ୍ୟ ସଂଗ୍ରହ କରିବାକୁ ଏବଂ ନିର୍ଦ୍ଦିଷ୍ଟ ତଥ୍ୟ ଢାଂଚା ଏବଂ ଏହାର କାରଣ ଯେପରିକି ବିଭିନ୍ନ ଋତୁରେ ଫସଲ କ୍ଷେତ୍ରରେ ପରିବର୍ତନ, ବିଭିନ୍ନ ଫସଲର ଋତୁ କାଳୀନ, ଚାଷୀଙ୍କ ମଧ୍ୟରେ ଫସଲ ବୀମାର ସ୍ଥିତି ଇତ୍ୟାଦି ବିଷୟରେ ବୁଝିବାକୁ ପରାମର୍ଶ ଦେଇଛନ୍ତି । ବର୍ତମାନ, ରାଜ୍ୟ ସରକାର ଏବଂ ଅର୍ଥନୈତିକ ଏବଂ ପରିସଂଖ୍ୟାନ ନିର୍ଦ୍ଦେଶାଳୟ ଡିଜିଟାଇଜଡ୍ ମୋଡ୍ ମାଧ୍ୟମରେ ଅଧିକ ପ୍ରାମାଣିକ ପରିସଂଖ୍ୟାନ ପାଇଁ ତଥ୍ୟ ସଂଗ୍ରହ ପ୍ରକ୍ରିୟାକୁ ବୃଦ୍ଧି କରିବାକୁ ସର୍ବାଧିକ ପ୍ରାଥମିକତା ଦେଇଛନ୍ତି । ସେ ଏହା ମଧ୍ୟ ସୂଚନା ଦେଇଛନ୍ତି ଯେ, ବିଭିନ୍ନ ଯୋଜନାରୁ ସଂଗୃହିତ ତଥ୍ୟ ଶେଷରେ ଦେଶର ଯୋଜନା ଏବଂ ବଜେଟ୍ ପ୍ରସ୍ତୁତି ପାଇଁ ଏବଂ ଦେଶ ନିର୍ମାଣ କାର୍ଯ୍ୟରେ ବ୍ୟବହୃତ ହୁଏ । ନିର୍ଦ୍ଦେଶକ ପରାମର୍ଶ ଦେଇଛନ୍ତି ଯେ କାର୍ଯ୍ୟାଳୟର ଭଲ କାର୍ଯ୍ୟକାରିତା ପାଇଁ ପରିସଂଖ୍ୟାନ ଏବଂ ଯୋଜନା ବିଭାଗ ଉଭୟ ଗୋଟିଏ ସ୍ଥାନରେ ରହିବା ଉଚିତ ଏବଂ ସେ ଅତିରିକ୍ତ ନିର୍ଦ୍ଦେଶକ (ଘଜ, ସମ୍ବଲପୁର), ଉପ-ନିର୍ଦ୍ଦେଶକ, ବଲାଙ୍ଗୀର ଏବଂ ସହାୟକ ନିର୍ଦ୍ଦେଶକ, ବଲାଙ୍ଗୀରଙ୍କୁ ସମ୍ଭାବ୍ୟତା ଅନୁସନ୍ଧାନ ଏବଂ ପାଣ୍ଠି ମଞ୍ଜୁର ପାଇଁ ଆକଳନ ଦାଖଲ କରିବାକୁ ପରାମର୍ଶ ଦେଇଛନ୍ତି । ସେ ବଲାଙ୍ଗୀର ଉପ-ନିର୍ଦ୍ଦେଶକ (ଯୋଜନା ଏବଂ ପରିସଂଖ୍ୟାନ), ବଲାଙ୍ଗୀର ଏବଂ ସହକାରୀ ନିର୍ଦ୍ଦେଶକ (ପରିସଂଖ୍ୟାନ)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ ସମ୍ମିଳନୀ ହଲକୁ ଉପଯୁକ୍ତ ଭିଡିଓ କନଫରେନ୍ସିଂ ସୁବିଧା ସହିତ ଏକ ସର୍ବୋତମ ସମ୍ମିଳନୀ ହଲରେ ବିକଶିତ କରନ୍ତୁ, ଯାହା ଦ୍ୱାରା ଅନଲାଇନ୍ ଏବଂ ଅଫଲାଇନ୍ ବୈଠକ ଉଭୟ ଆୟୋଜନ କରାଯାଇପାରିବ । ବିଭିନ୍ନ ଯୋଜନାର ଅଗ୍ରଗତି ସମୀକ୍ଷା କରାଯାଇଥିଲା । ସେ ସପ୍ତମ କ୍ଷୁଦ୍ର ଜଳସେଚନ ଜନଗଣନା ଏବଂ ଜଳାଶୟର ଦ୍ୱିତୀୟ ଗଣନା ପାଇଁ ଗଣନାକାରୀଙ୍କ ତୁରନ୍ତ ଚୟନ ଉପରେ ଗୁରୁତ୍ୱାରୋପ କରିଛନ୍ତି । ଏମ୍ ଓ ଜନଗଣନା ୧୫ ସେପଟ୍ଟେମ୍ବର ମଧ୍ୟରେ ସମାପ୍ତ ହେବା ଉଚିତ । ସେ ଡି ପି ଏମ ୟୁ ର ଅଧିକାରୀଙ୍କୁ ବିଭିନ୍ନ ଯୋଜନା ଅଧୀନରେ ସଂଗୃହିତ ତଥ୍ୟ ବିଶ୍ଲେଷଣ କରିବାକୁ ଏବଂ ପରାମର୍ଶକୁ ଜିଲ୍ଲା ପ୍ରଶାସନ ଏବଂ ନିର୍ଦ୍ଦେଶାଳୟକୁ ମୂଲ୍ୟାଙ୍କନ କରିବାକୁ ପରାମର୍ଶ ଦେଇଛନ୍ତି । ନିର୍ଦ୍ଦେଶକ ପାଟନାଗଡ଼ ଏବଂ ଖପ୍ରାଖୋଲ ବ୍ଲକ ପରିଦର୍ଶନ କରିଛନ୍ତି । ସେ ପାଟନାଗଡ଼ ବ୍ଲକ, ବ୍ଲକ ପରିସଂଖ୍ୟାନ କାର୍ଯ୍ୟାଳୟ ପରିଦର୍ଶନ କରିଛନ୍ତି ଏବଂ କୋଠାଟି ଉପଯୁକ୍ତ ବ୍ୟବହାରରେ ନଥିବା ଦେଖି ଆଶ୍ଚର୍ଯ୍ୟ ହୋଇଥିଲେ । ସେ ଉପନିର୍ଦ୍ଦେଶକଙ୍କୁ ଏହାର ନବୀକରଣ ପାଇଁ ଏକ ଆକଳନ ପ୍ରସ୍ତୁତ କରିବାକୁ ଏବଂ ଏହାକୁ ଓଡ଼ିଶା, ଭୁବନେଶ୍ୱରର ଅର୍ଥନୀତି ଏବଂ ପରିସଂଖ୍ୟାନ ନିର୍ଦ୍ଦେଶକଙ୍କ ନିକଟରେ ଦାଖଲ କରିବାକୁ ପରାମର୍ଶ ଦେଇଛନ୍ତି । ତା'ପରେ ସେ ତାଳପଦର ଗ୍ରାମ ପରିଦର୍ଶନ କରି ସପ୍ତମ ଏମ୍ ଆଇ ଜନଗଣନା ପ୍ରକଳ୍ପ ଦେଖିଛନ୍ତି । ସେ ଚାଷୀମାନଙ୍କ ସହିତ ଆଲୋଚନା କରିଛନ୍ତି ଏବଂ କ୍ଷେତ୍ର କର୍ମଚାରୀମାନଙ୍କୁ ଗାଁର ସଠିକ୍ ଡାଟାବେସ୍ ବଜାୟ ରଖିବା ଏବଂ ଏହାକୁ ସଠିକ୍ ଭାବରେ ଅପଲୋଡ୍ କରିବାକୁ ପରାମର୍ଶ ଦେଇଛନ୍ତି । ନିର୍ଦ୍ଦେଶକ ଖପ୍ରାଖୋଲ ବ୍ଲକରେ ଥିବା ବି ଏସ ଓ ବି ଏସ ଓ କୋଠା ମଧ୍ୟ ପରିଦର୍ଶନ କରିଛନ୍ତି । ପରିଦର୍ଶନ ସମୟରେ ସଂଜୟ କୁମାର ନନ୍ଦ, ଅତିରିକ୍ତ ନିର୍ଦ୍ଦେଶକ (ଏନ ଆର, ସମ୍ବଲପୁର), ଅଙ୍କିତ କୁମାର ମହାକୁର, ଉପ ନିର୍ଦ୍ଦେଶକ ( ପି ଏଣ୍ଡ ଏସ ), ସୁନ୍ଦର ମୋହନ ଖଣ୍ଡେଇ, ସହକାରୀ ନିର୍ଦ୍ଦେଶକ (ପରିସଂଖ୍ୟାନ), ସଂଜୟ କୁମାର ଦୀପ, ସହକାରୀ ନିର୍ଦ୍ଦେଶକ (ଯୋଜନା), ଗଣେଶ୍ୱର ମାର୍ଣ୍ଡି (ପରିସଂଖ୍ୟାନ ଅଧିକାରୀ), ସୁଭ୍ରଜିତ ବେହେରା (ପରିସଂଖ୍ୟାନ ଅଧିକାରୀ), ବୃନ୍ଦାବନ ମନହିରା (ଏସ ଏସ ଏଫ୍ ଆଇ), ସୁମନ୍ତ ସୁନା (ଏସ ଏଫ ଆଇ ), ଅଭିଷେକ ପାଢି (ଏସ ଏଫ୍ ଏସ), ଭିକାରୀ ନାଗ (ଏସ ଏଫ୍ ଏସ), ଦିବ୍ୟ ଚରଣ ଶତପଥୀ (ଏସ ଏଫ୍ ଏସ୍ ), ଭୂପେଶ ଭୁଏ (ଏସ ଏଫ୍ ଏସ) ଏବଂ ମିସ୍ ବିନ୍ଦୁପ୍ରିୟା ଭୁଏ (ଜୁନିୟର ଆସିଷ୍ଟାଣ୍ଟ) ଉପସ୍ଥିତ ଥିଲେ ।

# ବେଗୁନିଆ ଠିକାଦାର ସଂଘ ବୈଠକ: ୧୪.୯୯ % କମ୍‌ରେ କାମକୁ ବିରୋଧ

ଖୋର୍ଦ୍ଧା, ୨୫/୦୮ (ନି.ପ୍ର): ବେଗୁନିଆ ବ୍ଲକ୍ କେନ୍ଦୁପଲ୍ଲୀସ୍ଥିତ କଲ୍ୟାଣ ମଣ୍ଡପ ଠାରେ ବେଗୁନିଆ ଠିକାଦାର ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଦିବଂଗତ ଠିକାଦାର ପବିତ୍ର ସୁନ୍ଦରାୟ ଙ୍କ ଉଦ୍ଦେଶ୍ୟରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଠିକାଦାରମାନେ ଜିଲ୍ଲାରେ ଠିକାଦାର ଙ୍କ ଦୂରାବସ୍ଥା ସମ୍ପର୍କରେ ସବିସ୍ତୃତ ଆଲୋଚନା କରିଥିଲେ । ବିଶେଷ କରି କାମରେ ୧୪.୯୯ ପ୍ରତିଶତ କମ୍‌ରେ କାମକୁ ସମସ୍ତେ ବିରୋଧ କରିଥିଲେ । ସର୍ବସମ୍ମତି କ୍ରମେ ନିଷ୍ପତ୍ତି ହେଲା, ୧୪.୯୯ ପ୍ରତିଶତ କମରେ କେହି କାମ କରିବେନି । ଯଦିବା କାମ କରନ୍ତି ତା'ହେଲେ ତାହାର ତୀବ୍ର ବିରୋଧ କରାଯିବ । ଦରକାର ପଡିଲେ ସଂଘ ତରଫରୁ ଭିଜିଲାନ୍ସ ବିଭାଗକୁ ଅଭିଯୋଗ କରଯିବ । ପୁନଶ୍ଚ ଆଗକୁ ବିଭିନ୍ନ ନିର୍ମାଣ କାର୍ଯ୍ୟରେ ଯେଉଁ ଟେଣ୍ଡର ପକାଇବେ ସେଥିରେ କାହାରି ଯେମିତି ୧୪.୯୯ ପ୍ରତିଶତ କମ୍ ?ରେ ଟେଣ୍ଡର ନପଡ଼େ । ସେହିଭଳି ବିଭିନ୍ନ ବିଭାଗର ଯେଉଁସବୁ କାର୍ଯ୍ୟର ଟେଣ୍ଡର ପଡିବ ସେଥିରେ ମଧ୍ୟ ଠିକାଦାର ୧୪.୯୯ ପ୍ରତିଶତ କମ୍‌ରେ ଟେଣ୍ଡର ନ ପକାଇବାକୁ ନିଷ୍ପତ୍ତି ହୋଇଥିଲା । ବିଶେଷକରି କୌଣସି ବିଭାଗରେ ଟେଣ୍ଡର ବି ସ୍ପେଶାଲ ଶ୍ରେଣୀଭୁକ୍ତ- ଏ,ବି,ସି,ଡିର ଠିକାଦାର ମାନେ ସିଡ୍ୟୁଲ ରେଟ୍‌ରେ ଟେଣ୍ଡର ପକାଇବେ ବୋଲି ସର୍ବସମ୍ମତି କ୍ରମେ ନିଷ୍ପତି ହୋଇଥିଲା । ଏହାପରେ ମାସକୁ ଥରେ ବୈଠକ କରିବା ଓ ଏହି ବୈଠକରେ କାମର ପୁଙ୍ଖାନୁପୁଙ୍ଖ କରାଯାଇ ପ୍ରସ୍ତାବ ଗୃହୀତ କରାଗଲା । ବୈଠକରେ ବରିଷ୍ଠ ଠିକାଦାର ଅମୀୟ କୁମାର ପଣ୍ଡା ଅଧକ୍ଷତା କରିଥିବା ବେଳେ କମିଟି ସଦସ୍ୟ ଭାବେ ଅକ୍ଷୟ ପ୍ରଧାନ, ଅଜୟ ପ୍ରଧାନ, ରମେଶ କୁମାର ସାହୁ, ଜିଆଉଲ ରହେମାନ୍ ଖାଁ,ଅଶୋକ କୁମାର ସେନାପତି, ଦିବାକର ପଣ୍ଡା ମନୋନୀତ କରାଯାଇଥିଲା । ଅନ୍ୟ ମାନଙ୍କ ମଧ୍ୟରେ ବିଚିତ୍ର ସୁବୁଦ୍ଧି, ଗଙ୍ଗାଧର ଗୋଛି, ଲଲାଟ ପାଟସାନୀ, ଦିବାକର ପରିଡ଼ା, ଗଙ୍ଗାଧର ପ୍ରଧାନ, ଅକ୍ଷୟ ପରିଡ଼ା, ତାଜୁଦିନ ଖାଁ, ପୂଜେଶ କୁମାର ପ୍ରଧାନ, ଜାମିଲୁର୍ ରେହେମାନ୍ ଖାଁ, ବ୍ରଜବନ୍ଧୁ ସେଠୀ, ଜିତେନ୍ଦ୍ର ସୁବୁଦ୍ଧି,ପପୁ ବେହେରା ପ୍ରମୁଖ ଯୋଗଦେଇଥିଲେ ।

# ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସମନ୍ୱୟ ବୈଠକ ୫ରୁ ୭ ସେପ୍ଟେମ୍ବର ପର୍ଯ୍ୟନ୍ତ ଯୋଧପୁରରେ

ନୂଆଦିଲ୍ଲୀ, ୨୫/୦୮ (ନି.ପ୍ର): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ରା.ସ୍ୱ.ସଂଘ)ର ଅଖିଳ ଭାରତୀୟ ସମନ୍ୱୟ ବୈଠକ ଆସନ୍ତା ୦୫ରୁ ୦୭ ସେପଟ୍ଟେମ୍ବର ପର୍ଯ୍ୟନ୍ତ ରାଜସ୍ଥାନର ଯୋଧପୁରରେ ଆୟୋଜିତ ହେବ । ଏହି ବୈଠକରେ ସରସଂଘଚାଳକ ଡା. ମୋହନ ଭାଗବତ ଓ ସରକାର୍ଯ୍ୟବାହ ଦତ୍ତାତ୍ରେୟ ହୋସବାଲେ ସହିତ ସମସ୍ତ ଛଅଜଣ ସହ ସରକାର୍ଯ୍ୟବାହ ଓ ଅନ୍ୟାନ୍ୟ ପ୍ରମୁଖ ପଦାଧିକାରୀମାନେ ଯୋଗ ଦେବେ । ସଂଘର ଅଖିଳ ଭାରତୀୟ ପ୍ରଚାର ପ୍ରମୁଖ ସୁନୀଲ ଆମ୍ବେକର ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ ରା.ସ୍ୱ.ସଂଘ ପ୍ରତିବର୍ଷ ତିନିଦିନିଆ ଅଖିଳ ଭାରତୀୟ ସମନ୍ୱୟ ବୈଠକ ଆୟୋଜନ କରିଥାଏ । ଗତ ବର୍ଷ ଏହି ବୈଠକ ସେପଟ୍ଟେମ୍ବର ୨୦୨୪ ରେ କେରଳର ପାଲକ୍କାଡରେ ସମ୍ପନ୍ନ ହୋଇଥିଲା । ସଂଘର ଏହି ଅଖିଳ ଭାରତୀୟ ସମନ୍ୱୟ ବୈଠକରେ ସଂଘ ପ୍ରେରିତ ୩୨ଟି ବିଭିନ୍ନ ସଂଗଠନର ଚୟନିତ ପଦାଧିକାରୀମାନେ ଏଥିରେ ଭାଗ ନେଇଥାନ୍ତି । ମୁଖ୍ୟ ରୂପେ ଏହି ସଂଗଠନଗୁଡିକର ଅଧକ୍ଷ ଓ ସଂଗଠନ ମହାମନ୍ତ୍ରୀ ଏହି ବୈଠକରେ ହୋଇଥାନ୍ତି । ଏହି ବର୍ଷ ମଧ୍ୟ ବୈଠକରେ ରାଷ୍ଟ୍ର ସେବିକା ସମିତି, ବନବାସୀ କଲ୍ୟାଣ ଆଶ୍ରମ, ବିଶ୍ୱ ହିନ୍ଦୁ ପରିଷଦ, ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ, ଭାରତୀୟ ଜନତା ପାର୍ଟି, ଭାରତୀୟ କିଶାନ ସଂଘ, ବିଦ୍ୟା ଭାରତୀ, ଭାରତୀୟ ମଜଦୁର ସଂଘ ସହିତ ୩୨ଟି ସଂଘ ପ୍ରେରିତ ବିଭିନ୍ନ ସଂଗଠନର ଜାତୀୟ ଅଧକ୍ଷ, ସଂଗଠନ ମନ୍ତ୍ରୀ ଏବଂ ପ୍ରମୁଖ ପଦାଧିକାରୀମାନେ ସହଭାଗୀ ହେବେ ।

ସୁନୀଲ ଆମ୍ବେକର କହିଛନ୍ତି ଯେ ଏହି ସମସ୍ତ ସଂଗଠନ ସଂଘର ଚିନ୍ତାଧାରା ଅନୁରୂପ ସାମାଜିକ ଜୀବନର ବିଭିନ୍ନ କ୍ଷେତ୍ରରେ ସକାରାତ୍ମକ ଭାବରେ କାର୍ଯ୍ୟରତ ଅଛନ୍ତି । ସାର୍ବଜନିକ ଜୀବନରେ ଗଣତାନ୍ତ୍ରିକ ପଦ୍ଧତି ମାଧ୍ୟମରେ ସାମାଜିକ ପରିବର୍ତ୍ତନ ଏବଂ ବ୍ୟବସ୍ଥାରେ ସୁଧାର ପାଇଁ ସେମାନେ ନିରନ୍ତର ପ୍ରୟାସ କରୁଛନ୍ତି । ବୈଠକରେ ସମସ୍ତ ସଂଗଠନ ନିଜ-ନିଜ କାର୍ଯ୍ୟକ୍ଷେତ୍ରର ଅନୁଭବ ଆଧାରରେ ପରିସ୍ଥିତିର ଆକଳନ ପ୍ରସ୍ତୁତ କରନ୍ତି । ଜାତୀୟ ଏକତା, ସୁରକ୍ଷା ଓ ସାମାଜିକ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକୁ ନେଇ ବୈଠକରେ ବ୍ୟାପକ ଆଲୋଚନା ସହିତ କରଣୀୟ କାର୍ଯ୍ୟରେ ପରସ୍ପର ସମନ୍ୱୟ ସ୍ଥାପନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଏ । ସେହିପରି, ସମ୍ପ୍ରତି ଘଟିଥିବା ଗୁରୁତ୍ୱପୂର୍ଣ୍ଣ ଘଟଣାବଳୀରେ ସାମୂହିକ ସମୀକ୍ଷାତ୍ମକ ବିଶ୍ଲେଷଣ ମଧ୍ୟ କରାଯିବ ।

ଏହିଥରର ବୈଠକରେ ମଧ୍ୟ ବିଭିନ୍ନ ସଂଗଠନର କାର୍ଯ୍ୟକର୍ତ୍ତାମାନେ ନିଜ କାର୍ଯ୍ୟର ସୂଚନା, ଉପଲବ୍ଧି ଏବଂ ଆଗାମୀ ପରିକଳ୍ପନାମାନଙ୍କୁ ପ୍ରସ୍ତୁତ କରିବେ । କାରଣ ଏହା ସଂଘର ସ୍ଥାପନାର ଶତବାର୍ଷିକୀ ବର୍ଷ ହୋଇଥିବା କାରଣରୁ ସଂଘ ଶତାବ୍ଦୀ ଉପଲକ୍ଷ୍ୟରେ କାର୍ଯ୍ୟକ୍ରମଗୁଡିକରେ ସମସ୍ତ ସଂଗଠନର ସହଭାଗୀତା ନେଇ ମଧ୍ୟ ଚର୍ଚ୍ଚା କରାଯିବ ।

# ବିମାନ ସେବା ଠପ୍ ପରେ ରାଂଚି ଓ ଝାରସୁଗୁଡାକୁ ଭରଷା କଲା ସେଲ ଓ ଆରଏସପି: ରାଉରକେଲା ବିମାନ ବନ୍ଦରକୁ ନେଇ କୁହୁଳୁଛି ନିଆଁ

ରାଉରକେଲା, ୨୫/୦୮ (ନି.ପ୍ର): ରାଉରକେଲା ବିମାନବନ୍ଦର ମାତ୍ର ୩ ବର୍ଷ ଏଠାରେ ଯାହା ତାହା ଅବସ୍ଥାରେ ଚାଲିବା ପରେ ହଠାତ୍ ବିମାନ ସେବା ବନ୍ଦ ହେବା ଓ ବିମାନ କଂପାନୀ ଆଉ ବିମାନ ଚଳାଇପାରିବ ନାହିଁ ବୋଲି କହିବା ପରେ ସହରରେ ଏକ ପ୍ରକାର ବିମାନ ସେବା ବନ୍ଦ ରହିବା ସହ ଏଥିରେ ଆରଏସପି ପ୍ରଭାବିତ ହୋଇଛି ଓ ଝାରସୁଗୁଡାରୁ ବିମାନରେ ଭୁବନେଶ୍ୱର ଜିବା ଲାଗି ଏଠାରେ ଲାଗିଥିବା ପ୍ରଚାରହୋଡିଂକୁ ସହରର ସୁପରିଚିତ ସମାଜସେବୀ ମୁକ୍ତିକାନ୍ତ ଚିରିଦେବା ପରେ ବିମାନ ସେବାକୁ ନେଇ ଲୋକଙ୍କ ଭିତରେ ଅସନ୍ତୋଷ ବଢିବାରେ ଲାଗିଛି ଏବଂ ଏହାର ପ୍ରଭାବ ବିଜେପି, ବିଜେଡି ଉପରେ ଅଧିକ ପଡିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି । ଏଠାରେ ଉଲ୍ଲେଖଯୋଗ୍ୟ, ବିଶ୍ୱ ହକି ସମୟରେ ଆବଶ୍ୟକତାକୁ ନେଇ ବିମାନ ସେବା ଏଠାରେ ଆରମ୍ଭ ହୋଇଥିଲା, ପରେ ଏହି ସେବାକୁ ବଢାଇବା ସହ ଏଠାରେ ୩ସି କିମ୍ବା ୪ସି ରନିଂ ବ୍ୟବସ୍ଥା କରିବାକୁ ଦାବି ଉଠିଥିଲା । ତେବେ ତା' ଭିତରେ ଆଲିଆନ୍ସ ଏୟାର ହଠାତ ମାସେ ବିମାନ ସେବା ବନ୍ଦ କରି ପରେ କହିଲା ଆଉ ଆମେ ଏ ସେବା ଦେଇପାରିବୁ ନାହିଁ ଆମର ଆଉ ବିମାନ ନାହିଁ । ତା' ପରେ ସହରରେ ଏହାକୁ ନେଇ ନିରବ ଝଡ ସୃଷ୍ଟି ହୋଇଛି । ତେବେ ଏହି ଘଟଣା ପରେ ରାଉରକେଲା ବିଧାୟକ ନିରବ ଥିବାବେଳେ ଖୋଦ ଏମପି ଓ କେନ୍ଦ୍ର ମନ୍ତ୍ରୀ ଜୁଏଲ ବାବୁଙ୍କର ଅଦଭୁତ ନିରବତା ଲୋକଙ୍କୁ ଆଶ୍ଚର୍ଯ୍ୟ କରିଛି । କାରଣ ସେ କେନ୍ଦ୍ର ମନ୍ତ୍ରୀ ସେ ଚାହିଁଲେ ଏ ସେବା ଆଗକୁ ବଢିପାରିବ, ବିରୋଧୀ ବିଧାୟକ ମଧ୍ୟ ଏହାକୁ ନେଇ ପଦେ ନକହିବା ତାଙ୍କର ରାଉରକେଲା ପ୍ରତି କେତେ ଆପଣାର ଭାବ ରହିଛି ବୋଲି ନେଇ ନାନା କଥା ଆଲୋଚନା ଚାଲିଛି । ଏତିକି ବେଳେ ବିଜେପି ସରକାର ରାଉରକେଲାକୁ ଏ କି ଉପହାର ଦେଲେ ବୋଲି ପ୍ରଶ୍ନ ହେଉଥିବା ବେଳେ ଆଉ ନିର୍ବାଚନରେ ଠିଆ ହେବେ ନି ବୋଲି ସେ ଏଭଳି ନିରବ ରହିଛନ୍ତି କି ବୋଲି ପ୍ରଶ୍ନ ହେଉଛି । ରାଉରକେଲା ଷ୍ଟିଲ ପ୍ଲାଂଟ, ସେଲ ଏଥିଲାଗି ନାନା ପ୍ରକାର ପ୍ରଭାବିତ ହେବାରେ ଲାଗିଛନ୍ତି । ସେଲ ର ୨ଟି ବିମାନ ଏବେ ରାଂଚିରେ ରହିଥିବା ବେଳେ ଆଗାମୀ ଆଧୁନିକିକରଣ ଲାଗି ସେଲର ଅଧିକାରୀ ମାନେ ରାଉରକେଲାକୁ ଝାରସୁଗୁଡା ଓ ରାଂଚି ବିମାନ ବନ୍ଦର ଦେଇ ଆସୁଥିବା ଖବର ମିଳିଛି । ଖାଲି ସେତିକି ନୁହେଁ ଏନଆଇଟି ରେ ଥିବା ପିଲାଙ୍କ ବାପ ମା, ଏଠାରେ ଚାକିରୀ କରି ନିଜର ପରିବାରକୁ ବାହାରେ ରଖି ବିମାନ ଉପରେ ନିର୍ଭର କରୁଥିବା ଲୋକେ ମଧ୍ୟ ଘାଂଟି ହେବା ଆରମ୍ଭ ହୋଇଛନ୍ତି । ଏହାଛଡା ବିମାନ ସେବାକୁ ନେଇ ଏବେ ହୋଟେଲ ଠାରୁ ସହରର ବିଭିନ୍ନ ବ୍ୟବସାୟ ମଧ୍ୟ ପ୍ରଭାବିତ ହେବାରେ ଲାଗିଛି । ଏହା ବ୍ୟତୀତ ବିମାନ ସେବାକୁ ନେଇ ନିଜର ବ୍ୟବସାୟକୁ ଏଠାରେ ବଢାଇବାକୁ ଚାହୁଁଥିବା କଂପାନୀ ଏବେ ଫେରିବା ଆରମ୍ଭ କରିଛନ୍ତି । ଏଭଳି ସ୍ଥିତିରେ ରାଉରକେଲାର ନେତା ଦିଲ୍ଲୀପ ବାବୁ କୁଆଡେ ଗଲେ ସେ ଏନେଇ କ'ଣ କରୁଛନ୍ତି ବୋଲି ପ୍ରଶ୍ନ ହେଉଛି । ବିମାନ ସେବା ଆରମ୍ଭ ପରେ ସହର ସବୁ ଦିଗରୁ ଆଗେଇବ ବୋଲି ଲୋକେ ସ୍ୱପ୍ନ ଦେଖିଥିଲେ, ଡାକ୍ତରଖାନା ଗୁଡିକ ମଧ୍ୟ ବାହାରୁ ଡାକ୍ତର ଆଣି ଏଠାରେ ଅଧିକ ସେବା ଦେବେ ବୋଲି ଆଶା କରିଥିଲେ, ବଡ କଥା ହେଲା ଆରଏସପି ର ୯ ମିଲିଅନ ଟନ ସଂପ୍ରସାରଣ ରେ ଏହା ଅନେକ ସହାୟକ ହୋଇଥାନ୍ତା କିନ୍ତୁ ହଠାତ ଏଭଳି ସ୍ଥିତି ସମସ୍ତଙ୍କ ମନରେ ପ୍ରଶ୍ନ ଉଠାଇଛି ଯେ ଯାହା କୁହାଯାଏ ଏ ସହର ପ୍ରକୃତରେ କାହାର ନୁହେଁ ଏଠି ଜିଏ ଯାହା କଲେ ବି କାହାର କିଛି ଫରକ ପଡେ ନାହିଁ ତେଣୁ ଏ ସହର ସତରେ କଣ କାହାର ନୁହେଁ ? ଏତିକି ବେଳେ ଝାରସୁଗୁଡାରୁ ଭୁବନେଶ୍ୱର ଜିବା ଲାଗି ସେବା ଦେଉଥିବା ବିମାନ କଂପାନୀ ନିଜର ପ୍ରଚାର ହୋଡିଂ ରାଉରକେଲାରେ ଲଗାଇବା ପରେ ସମାଜସେବୀ ମୁକ୍ତିକାନ୍ତ ଏହାକୁ ଚିରି ଦେଇଛନ୍ତି ଓ କହିଛନ୍ତି ଏହି ସେବା ଲାଗି ସେମାନେ ଆଗରୁ ଅନେକ ଲଢେଇ କରିଛନ୍ତି ରାଜ୍ୟ ମୁଖ୍ୟମନ୍ତ୍ରୀ ଏ ସମସ୍ୟାର ସମାଧାନ ଲାଗି କହିଥିଲେ ତେଣୁ ମୁଖ୍ୟମନ୍ତ୍ରୀ ଏ ଦିଗରେ ଦୃଷ୍ଟି ଦେବା ଲାଗି ସେ ଦାବି କରିଛନ୍ତି ।


# ନୂଆଖାଇ ପୂର୍ବରୁ ମା' ସମଲେଶ୍ୱରୀଙ୍କ ମନ୍ଦିରରେ ପହଂଚିଲା ନୂଆ ସରିଆ ଧାନ

ସମ୍ବଲପୁର, ୨୫/୦୮ (ନି.ପ୍ର): ପଶ୍ଚିମ ଓଡ଼ିଶାର ମହାନ ଗଣପର୍ବ ନୂଆଖାଇ ଅବସରରେ ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଇଙ୍କ ନିକଟରେ ଲାଗି ହେବ ନୂତନ ସରିଆ ଧାନ । ଏଥିପାଇଁ ଆଜି ମା' ସମଲେଇଙ୍କ ପୀଠରେ ପହଂଚିଛି ନୂଆଁ ସରିଆ ଧାନ । ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ମା' ସମଲେଇଙ୍କ ନିକଟରେ ନବାନ୍ନ ଲାଗି ପାଇଁ ନିକଟସ୍ଥ ବଲବସପୁର ଗ୍ରାମର ସୁବାଷ ବେହେରା ଓ ତାଙ୍କ ପରିବାର ନୂଆଖାଇ ପୂର୍ବରୁ ରବିବାର ସରିଆ ଧାନ ସମଲେଶ୍ୱରୀ ମନ୍ଦିରର ମୁଖ୍ୟ ପୂଜକ ଅମ୍ବିକା ରାୟଙ୍କୁ ପ୍ରଦାନ କରିଛନ୍ତି । ପ୍ରଚଳିତ ପରମ୍ପରା ଅନୁସାରେ ନନ୍ଦୋତ୍ସବ ତିଥିରେ ସମ୍ବଲପୁର ବ୍ରହ୍ମପୁରା ମନ୍ଦିର ପରିସରରେ ପଶ୍ଚିମ ଓଡ଼ିଶାର ମହାନ ଗଣପର୍ବ ନୂଆଁଖାଇ ପାଇଁ ଲଗ୍ନଧାର୍ଯ୍ୟ ହୋଇଯାଇଛି । ଆସନ୍ତା ଭାଦ୍ରବ ଶୁକ୍ଳପକ୍ଷ ପଂଚମୀ ତୁଳା ଲଗ୍ନରେ ଅଗଷ୍ଟ ୨୮ ତାରିଖ(ଗୁରୁବାର) ପୂର୍ବାହ୍ନ ୧୦ଟା ୩୩ରୁ ୧୦ଟା ୫୫ ମଧ୍ୟରେ ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ନିକଟରେ ନବାନ୍ନ ଅର୍ପଣ ନିମନ୍ତେ ଲଗ୍ନଧାର୍ଯ୍ୟ କରାଯାଇଛି । ରାଜା ରାଜୁଡ଼ା ଅମଳରୁ ଚାଲି ଆସିଥିବା ପରମ୍ପରା ଅନୁସାରେ ବ୍ରହ୍ମପୁରା ମନ୍ଦିର ଟ୍ରଷ୍ଟ ପକ୍ଷରୁ ଶନିବାର ପଣ୍ଡିତମାନଙ୍କୁ ଲଗ୍ନ ନିର୍ଦ୍ଧାରଣ ନିମନ୍ତେ ନିମନ୍ତ୍ରଣ କରାଯାଇଥିଲା । ମହାପ୍ରଭୁ ଜଗନ୍ନାଥଙ୍କ ଠାରେ ପୂଜକ ସନ୍ତୋଷ ପଣ୍ଡା ଓ କୈଳାସ ପଣ୍ଡାଙ୍କ ପୂଜାର୍ଚ୍ଚନା ପରେ ପଣ୍ଡିତ ମଣ୍ଡଳୀଙ୍କ ଦ୍ୱାରା ଲଗ୍ନ ସ୍ଥିରୀକୃତ ହୋଇଥିଲା । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରେ ପୂଜାର୍ଚ୍ଚନା ପରେ ପଣ୍ଡିତ ମହେଶ୍ୱର ନାୟକ, ସୁଧାଂଶୁ ଶେଖର ପାଣିଗ୍ରାହୀ, ଅକ୍ଷୟ ପୁରୋହିତ, ବଂଶୀଧର ଶତପଥୀ, ଗିରିଜା ଶଙ୍କର ପଣ୍ଡା, ଝସକେତନ ହୋତା, ରବିନାରାୟଣ ପଣ୍ଡା, ସଚ୍ଚିଦାନନ୍ଦ ମିଶ୍ର, ପ୍ରଭାକର ତ୍ରିପାଠୀ, ଶଶାଙ୍କ ଶେଖର ମିଶ୍ର, କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ରାକେଶ ମିଶ୍ର, ଚନ୍ଦ୍ରକାନ୍ତ ପାଣିଗ୍ରାହୀ, ବୁଲୁ ପାଢ଼ୀ, ବିନୀତ ପାଣ୍ଡେ, ମନବୋଧ ପାଢ଼ୀ, ଉତମ ରଥ, ଜିତେନ୍ଦ୍ର ନନ୍ଦ, ଆଶୁତୋଷ ପାଣିଗ୍ରାହୀ ଓ ଗୋପୀନାଥ ପଣ୍ଡା ପ୍ରମୁଖ ପଣ୍ଡିତ ମଣ୍ଡଳୀଙ୍କ ଦ୍ୱାରା ଲଗ୍ନ ଧାର୍ଯ୍ୟ ହୋଇଥିଲା ।

# ରାଜସ୍ୱ ମନ୍ତ୍ରୀଙ୍କୁ ଭେଟି ଦାବିପତ୍ର ଦେଲେ ନାଗରିକ ମଂଚ

ଜୟପୁର, ୨୫/୦୮ (ନି.ପ୍ର): ଦିନିକିଆ ନବରଙ୍ଗପୁର ଜିଲ୍ଲା ଗସ୍ତ କରିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ । ଦୁଇ ମନ୍ତ୍ରୀଙ୍କ ଗସ୍ତ ସମୟରେ ବୋରିଗୁମ୍ମା ସୂର୍ଯ୍ୟ ଭାନୁ ପାଠାଗାର ସମ୍ମୁଖରେ ବୋରିଗୁମ୍ମା ବିଜେପି କର୍ମୀ ଏବଂ ନାଗରିକ ମଂଚ ପକ୍ଷରୁ ସ୍ୱାଗତ କରାଯାଇଥିଲା । ପ୍ରଥମେ ଦୁଇ ମନ୍ତ୍ରୀ ବୋରିଗୁମ୍ମାର ତ୍ରିନାଥ ମନ୍ଦିରରେ ପ୍ରଭୁଙ୍କୁ ଦର୍ଶନ କରିଛନ୍ତି । ବୋରିଗୁମ୍ମା ଏନଏସି ମାନ୍ୟତା ଦାବି ନେଇ ଦୁଇ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ ନାଗରିକ ମଂଚ ଏବଂ ବିଜେପି କର୍ମକର୍ତା । ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏହି ଦାବିପତ୍ର ଗ୍ରହଣ କରି ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଏବଂ ନଗର ଉନ୍ନୟନ ମନ୍ତ୍ରୀଙ୍କ ସହ ଆଲୋଚନା କରିବେ ।

# ଅତ୍ୟଧିକ ମିଠା ଖାଇବା ସ୍ମରଣଶକ୍ତିକୁ କରିପାରେ ପ୍ରଭାବିତ



ଅନେକେ ଲୋଭର ବଶବର୍ତ୍ତୀ ହୋଇ ଅଧିକ ପରିମାଣରେ ମିଠା ଖାଇବାକୁ ପସନ୍ଦ କରିଥାଆନ୍ତି। ଏହାର ସ୍ୱାଦ ହୁଏତ ମିଠା ହୋଇପାରେ, ହେଲେ ଏହାର ପରିମାଣ ଅଧିକ ହେଲେ ତାହା ଆମ ସ୍ମରଣ ଶକ୍ତିକୁ ପ୍ରଭାବିତ କରିବାର ଯଥେଷ୍ଟ ଆଶଙ୍କା ରହିଛି। ଏଭଳି ସତର୍କ ସୂଚନା ଦେଇଛନ୍ତି କାଲିଫର୍ନିଆ ବିଶ୍ୱବିଦ୍ୟାଳୟ ପୁଷ୍ଟିବିଜ୍ଞାନୀମାନେ। 'ଅତ୍ୟଧିକ ମିଠା ଓ ସ୍ମରଣ ଶକ୍ତି' ବିଷୟକୁ ନେଇ ହୋଇଥିବା ସର୍ଭେରୁ ଏଭଳି ତଥ୍ୟ ମିଳିପାରିଛି। ଏହି ସିଦ୍ଧାନ୍ତରେ ଉପନୀତ ହେବା ପୂର୍ବରୁ ସେମାନେ କିଛି ବ୍ୟକ୍ତିଙ୍କୁ ସର୍ଭେ ପରିସରଭୁକ୍ତ କରିଥିଲେ। ସେମାନଙ୍କୁ ଦୁଇଟି ଗ୍ରୁପରେ ବିଭକ୍ତ କରି ଗୋଟିଏ ଗ୍ରୁପରେ ଥିବା ବ୍ୟକ୍ତିଙ୍କୁ ସାଧାରଣ ଭାବରେ ମିଠା ଖାଇବାକୁ ଏବଂ ଅନ୍ୟ ଗ୍ରୁପ ବ୍ୟକ୍ତିମାନଙ୍କୁ ମନଇଚ୍ଛା ମିଠା ଖାଇବାକୁ ପରାମର୍ଶ ଦେଇଥିଲେ। ଅପରପକ୍ଷରେ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଏହାର କି ପ୍ରକାର ପ୍ରଭାବ ସେମାନଙ୍କର ସ୍ମରଣ ଶକ୍ତି ଉପରେ ପଡୁଛି ତାହାକୁ ତନ୍ନତନ୍ନ କରି ଅନୁଧ୍ୟାନ ମଧ୍ୟ କରିଥିଲେ। ଯେଉଁମାନେ ଆବଶ୍ୟକତାଠାରୁ ଅଧିକ ମିଠା ଖାଉଥିଲେ ସେମାନଙ୍କ ମଧ୍ୟରୁ ପ୍ରାୟ ୫୦ ପ୍ରତିଶତ ବ୍ୟକ୍ତିଙ୍କ ସ୍ମରଣଶକ୍ତିରେ ତାରତମ୍ୟ ଦେଖିବାକୁ ମିଳିଥିଲା।



# ଅତ୍ୟଧିକ ବ୍ୟାୟାମ କ୍ଷତିକାରକ!




ମେଦବହୁଳତାରେ ପୀଡିତ ସମସ୍ତ ଲୋକ ଏକ ପରଫେକ୍ଟ ଫିଗର ପାଇବାକୁ ଚାହାଁନ୍ତି। ଯାହା ପାଇଁ କିଛି ଲୋକ ଘଣ୍ଟା ଘଣ୍ଟା ଧରି ଜିମ ଯାଆନ୍ତି, ଯେତେବେଳେ କିଛି ଲୋକ ପ୍ରୋଟିନ ବ୍ୟବହାର କରନ୍ତି। କିନ୍ତୁ ସମ୍ପ୍ରତି ଏକ ରିପୋର୍ଟରୁ ଜଣାପଡିଛି ଯେ ଅତ୍ୟଧିକ ବ୍ୟାୟାମ କର୍ଟିସୋଲ ଷ୍ଟ୍ରେସ ହରମୋନକୁ ବୃଦ୍ଧି କରେ, ଯାହା ଥକାପଣ, ନିଦ୍ରା ବିକାର ଏବଂ ଚିଡ଼ିଚିଡ଼ାପଣକୁ ବୃଦ୍ଧି କରେ। ଏନଆଇଏଚର ରିପୋର୍ଟ ଅନୁଯାୟୀ, ପ୍ରତିବର୍ଷ ଫିଟନେସ ଉତ୍ସାହୀମାନଙ୍କ ମଧ୍ୟରେ ୫୫% ଆଘାତ ଅତ୍ୟଧିକ ବ୍ୟାୟାମ ଯୋଗୁ ହୋଇଥାଏ। ବାବା ରାମଦେବ ଏହା ମଧ୍ୟ କୁହନ୍ତି ଯେ ଫିଟନେସ ଗୁରୁତ୍ୱପୂର୍ଣ୍ଣ, କିନ୍ତୁ ସନ୍ତୁଳନ ରହିବା ଉଚିତ ଏବଂ ଓଜନ ହ୍ରାସ କରିବା ପାଇଁ ୩-୩ଘଣ୍ଟା ବ୍ୟାୟାମ କରିବା ଆବଶ୍ୟକ ନୁହେଁ। ଆଜିକାଲି ସ୍ଥୁଳତା ଲୋକଙ୍କ ଖରାପ ଜୀବନଶୈଳୀ, ଫାଷ୍ଟଫୁଡ ଏବଂ କାର୍ବୋନେଟେଡ ପାନୀୟ, ମାନସିକ ଚାପ, ବ୍ୟାୟାମର ଅଭାବ, ଔଷଧର ପାର୍ଶ୍ୱ ପ୍ରତିକ୍ରିୟା ଏବଂ ନିଦ୍ରା ଅଭାବ ହେତୁ ହୋଇଥାଏ। ଯାହାକୁ ଲୋକମାନେ ଅଣଦେଖା କରନ୍ତି। ମେଦବହୁଳତା ହ୍ରାସ କରିବା ପାଇଁ, ପ୍ରତିଦିନ ସକାଳେ ଲେମ୍ବୁ ପାଣି ପିଅନ୍ତୁ, ଏହା ସହିତ ଆପଣ କଖାରୁ ସୁପ ଏବଂ ଜୁସ ମଧ୍ୟ ପିଇପାରିବେ। ଏହା ବ୍ୟତୀତ, ପ୍ରତିଦିନ ଖାଇବା ପୂର୍ବରୁ ସାଲାଡ ଖାଆନ୍ତୁ ଏବଂ ତା'ପରେ ଅଦା-ଲେମ୍ବୁ ଚା ପିଅନ୍ତୁ। ଅଦା ଚର୍ବି ନିୟନ୍ତ୍ରଣ କରେ। ଯଦି ଆପଣ ଓଜନ ହ୍ରାସ କରିବାକୁ ଚାହାଁନ୍ତି, ତେବେ ସା ୭ଟା ପୂର୍ବରୁ ରାତ୍ରୀଭୋଜନ କରନ୍ତୁ ଏବଂ ଖାଇବାର ୧ଘଣ୍ଟା ପରେ ପାଣି ପିଅନ୍ତୁ। ହଜମ ଏବଂ ଓଜନ ହ୍ରାସ ପାଇଁ ରାତିରେ ଗରମ ପାଣି ସହିତ ୧ ଚାମଚ ତ୍ରିଫଳା ପିଅନ୍ତୁ। ଓଜନ ହ୍ରାସ ପାଇଁ, ୨୦୦ ଗ୍ରାମ ପାଣିରେ ୩ ରୁ ୬ ଗ୍ରାମ ଡାଲଚିନି ଫୁଟାନ୍ତୁ ଏବଂ ଏହା ଉଷୁମ ହୋଇଗଲେ, ଏଥିରେ ୧ ଚାମଚ ମହୁ ମିଶାଇ ପିଅନ୍ତୁ। ଓଜନ ନିୟନ୍ତ୍ରଣ କରିବା ପାଇଁ, ଲିଫ୍ଟ ବଦଳରେ ସିଢ଼ି ଚଢ଼ନ୍ତୁ, ବାରମ୍ବାର କଫି-ଚା ପିଅନ୍ତୁ ନାହିଁ, ଭୋକ ଲାଗିଲେ ପ୍ରଥମେ ପାଣି ପିଅନ୍ତୁ ଏବଂ ଖାଇବା ଏବଂ ଶୋଇବା ମଧ୍ୟରେ ୩ ଘଣ୍ଟାର ବ୍ୟବଧାନ ରଖନ୍ତୁ, ଏବଂ ସକାଳେ ଶୀଘ୍ର ଉଠିବା, ଶୋଇବା ସମୟ ସ୍ଥିର କରିବା, ନିଜକୁ ଚ୍ୟାଲେଞ୍ଜ କରିବା ଏବଂ ରାତିରେ ପାଣି ପିଇ ଶୋଇବା ପାଇଁ ଆପଣଙ୍କର ସମୟ ସାରଣୀ ପ୍ରସ୍ତୁତ କରନ୍ତୁ।

# ଗମ୍ଭୀର ମାନସିକ ସମସ୍ୟା



ଯେତେପ୍ରକାର ମାନସିକ ରୋଗ ରହିଛି ସେଥିମଧ୍ୟରୁ ସ୍କିଜୋଫ୍ରେନିଆ ହେଉଛି ଏକ ଗମ୍ଭୀର ମାନସିକ ସମସ୍ୟା। ଏହା ମଣିଷର ଭାବନା ଆବେଗ, ବ୍ୟବହାର ଏବଂ କାର୍ଯ୍ୟଦକ୍ଷତାକୁ ବିଶେଷଭାବରେ ପ୍ରଭାବିତ କରିଥାଏ। ପ୍ରାରମ୍ଭିକ ଅବସ୍ଥାରେ ରୋଗୀ ଏକୁଟିଆ ରହିବାକୁ ପସନ୍ଦ କରେ। ନିଜର ଦୈନନ୍ଦିନ କାର୍ଯ୍ୟକୁ ଠିକ୍ ?ଭାବରେ କରିପାରେ ନାହିଁ। ନିଦ କମିଯାଏ। ରୋଗୀ ମନରେ ସବୁବେଳେ ଡର ଓ ଭୟର ଭାବନା ଦେଖାଯାଇଥାଏ। କାରଣ ନ ଥାଇ କଥା ଶୁଭୁଛି, ଶୂନ୍ୟବାଣୀ ହେଉଛି ବୋଲି ମଧ୍ୟ କହିଥାଏ। ନ ଥିବା ବସ୍ତୁ, ବ୍ୟକ୍ତିଙ୍କୁ ଦେଖିପାରୁଛି ବୋଲି କହିଥାଏ। ରୋଗୀ ବେଳେବେଳେ ଏସବୁ ଅନୁଭବ ପ୍ରତି ପ୍ରତିକ୍ରିୟା ପ୍ରକାଶ କରେ। ଏହି ପ୍ରତିକ୍ରିୟାରେ ରୋଗୀ ନିଜେ ମନେମନେ କଥାହୁଏ, ଶୂନ୍ୟରେ ଜବାବ ଦିଏ, ମନକୁ ମନ ହସେ ଓ କାନ୍ଦେ। ଭ୍ରାନ୍ତବିଶ୍ୱାସ ଏକ ଅସତ୍ୟ ବା ଭୁଲ ଧାରଣା, ଯାହାକୁ ରୋଗୀମାନେ ନିଜ ମନରେ ଗଣ୍ଠି ବାନ୍ଧି ଧରିବସନ୍ତି ଏବଂ ଏହା ଅନ୍ୟମାନଙ୍କ ଦ୍ୱାରା ଗ୍ରହଣୀୟ ହୋଇ ନ ଥାଏ। ମସ୍ତିଷ୍କରେ ମୁଖ୍ୟତଃ 'ଡୋପାମିନ' ନାମକ ଏକ ରାସାୟନିକ ତତ୍ତ୍ୱର ମାତ୍ରା ବୃଦ୍ଧି ଯୋଗୁ ଏହି ରୋଗ ହୋଇଥାଏ। ଏହା ଜିନ୍‌ଗତ କାରଣ କିମ୍ବା ପାରିପାର୍ଶ୍ୱିକ ମାନସିକ ଚାପ କାରଣରୁ ହୋଇପାରେ। ଏହି ରୋଗ ଅନେକାଂଶରେ ବଂଶାନୁଗତ ହୋଇଥାଏ। ଏକ ସର୍ଭେରୁ ଜଣାପଡ଼ିଛି ଯଦି ପରିବାରରେ ମାତାପିତାଙ୍କ ମଧ୍ୟରୁ ଜଣେ କାହାକୁ ସ୍କିଜୋଫ୍ରେନିଆ ହୋଇଥାଏ, ତେବେ ତାଙ୍କ ପିଲାଙ୍କୁ ଏହି ରୋଗ ହେବାର ପ୍ରାୟତଃ ୪୦ରୁ ୫୦ ପ୍ରତିଶତ ଆଶଙ୍କା ଥାଏ।

# ଲିଭର ସୁସ୍ଥତା ପାଇଁ...



ଆମେ ପିଲାଦିନେ ମାଙ୍କଡ଼, କୁମ୍ଭୀର ଓ କଳିଜାର ଗପ ପଢ଼ିଛେ। ସବୁଦିନ ମିଠା ଜାମୁକୋଳି ଖାଉଥିବା ମାଙ୍କଡ଼ର କଳିଜା (ଯକୃତ) ଅତି ମିଠା ହୋଇଥିବ ଭାବି କୁମ୍ଭୀରର ସ୍ତ୍ରୀ ତାହା ଖାଇବା ପାଇଁ ଆଗ୍ରହୀ ଥିଲା। ମାତ୍ର ଏହାର ଶେଷ କିପରି ହେଲା ଏବଂ ବୋକା କୁମ୍ଭୀର କିପରି ବୁଦ୍ଧି ଶିଖିଲା ତାହା ଏହି ଗପରୁ ଜଣାପଡ଼େ। କଳିଜା ଏବଂ ଶରୀର ଅଲଗା ନୁହେଁ- ଏହାକୁ ବୁଦ୍ଧିମାନ ମାଙ୍କଡ଼ ବୋକା କୁମ୍ଭୀରକୁ ଶେଷରେ ବୁଝାଇଥିଲା। ମନୁଷ୍ୟ ଶରୀରର ଅନ୍ୟତମ ପ୍ରମୁଖ ଅଙ୍ଗ ହେଲା ଯକୃତ ବା ଲିଭର। ଏହା ଠିକ୍ ଭାବରେ କାର୍ଯ୍ୟ କରିବା ସହ ଏହା ପ୍ରତି ଆମେ ଯତ୍ନବାନ ହେବା ଦରକାର। ମାତ୍ର ଏବେ ଆମେ ଅନେକ କ୍ଷତିକାରକ ଔଷଧ, ଖାଦ୍ୟ ଏବଂ ନିଶାଦ୍ରବ୍ୟ ବିଶେଷଭାବରେ ମଦ ପିଇବା ଯୋଗୁ ନିଜର ଯକୃତର ପ୍ରତିଦିନ କ୍ଷତି ପହଞ୍ଚାଉଛୁ। କେବଳ ସେତିକି ନୁହେଁ, ଅନେକେ ଏ ବିଷୟରେ ଅବଗତ ଥାଇ ମଧ୍ୟ ଜାଣି ନ ଜାଣିଲା ପରି ଯକୃତକୁ କ୍ଷତି କରାଉଛନ୍ତି। ଯକୃତ ହେଉଛି ଆମ ଶରୀର ଦ୍ୱିତୀୟ ବୃହତ୍ତମ ଅଙ୍ଗ। ଏହାର ଓଜନ ୧.୨ରୁ ୧.୫ ଗ୍ରାମ। ଫଲସିପାରମ ଲିଗାମେଣ୍ଟ ଦ୍ୱାରା ଏହା ଦକ୍ଷିଣ ଓ ବାମ-ଦୁଇ ଭାଗରେ ବିଭକ୍ତ। ସାଧାରଣତଃ ଯକୃତ ଆମର ଦକ୍ଷିଣ ପଟ ଫୁସ୍‌ଫୁସ୍‌ର ତଳକୁ ମଧ୍ୟଛଦର ନିମ୍ନରେ ଥାଏ। ଲିଭର ସହିତ ପିତ୍ତକୋଷ ଓ ଅଗ୍ନାଶୟ ମଧ୍ୟ ଲାଗିରହିଛି। ଶରୀରରେ ଲିଭର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଥାଏ। ସେଥିଲାଗି ଥରେ ଲିଭର ରୋଗଗ୍ରସ୍ତ ହେଲେ ବଞ୍ଚିବା ଅତ୍ୟନ୍ତ କଷ୍ଟଦାୟକ ହୋଇଥାଏ। ଲିଭର କରୁଥିବା କେତୋଟି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହେଲା- (୧) ଏହା ଶର୍କରା (ସୁଗାର), ଆମିନୋଏସିଡ (ପୁଷ୍ଟିସାର) ଓ ଲିପିଡ (ସେହ୍ନସାର)କୁ ବିଘଟନ କରିଥାଏ, (୨) ରକ୍ତ ଜମାଟ ହେବାର ତତ୍ତ୍ୱ ତିଆରି କରେ ଓ ବଲିରୁବିନ ନାମକ ରେଣୁ ବିଘଟନ କରେ, (୩) ଭିଟାମିନ୍ ଓ ଖଣିଜ ଲବଣ ଇତ୍ୟାଦି ମହଜୁଦ ରଖିବା ଏବଂ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇ ରଖିବା ଇତ୍ୟାଦି। ଯକୃତର ଅନେକ ରୋଗଗୁଡ଼ିକ ମଧ୍ୟରୁ 'ଯକୃତ ପ୍ରଦାହ' ବା 'ହେପାଟାଇଟିସ୍' ହେଉଛି ମୁଖ୍ୟ ରୋଗ। ଏହି ରୋଗରେ ପ୍ରତିବର୍ଷ ପ୍ରାୟ ୧୩ ଲକ୍ଷରୁ ଅଧିକ ଲୋକ ପ୍ରାଣ ହରାଇ ଥାଆନ୍ତି। ଏଥିରୁ ଜଣାପଡୁଛି ଯେ ଏଭଳି ରୋଗରେ ଦିନକୁ ପ୍ରାୟ ସାଢ଼େ ତିନି ହଜାର ଲୋକ ମୃତ୍ୟୁବରଣ କରନ୍ତି, ଯାହାକି ଯକ୍ଷ୍ମାରୋଗର ଦୈନିକ ମୃତ୍ୟୁ ସଂଖ୍ୟା ସହ ସମାନ। ହେପାଟାଇଟିସ୍ ପରବର୍ତ୍ତୀ ସମୟରେ ଲିଭର କ୍ୟାନ୍ସର ଓ ଲିଭର ସିରୋସିସ୍‌ର କାରଣ ହୋଇଥାଏ। ହେପାଟାଇଟିସ୍‌ର ମୁଖ୍ୟ କାରଣ ହେଲା ଭୂତାଣୁ ସଂକ୍ରମଣ। ଭୂତାଣୁଜନିତ ଯକୃତ ପ୍ରଦାହ 'ହେପାଟାଇଟିସ୍-ଏ', ହେପାଟାଇଟିସ୍-ବି, ହେପାଟାଇଟିସ୍-ସି ଏବଂ ହେପାଟାଇଟିସ୍ -ଇ ବହୁଳ ଭାବରେ ହେଉଥିବା ବେଳେ ସାଇଟୋମେଗାଲୋ ଭାଇରସ, ଇ.ବି. ଭାଇରସ, ହରପେକ୍ସ ସିମଲେକ୍ସ ଭାଇରସ ଓ ପୀତ ଜ୍ୱର ଦ୍ୱାରା କମ୍ ମାତ୍ରାରେ ପରିଲିକ୍ଷିତ ହୁଏ। ହେପାଟାଇଟିସ୍-ଏ ହେଉଛି ବହୁ ମାତ୍ରାରେ ସଂକ୍ରାମକ। ଏହା ମଳ, ମଇଳା ପାଣି, ଦୂଷିତ ଖାଦ୍ୟ, ଦୂଷିତ ହାତ ଇତ୍ୟାଦି ଦ୍ୱାରା ବ୍ୟାପିଥାଏ। କେବଳ ସେତିକି ନୁହେଁ, ଏହା ବେଳେବେଳେ ମହାମାରୀ ରୂପ ନେଇଥାଏ। ସ୍ୱଚ୍ଛତା ଓ ସଚେତନତା ତଥା ନିରାପଦ ବିଶୁଦ୍ଧ ପାଣିର ଅଭାବ ମଧ୍ୟ ଏହାର ଅନ୍ୟତମ କାରଣ। ସହରଗୁଡ଼ିକରେ କେତେକ ସମୟରେ ପାଣି ପାଇପ୍‌ରେ ଡ୍ରେନ୍ ଏବଂ ଲାଟ୍ରିନ ପାଣି ମିଶିଯାଏ। ଫଳରେ ଏହି ପ୍ରଦୂଷିତ ପାଣି ପିଇଲେ ନିର୍ଦ୍ଦିଷ୍ଟ ସ୍ଥାନର ବାସିନ୍ଦାମାନେ ଏହି ରୋଗରେ ଆକ୍ରାନ୍ତ ହୋଇଥାଆନ୍ତି। କିନ୍ତୁ ଏଭଳି ପାଣି ସମସ୍ୟା ସାମୟିକ ହୋଇଥାଏ। ତେଣୁ ସବୁବେଳେ ବିଶୁଦ୍ଧ ପାଣି ପିଇବା ଦରକାର। ତା'ସହ ଏଭଳି ରୋଗରେ ଆକ୍ରାନ୍ତ ହେଲେ ଡାକ୍ତରଙ୍କ ସହ ପରାମର୍ଶ ଜରୁରୀ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ହେପାଟାଇଟିସ୍-ବି ହେଉଛି ଦୀର୍ଘକାଳୀନ ଲିଭର ରୋଗର କାରଣ। ଏହା ରକ୍ତ ମାଧ୍ୟମରେ ବ୍ୟାପିଥାଏ। ଏକ ସଦ୍ୟତମ ପରିସଂଖ୍ୟାନରୁ ଜଣାପଡ଼ିଛି ଯେ ଏହି ରୋଗରେ ବିଶ୍ୱରେ ପ୍ରାୟ ୨୫କୋଟିରୁ ଊର୍ଦ୍ଧ୍ୱ ବ୍ୟକ୍ତି ସଂକ୍ରମିତ ହୋଇଥାଆନ୍ତି। ସଂକ୍ରମିତ ଗର୍ଭବତୀ ମା' ଠାରୁ ଶିଶୁକୁ ଓ ରକ୍ତ ମାଧ୍ୟମରେ (ଇଞ୍ଜେକଶନ ଛୁଞ୍ଚ୍, ଚିତାକୁଟା, ଆକୁପଙ୍କଚର ଛୁଞ୍ଚ୍, ଛୁଞ୍ଚଚାଡ଼ା କ୍ଷତ, ରେଜର, ଟୁଥ୍ ବ୍ରଶ, ଯୌନ ସଂକ୍ରମଣ) ଏହା ସଂକ୍ରମିତ ହୋଇଥାଏ। ଏହା ସାଧାରଣତଃ ୯୫ ପ୍ରତିଶତଙ୍କ କ୍ଷେତ୍ରରେ ଉପଶମ ହୋଇଥାଏ ମାତ୍ର ବଳକା ୫ ପ୍ରତିଶତଙ୍କ କ୍ଷେତ୍ରରେ ଏହା ଦୀର୍ଘକାଳୀନ ରୋଗକୁ ବଦଳିଯାଏ। ଏପରିକି ପରବର୍ତ୍ତୀ ସମୟରେ ଲିଭର ସିରୋସିସ୍ ଏବଂ ଲିଭର କ୍ୟାନ୍ସରର କାରଣ ହୋଇଥାଏ। ଏହାର ଚିକିତ୍ସା ପାଇଁ ଆଣ୍ଟିଭାଇରାଲ ଔଷଧ ବ୍ୟବହାର କରାଯାଉଛି। ଯଦି ଏଚ୍‌ଆଇଭି-ଏଡ୍‌ସ ଦ୍ୱାରା ଆକ୍ରାନ୍ତ ତେବେ ଏଭିଳ ସମସ୍ୟା ଦେଖାଦେଲେ ଏଡ୍‌ସ ଔଷଧ ମଧ୍ୟ ନିୟମ ମୁତାବକ ଖାଇବାକୁ ପଡ଼ିଥାଏ।

ହେପାଟାଇଟିସ୍-ସି ମଧ୍ୟ ହେପାଟାଇଟିସ୍-ବି ପରି ସଂକ୍ରମିତ ରକ୍ତ ମାଧ୍ୟମରେ ବ୍ୟାପିଥାଏ ଏବଂ ଏଥିରେ ସାରା ବିଶ୍ୱରେ ପାଖାପାଖି ୭କୋଟି ଲୋକ ସଂକ୍ରମିତ ହୋଇଥାଆନ୍ତି। ଏହି ରୋଗ ଅନେକ ସମୟରେ ଦୀର୍ଘଦିନ ଧରି ସଂକ୍ରମିତ କରିଥାଏ ଓ ସିରୋସିସ୍ ପରି ଗୁରୁତର ରୋଗ ସୃଷ୍ଟି କରିଥାଏ। ମାତ୍ର ହେପାଟାଇଟିସ-ଇ ସେପରି ଅଧିକ ଭୟାବହ ନୁହେଁ, ଯଦିଓ ଏହା 'ବି' ଏବଂ 'ସି' ପରି ସମାନ ଭାବରେ ସଂକ୍ରମଣ କରାଇଥାଏ। ହେପାଟାଇଟିସ୍‌ରୁ ରକ୍ଷା ପାଇବାର ଉପାୟ ହେଲା ଶିଶୁମାନଙ୍କୁ ଉପଯୁକ୍ତ ଟିକାକରଣ। ଏବେ ଜନ୍ମ ସମୟର ୨୪ ଘଣ୍ଟା ମଧ୍ୟରେ ଟିକାକରଣରେ 'ହେପାଟାଇଟିସ୍-ବି' ଟିକା ଦିଆଯାଉଛି ଏବଂ ପରବର୍ତ୍ତୀ ସମୟରେ ଏହାର ବୁଷ୍ଟର ଡୋଜ୍ ମଧ୍ୟ ଦିଆଯାଉଛି। ଫଳରେ ଏହି ରୋଗକୁ ନିୟନ୍ତ୍ରଣକୁ ଅଣାଯାଇଛି। ଆମ ରାଜ୍ୟରେ ପାଖାପାଖି ୯୮ ପ୍ରତିଶତ ଆନୁଷ୍ଠାନିକ ପ୍ରସବ ହେଉଥିବା ଯୋଗୁ ପ୍ରାୟତଃ ସମସ୍ତ ଜନ୍ମିତ ଶିଶୁ ଏହି ଟିକା ସହ ଅନ୍ୟ ଆବଶ୍ୟକ ଟିକା ପାଇପାରୁଛନ୍ତି। ଏହା ହେଉଛି ଆମ ରାଜ୍ୟର ସ୍ୱାସ୍ଥ୍ୟ ବିଭାଗର ବଡ଼ ଉପଲବ୍ଧି।

ମଦ୍ୟପାନ ନ କରିବା, ଲିଭର ଏବଂ କିଡ୍‌ନୀକୁ କ୍ଷତି ପହଞ୍ଚାଉଥିବା ଅନେକଗୁଡ଼ିଏ ଔଷଧ, ଯନ୍ତ୍ରଣାଲାଘବ ଔଷଧ, ଆଣ୍ଟିବାୟୋଟିକ, ସଂରକ୍ଷିତ ଔଷଧ, ଡ୍ରଗସ୍ ଓ ରାସାୟନିକ ପଦାର୍ଥ ଇତ୍ୟାଦି ବ୍ୟବହାର ନ କରିବା ଉଚିତ। ଏହାସହିତ ଶିଶୁକୁ ଉପଯୁକ୍ତ ଟିକାକରଣକୁ ଗୁରୁତ୍ୱ ଦିଆଯିବା ଦରକାର। ଡାକ୍ତରୀ ପରାମର୍ଶ ବିନା କୌଣସି ଔଷଧ ବ୍ୟବହାର କରିବା ଠିକ୍ ନୁହେଁ। ଏହା ସହିତ ଲିଭରକୁ ସୁସ୍ଥ ରଖିବା ପାଇଁ ଉପଯୁକ୍ତ ତନ୍ତୁଯୁକ୍ତ ସବୁଜ ପନିପରିବା, ଚୂନାମାଛ, ଫଳମୂଳ, ଗଜାମୁଗ ଇତ୍ୟାଦି ଖାଇବା ସହ ବିଶୁଦ୍ଧ ପାଣି ପିଇବା ମଧ୍ୟ ଗୁରୁତ୍ୱପୂର୍ଣ୍ଣ।

# ସୁସ୍ଥ ରହିବାକୁ ଚାହୁଁଥିଲେ...



ସୁସ୍ଥ ରହିବାକୁ କିଏ ବା ନ ଚାହେଁ? ହେଲେ ଏଥିପ୍ରତି ଆମକୁ କେତୋଟି ବିଷୟ ପ୍ରତି ଦୃଷ୍ଟି ଦେବାକୁ ପଡ଼ିଥାଏ। ତନ୍ମଧ୍ୟରୁ ପ୍ରଥମ ହେଲା ଜୀବନଶୈଳୀ। ଆମେ ଯଦି ଏକ ସନ୍ତୁଳିତ ଜୀବନଶୈଳୀ ଅନୁସରଣ କରିବା ତେବେ ନିଜକୁ କେତେକାଂଶରେ ସୁସ୍ଥ ରଖିପାରିବା। ଠିକ୍ ସମୟରେ ଖାଦ୍ୟ ଖାଆନ୍ତୁ। ସବୁବେଳେ ସୁଷମ ତଥା ଭିଟାମିନ୍‌ଯୁକ୍ତ ଖାଦ୍ୟ ଖାଇବା ଦରକାର। ତା'ସହ ରାତିରେ ଅତିକମ୍‌ରେ ୭-୮ ଘଣ୍ଟା ଶୋଇବା ଆବଶ୍ୟକ। କାରଣ ସୁସ୍ଥ ରହିବା ପଛରେ ନିଦ୍ରାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଖାଦ୍ୟ ତାଲିକାରେ ଯେତେ ମସଲାଯୁକ୍ତ, ତେଲଯୁକ୍ତ ଖାଦ୍ୟ କମ୍ ସାମିଲ କରିବେ ସେତେ ଭଲ। ଫାଷ୍ଟଫୁଡ୍‌ଜାତୀୟ ଖାଦ୍ୟ ସୀମିତ ପରିମାଣରେ ଖାଆନ୍ତୁ। ସବୁବେଳେ ଏପରି ଖାଦ୍ୟ ଖାଆନ୍ତୁ ଯାହା ସହଜରେ ହଜମ ହୋଇପାରୁଥିବ। ଆଉ ଏକ କଥା ହେଲା, ନିୟମିତ ସମୟ ଅନ୍ତରାଳରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନେବା ନିହାତି ଆବଶ୍ୟକ। କୌଣସି ରୋଗର କାରଣ ଜାଣିବା ମାତ୍ରେ ତାହାକୁ ଅବହେଳା କରନ୍ତୁ ନାହିଁ। କାରଣ ଏହା ଭବିଷ୍ୟତରେ ଗୁରୁତର ସମସ୍ୟା ସୃଷ୍ଟି କରିଥାଏ ଏବଂ ସେଥିରୁ ଆରୋଗ୍ୟଲାଭ କରିବାକୁ ଅଯଥା ଖର୍ଚ୍ଚାନ୍ତ ହେବାକୁ ପଡ଼ିଥାଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ନିଜକୁ ସୁସ୍ଥ ରଖିବାକୁ ଚାହୁଁଥିଲେ ନିଜର ଦୈନନ୍ଦିନ ଜୀବନଶୈଳୀ ତାଲିକାରେ ବ୍ୟାୟାମ ସାମିଲ କରନ୍ତୁ। ଦିନକୁ ଅତିକମ୍‌ରେ ୨-୩ ଲିଟର ପାଣି ପିଅନ୍ତୁ।

# ଖାଲି ପେଟରେ ଚା ପିଉଥିଲେ...

ଚା' ଓ କଫି ଅମ୍ଳୀୟ ଅଂଶ ରହିଛି। ତେଣୁ ଖାଲିପେଟରେ ଏହାକୁ ପିଇଲେ ଶରୀରରେ ଅମ୍ଳ ଓ କ୍ଷାରର ସନ୍ତୁଳନ ବିପର୍ଯ୍ୟସ୍ତ ହୋଇପଡ଼େ। ସକାଳେ ପାକସ୍ଥଳୀ ଭିତରେ କୌଣସି ଖାଦ୍ୟ ନ ଥାଏ। ଫଳରେ ପାକସ୍ଥଳୀ ନରମ ଥାଏ। ସକାଳୁ ଖାଲି ପେଟରେ ଚା' ପିଇଲେ ଝିଲ୍ଲୀ ଉପରେ ପ୍ରତିକୂଳ ପ୍ରଭାବ ପଡେ ଏବଂ ଦୀର୍ଘକାଳିକ ପାକସ୍ଥଳୀ ପ୍ରଦାହ ବା କ୍ରନିକ ଗାଷ୍ଟ୍ରାଇଟିସ୍ ସମସ୍ୟା ସୃଷ୍ଟି ହୋଇଥାଏ। ଏହି କାରଣରୁ ଅରୁଚି ହୋଇ ଭୋକ ମରିଯାଇପାରେ। ବିଶେଷଭାବରେ ଖାଲି ପେଟରେ କଡ଼ା ଚା' ପିଇଲେ ପାକସ୍ଥଳୀରୁ ଅମ୍ଳ କ୍ଷରଣ ବଢ଼ିଯାଏ।



ଏତଦ୍‌ବ୍ୟତୀତ ସକାଳେ ବିଛଣା ଛାଡ଼ିବା ପରେ ପରେ ଚା' କିମ୍ବା କଫି ପିଇଲେ ପାଟିରେ ଥିବା ଜୀବାଣୁଗୁଡ଼ିକ ଧୋଇହୋଇ ଅନ୍ତନଳୀ ଭିତରକୁ ପ୍ରବେଶ କରିଥାଆନ୍ତି। ଚା'ରେ ରହିଥାଏ ସାମାନ୍ୟ ପରିମାଣର ନିକୋଟିନ୍, ଯାହା ଆସକ୍ତି ସୃଷ୍ଟିର କାରଣ ହୋଇପାରେ। ତେଣୁ ସକାଳେ ଖାଲିପେଟରେ ଚା' ହେଉ କି କଫି ପିଇବା ଆଦୌ ନିରାପଦ ନୁହେଁ। ବରଂ ସକାଳୁ ଉଠି ଗିଲାସେ ପାଣି ପିଇ ସାରି ଫଳଟିଏ ଖାଇନେବା ପରେ ୧୫ ରୁ ୨୦ ମିନିଟ୍ ପରେ ଚା' ପିଇହେବ। ଚା' ସହ ବିସ୍କୁଟ୍ କି ସାମାନ୍ୟ ଜଳଖିଆ ଖାଇଲେ ତାହା ଅପେକ୍ଷାକୃତ ନିରାପଦ। ସକାଳେ କିଛି ଖାଇ ସାରିବା ପରେ ହିଁ ଚା' ପିଆଯାଇପାରେ। ହେଲେ ଖାଲିପେଟରେ ଚା' କି କଫି ପିଇବା ସ୍ୱାସ୍ଥ୍ୟ ପାଇଁ ଆଦୌ ହିତକର ନୁହେଁ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
୨୬ ଅଗଷ୍ଟ ୨୦୨୫, ମଙ୍ଗଳବାର




## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଭାରତୀୟ ଇତିହାସ ଦୃଷ୍ଟିରୁ ଅଗଷ୍ଟ ମାସର ଗୁରୁତ୍ୱ ଅଧିକ



**ଗୋପାଳ ମହାପାତ୍ର**

ଅଗଷ୍ଟ ମାସ ଭାରତୀୟ ଇତିହାସ ଦୃଷ୍ଟିରେ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ। ଅଗଷ୍ଟ ମାସରେ ଭାରତରେ ୩ଟି ଗୁରୁତ୍ୱପୂର୍ଣ୍ଣ ଘଟଣା ଘଟିଥିଲା। କିନ୍ତୁ ଏ ତିନି ଘଟଣାକୁ ଜନ୍ମ ଦେଇଥିବା ଦୁର୍ଭାଗ୍ୟପୂର୍ଣ୍ଣ ୪ର୍ଥ ଘଟଣା ମଧ ଏହି ଅଗଷ୍ଟ ମାସରେ ଘଟିଥିଲା। ଏହି ୪ର୍ଥ ଘଟଣା ଉପରେ ଅଧିକ ଗୁରୁତ୍ୱ ଦିଆଯାଏ ନାହିଁ ଯଦିଓ ସବୁର ମୂଳ ହେଉଛି ୪ର୍ଥ ଘଟଣା। ବ୍ୟବସାୟ ମାଧମରେ କୌଣସି ଦେଶ ଉପରେ କେମିତି କବ୍‌ଜା କରାଯାଏ ଏସବୁ କଥା ମଧ ଏହି ୪ର୍ଥ ଘଟଣାର ଆଧାରରେ ଅନୁଶୀଳନ କରାଯାଇପାରେ। ସେହି ଦିନଟି ଥିଲା ୧୬୦୮ ମସିହା ଅଗଷ୍ଟ ୨୪ ତାରିଖ। ଏହି ଦିନଟି ଭାରତ ପାଇଁ ଦୁର୍ଭାଗ୍ୟ ଏବଂ ଦୁର୍ଦଶାର ଦିନ ଭାବେ ସିଦ୍ଧ ହୋଇଥିଲା କାରଣ ଏହି ଦିନ ସୁରଟ ବନ୍ଦରରେ ହେକ୍ଟର ନାମକ ଜାହାଜ ପହଞ୍ଚିଥିଲା ଏବଂ ଜାହାଜରେ ଆସିଥିଲେ ୱିଲିୟମ ହକିନ୍ସ ନାମକ ଲୁଟେରା ଏବଂ ତାଙ୍କର କିଛି ସହଯୋଗୀ। ନିଜକୁ ଇଷ୍ଟ ଇଣ୍ଡିଆ କମ୍ପାନୀର ବ୍ୟବସାୟୀ ବୋଲି ପରିଚୟ ଦେଉଥିଲେ। ଏହି କମ୍ପାନୀ ଥିଲା ଲଣ୍ଡନରେ। ଲଣ୍ଡନର କିଛି ବ୍ୟବସାୟୀ ଏହି କମ୍ପାନୀ ସ୍ଥାପନ କରିଥିଲେ। ୱିଲିୟମ ହକିନ୍ଦ ତାଙ୍କ ସହଯୋଗୀ ମାନଙ୍କ ସହ ବ୍ୟବସାୟୀ ଭାବେ ଆଗ୍ରା ଯାଇ ପହଞ୍ଚିଲେ ଓ ସେଠି ମୋଗଲ ଶାସକ ସଲିମ ଓରଫ ଜାହାଙ୍ଗୀରଙ୍କ ସହ ଭେଟ କରିଥିଲେ। ମୋଗଲ ସମ୍ରାଟ ସଲିମଙ୍କ ପ୍ରସଙ୍ଗରେ ଇତିହାସରେ ଯାହା ଉଲ୍ଲେଖ ରହିଛି ତାହା ହେଉଛି ସେ ୨୪ ଘଣ୍ଟା ମଦ୍ୟପାନ କରିବା ସହ ଅୟସରେ ବୁଡି ରହୁଥିଲେ। କୁହାଯାଏ ଯେ ସଲିମ ଇଷ୍ଟଇଣ୍ଡିଆ କମ୍ପାନୀର ଏହି ତଥାକଥିତ ବ୍ୟବସାୟୀ ମାନଙ୍କୁ ସ୍ୱାଗତ କରିଥିଲେ। ଲରି କୋଲିନ୍ସ ତାଙ୍କ ଦ୍ୱାରା ଲିଖିତ ପୁସ୍ତକରେ ସେ ଲେଖିଛନ୍ତି ଯେ ୱିଲିୟମ ହକିନ୍ସ ଏବଂ ତାଙ୍କର ସହଯୋଗୀ ମାନେ ସଲିମଙ୍କୁ ଆପ୍ୟାୟିତ କରି ଏପରିକି ପୁରସ୍କାର ପ୍ରଦାନ କରି ତାଙ୍କ ସହଯୋଗ ପାଇବାରେ ସକ୍ଷମ ହୋଇଥିଲେ।

ଲରି କୋଲିନ୍ସ ତାଙ୍କ ପୁସ୍ତକରେ ଲେଖିଛନ୍ତି ଯେ ସଲିମ ଇଷ୍ଟଇଣ୍ଡିଆ କମ୍ପାନୀର ବ୍ୟବସାୟୀ ମାନଙ୍କ ପାଇଁ ଭବ୍ୟ ସ୍ୱାଗତର ଆୟୋଜନ କରିଥିଲେ ଯାହା ଅଭୁତପୂର୍ବ ଥିଲା ଯେଉଁଥିରେ ହକିନ୍ସ ଏବଂ ତାଙ୍କ ସହଯୋଗୀ ମାନେ କୃତ୍ୟ କୃତ୍ୟ ହୋଇଯାଇଥିଲେ। ଏହାର ଅନ୍ୟ ଅର୍ଥ ହେଉଛି ସେ ସମୟରେ ଇଂରେଜମାନଙ୍କ ସାମାଜିକ ଏବଂ ଆର୍ଥୀକ ସ୍ଥିତି ଏତେ ଭଲ ନଥିଲା। କଲିନ୍ସ ତାଙ୍କ ପୁସ୍ତକରେ ଇଂରେଜ ମାନଙ୍କ ଆର୍ଥିକ ସ୍ଥିତି ବାବଦରେ ବର୍ଣ୍ଣନା କରି ଲେଖିଛନ୍ତି ଯେ ଯେତେବେଳେ ୱିଲିୟମ ହକିନ୍ସ ଏବଂ ତାଙ୍କ ସହଯୋଗୀ ମାନେ ସଲିମଙ୍କୁ ଭେଟିଥିଲେ ସେତେବେଳେ ସଲିମ ଏତେ ଧନବାନ ଥିଲେ ଯେ ସଲିମଙ୍କ କୌଣସି ମାମୁଲି ସୁବେଦାରଙ୍କ ଆର୍ଥୀକ ସ୍ଥିତି ତୁଳନାରେ ତତ୍‌କାଳିନ ଇଂଲଣ୍ଡର ମହାରାଣୀଙ୍କ ସ୍ଥିତି ମଧ ନ୍ୟୁନ ଥିଲା। କିଁ ଆଶ୍ଚର୍ଯ୍ୟର କଥା ଯେ ସଲିମଙ୍କ ଜଣେ ସୁବେଦାରଙ୍କଠାରୁ ଆର୍ଥୀକ ସ୍ତରରେ ନ୍ୟୁନ ଥିବା ଇଂଲଣ୍ଡର ରାଣୀ ପରବର୍ତ୍ତୀ ସମୟରେ ଭାରତର ମହାରାଣୀ ପାଲଟି ଯାଇଥିଲେ। କିନ୍ତୁ ଛଳନା ଏବଂ ଷଡ଼ଯନ୍ତ୍ରରେ ହିଁ ଏକଥା ହୋଇପାରିଥିଲା। ବର୍ତ୍ତମାନର ଏହି ପିଢୀ ଏକଥା ଜାଣିବା ଆବଶ୍ୟକ ଯେ ଇଂରେଜ ମାନଙ୍କୁ ପରବର୍ତ୍ତୀ ସମୟରେ ଯେପରି ମହିମା ମଣ୍ଡନ କରାଯାଇଥିଲା ତାହା ସଂପୁର୍ଣ୍ଣ ମନଗଢ଼ା କାହାଣୀ ଥିଲା। ଭାରତ ଉପରେ କବ୍‌ଜା କରିବା ପୁର୍ବରୁ ଇଂଲଣ୍ଡର କୃଷକମାନେ ଭାରତର କୃଷକ ମାନଙ୍କ ଠାରୁ ଦରିଦ୍ର ଥିଲେ ଏବଂ ଦାରିଦ୍ର୍ୟ ସୀମାରେଖା ତଳେ ଜୀବିକା ନିର୍ବାହ କରୁଥିଲେ। କିନ୍ତୁ ଇଂରେଜ ମାନେ ଭାରତ ଛାଡିବା ବେଳକୁ ଭାରତର କୃଷକ ମାନଙ୍କର ଅବସ୍ଥା ୧୬୦୦ ବେଳର ଇଂଲଣ୍ଡର କୃଷକ ମାନଙ୍କ ଅବସ୍ଥାରେ ପରିଣତ କରିଦେଇଥିଲେ। ସଲିମ ଇଷ୍ଟଇଣ୍ଡିଆ କମ୍ପାନୀକୁ ତାଙ୍କ ଶାସିତ ପ୍ରଦେଶରେ ବ୍ୟବସାୟ କରିବାକୁ ଅନୁମତି ଦେଇଥିଲେ। ଇଷ୍ଟଇଣ୍ଡିଆ କମ୍ପାନୀ ମସଲା, ଚିନି, ଚା ଭଳି ବସ୍ତୁ ବିକ୍ରୀ କରି ଶତ ପ୍ରତିଶତ ଲାଭ କମାଉଥିଲେ। ଭାରତରେ ସେମାନଙ୍କ ବ୍ୟବସାୟ ସ୍ଥିର କରିବା ପରେ ସେମାନେ ଧିରେ ଧିରେ ଭାରତର ଶାସକ ପାଲଟିଥିଲେ। ଏହି ପ୍ରକାର ଅଗଷ୍ଟ ମାସରେ ହିଁ ଇଂରେଜ ମାନେ ତାଙ୍କ ଶାସନର ମି ବୁଣିଥିଲେ।

ଏହି ଇଂରେଜ ମାନଙ୍କୁ ଦେଶରୁ ତଡିବା ପାଇଁ ସବୁଠାରୁ ବଡ଼ ଆନ୍ଦୋଳନ 'ଭାରତ ଛାଡ଼ ଆନ୍ଦୋଳନ' ମଧ ଅଗଷ୍ଟ ମାସରେ ହିଁ ହୋଇଥିଲା ଯାହାକୁ ଅଗଷ୍ଟ କ୍ରାନ୍ତି ବୋଲି କୁହାଯାଏ। ୧୯୪୨ ମସିହା ଅଗଷ୍ଟ ୮ ତାରିଖଦିନ ଭାରତ ଛାଡ଼ ଆନ୍ଦୋଳନ ହୋଇଥିଲା। ସଂଯୋଗ ବଶତଃ ଅଗଷ୍ଟ ମାସରେ ଇଂରେଜ ମାନେ ଭାରତକୁ ଆସିଥିଲେ ଓ ସେଇ ଅଗଷ୍ଟ ମାସରେ ସେମାନଙ୍କୁ ଭାରତ ଛାଡି ଯିବା ପାଇଁ କୁହାଯାଇଥିଲା। ସେଇ ଅଗଷ୍ଟ ମାସର ୧୫ତାରିଖ ଦିନ ଇଂରେଜ ମାନେ ଭାରତରୁ ସବୁଦିନ ପାଇଁ ବିଦାୟ ନେଇଥିଲେ। ୧୯୪୨ ଅଗଷ୍ଟ କ୍ରାନ୍ତି ପରଠାରୁ ୧୯୪୭ଅଗଷ୍ଟ ୧୫ ପର୍ଯ୍ୟନ୍ତ ୫ବର୍ଷ ଏମିତି କ'ଣ ହେଲା ଯେ ଇଂରେଜମାନଙ୍କୁ ଭାରତ ଛାଡିବାକୁ ପଡିଥିଲା ୧୮୫୭ ପୁର୍ବରୁ ଭାରତରେ ବ୍ରିଟିଶ ସରକାରଙ୍କ ଶାସନ ନଥିଲା। ଇଷ୍ଟଇଣ୍ଡିଆ କମ୍ପାନୀ ବେଆଇନ୍ ଭାବେ ଭାରତ ଉପରେ କବ୍‌ଜା କରିଥିଲା। ଏହାକୁ ଭାରତର ଲୋକେ ଅସ୍ୱୀକାର କରିନଥିଲେ ଯାହାକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ କୁହାଯାଏ। ୧୮୫୭ର ବିରୋଧ ପରେ ଇଂରେଜ ମାନେ ଏତେ ଭୟଭୀତ ହୋଇଯାଇଥିଲେ ଯେ ଇଷ୍ଟଇଣ୍ଡିଆ କମ୍ପାନୀ ଠାରୁ ଶାସନ ବ୍ୟବସ୍ଥା ରାଣୀ ଭିକ୍ଟୋରିଆ ନିଜ ହାତକୁ ନେଇ ଯାଇଥିଲେ। ଇଷ୍ଟ ଇଣ୍ଡିଆ କମ୍ପାନୀ ସହ ମରାଠା ଏବଂ ଶିଖ ରାଜାମାନଙ୍କର ଭୟଙ୍କର ଯୁଦ୍ଧ ହୋଇଥିଲା ଏବଂ ମୋଗଲ ଶାସନ ନାମକୁ ମାତ୍ର ରହିଯାଇଥିଲା। କିନ୍ତୁ ଇଂରେଜମାନେ ମୁସଲମାନଙ୍କୁ ଏମିତି ମିଛ ସତ କହି ପ୍ରବର୍ତ୍ତାଇବାରେ ସକ୍ଷମ ହୋଇଥିଲେ ଯେ ମୁସଲମାନ ମାନେ ମୁସଲିମ ଶାସନର କଥା ଉଠାଇବାରେ ଲାଗିଲେ। ଫଳରେ ଇଂରେଜମାନେ ଦେଶ ଛାଡିବା ବେଳେ ଦେଶକୁ ବିଭାଜିତ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଏହା ମଧ ଘଟିଥିଲା ଅଗଷ୍ଟ ମାସରେ। ଅଗଷ୍ଟ ୧୫ରେ ଭାରତ ସ୍ୱାଧିନ ହେବାର ପୁର୍ବଦିନ ଅର୍ଥାତ୍ ଅଗଷ୍ଟ ୧୪ ତାରିଖ ଦିନ ପାକିସ୍ଥାନ ଭାରତରୁ ଅଲଗା ହୋଇ ଏକ ସ୍ୱତନ୍ତ୍ର ରାଷ୍ଟ୍ରରେ ପରିଣତ ହୋଇଥିଲା। ଏଣୁ ଭାରତର ଇତିହାସରେ ଅଗଷ୍ଟ ମାସର ଗୁରୁତ୍ୱ ଅଧିକ।


+ରାମଚନ୍ଦ୍ରପୁର, ରଣପୁର
ମୋ:୯୪୩୮୪୮୫୦୯୪


## ବିହାରର ଭୋଟର ତାଲିକାରୁ ମହିଳାଙ୍କ ନାମ ବାଦ୍ ପଡ଼ିବା: ଗଣତାନ୍ତିକ ଅଧିକାର ଉପରେ ଏକ ପ୍ରଶ୍ନବାଚୀ

ସାଧାରଣ ନିର୍ବାଚନ ପୂର୍ବରୁ ଭୋଟର ତାଲିକାର ସଂଶୋଧନ ଗଣତନ୍ତ୍ରର ଏକ ଅଭିନ୍ନ ଅଙ୍ଗ । ଏହା ଭୋଟର ତାଲିକାକୁ ସଠିକ୍ ଓ ଅଦ୍ୟତନ କରିବାରେ ସାହାଯ୍ୟ କରେ। ତେବେ, ବିହାରରେ ସମ୍ପ୍ରତି ଶେଷ ହୋଇଥିବା ସ୍ୱତନ୍ତ୍ର ସଂଶୋଧନ ପ୍ରକ୍ରିୟା (Special Intensive Revision - SIR) ତଥ୍ୟ ଯେଉଁ ଚିତ୍ର ଉପସ୍ଥାପନ କରିଛି, ତାହା ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ସୃଷ୍ଟି କରିଛି । ଭାରତର ନିର୍ବାଚନ ଆୟୋଗ (ECI) ଦ୍ୱାରା ପ୍ରକାଶିତ ସର୍ବଶେଷ ତଥ୍ୟ ଅନୁଯାୟୀ, ବିହାରରେ ଭୋଟର ତାଲିକାରୁ ନାମ ବାଦ୍ ଦିଆଯାଇଥିବା ବ୍ୟକ୍ତିଙ୍କ ମଧ୍ୟରେ ପୁରୁଷଙ୍କ ତୁଳନାରେ ମହିଳାମାନଙ୍କ ସଂଖ୍ୟା ଯଥେଷ୍ଟ ଅଧିକ । ଏହି ପ୍ରବଣତା, ବିଶେଷ କରି କମ୍ ବୟସର ଭୋଟରମାନଙ୍କ କ୍ଷେତ୍ରରେ, ମହିଳାଙ୍କ ମତାଧିକାର କ୍ଷେତ୍ରରେ ବଡ଼ ଧରଣର ବିଭେଦ ସୃଷ୍ଟି କରିବା ସହିତ ସେମାନଙ୍କ ଗଣତାନ୍ତିକ ଅଧିକାରକୁ କ୍ଷୁର୍ଣ୍ଣ କରିବାର ଆଶଙ୍କା ସୃଷ୍ଟି କରିଛି ।

ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ, ନିର୍ବାଚନ ଆୟୋଗ ପ୍ରାୟ ୬୫ ଲକ୍ଷ ବାଦ୍ ପଡ଼ିଥିବା ଭୋଟରଙ୍କ ସମ୍ପୂର୍ଣ୍ଣ ତାଲିକା କାରଣ ସହିତ ପ୍ରକାଶ କରିଛନ୍ତି । ଏହି ତଥ୍ୟର ବିଶ୍ଳେଷଣରୁ ଜଣାପଡ଼ିଛି ଯେ, ଜାନୁଆରୀ ୧, ୨୦୨୫ ସୁଦ୍ଧା ପ୍ରସ୍ତୁତ ଭୋଟର ତାଲିକା ତୁଳନାରେ ପ୍ରାୟ ୭ ଲକ୍ଷ ଅଧିକ ମହିଳା ଭୋଟରଙ୍କ ନାମ SIR ପ୍ରକ୍ରିୟାରେ ବାଦ୍ ପଡ଼ିଛି । ଯେତେବେଳେ ଆମେ ବାଦ୍ ପଡ଼ିବାର କାରଣଗୁଡ଼ିକୁ ଅନୁଧ୍ୟାନ କରୁ, ଏକ ଅସ୍ୱାଭାବିକ ଚିତ୍ର ସାମ୍ନାକୁ ଆସେ । 'ସ୍ଥାୟୀ ଭାବରେ ସ୍ଥାନାନ୍ତରିତ' (permanently shifted) ଶ୍ରେଣୀରେ ବାଦ୍ ପଡ଼ିଥିବା ଭୋଟରଙ୍କ ମଧ୍ୟରୁ ପ୍ରାୟ ୬୨.୬% ମହିଳା ଥିବାବେଳେ ପୁରୁଷଙ୍କ ସଂଖ୍ୟା ମାତ୍ର ୩୭.୪% ରହିଛି । ଅନ୍ୟାନ୍ୟ କାରଣ ଯଥା – 'ମିଳିଲେ ନାହିଁ', 'ଅନ୍ୟ ସ୍ଥାନରେ ନାମ ଲେଖା ହୋଇଛି' କିମ୍ବା 'ମୃତ୍ୟୁ' କ୍ଷେତ୍ରରେ ଲିଙ୍ଗଗତ ପାର୍ଥକ୍ୟ ବିଶେଷ ନ ଥିବାବେଳେ, 'ସ୍ଥାୟୀ ଭାବରେ ସ୍ଥାନାନ୍ତରିତ' ବର୍ଗରେ ଏହି ପ୍ରଭେଦ ଅତ୍ୟନ୍ତ ସ୍ପଷ୍ଟ ।

ବିଶେଷକରି, ବୟସ ବର୍ଗ ଅନୁଯାୟୀ ଏହି ତଥ୍ୟକୁ ପରୀକ୍ଷା କଲେ, ଏକ ଅଧିକ ଗଭୀର ପ୍ରବଣତା ଦେଖିବାକୁ ମିଳେ । ୧୮-୨୯ ବର୍ଷ ବୟସ ବର୍ଗରେ 'ସ୍ଥାୟୀ ଭାବରେ ସ୍ଥାନାନ୍ତରିତ' କାରଣରୁ ବାଦ୍ ପଡ଼ିଥିବା ମହିଳାମାନଙ୍କ ସଂଖ୍ୟା ପୁରୁଷଙ୍କ ତୁଳନାରେ ତିନି ଗୁଣ ଅଧିକ । ସେହିପରି, ୩୦-୪୯ ବର୍ଷ ବୟସ ବର୍ଗରେ ଏହା ଦୁଇ ଗୁଣ ଅଧିକ ରହିଛି । ଏହି ତଥ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠାଏ: ଏହି ଅଧିକ ସଂଖ୍ୟକ ମହିଳାଙ୍କ ନାମ ବାଦ୍ ପଡ଼ିବାର କାରଣ କ'ଣ ପରିବାର କିମ୍ବା ବିବାହ ପରେ ଯୁବତୀମାନଙ୍କ ସ୍ଥାନାନ୍ତରଣ କି ?

୨୦୧୧ ଜନଗଣନା ତଥ୍ୟ ଏହି ପ୍ରଶ୍ନର ଉତ୍ତର ପାଇଁ କିଛି ସୂଚନା ଦିଏ । ଏହି ତଥ୍ୟ ଅନୁଯାୟୀ, ପ୍ରାୟ ୧୭.୭ ଲକ୍ଷ ମହିଳା ବିବାହ କାରଣରୁ ବିହାର ଛାଡ଼ିଥିବା ବେଳେ ମାତ୍ର ୪୩,୦୦୦ ପୁରୁଷ ଏହି କାରଣରୁ ସ୍ଥାନାନ୍ତରିତ ହୋଇଥିଲେ । ଏହାର ବିପରୀତରେ, କାର୍ଯ୍ୟ ସନ୍ଧାନରେ ପ୍ରାୟ ୨୧.୨ ଲକ୍ଷ ପୁରୁଷ ବିହାରରୁ ବାହାରକୁ ଯାଇଥିବା ବେଳେ ମାତ୍ର ୧.୫ ଲକ୍ଷ ମହିଳା ଏହି କାରଣରୁ ସ୍ଥାନାନ୍ତରିତ ହୋଇଥିଲେ । ଏହା ଦର୍ଶାଏ ଯେ, ସାମଗ୍ରିକ ଭାବେ କାର୍ଯ୍ୟ ସନ୍ଧାନରେ ପୁରୁଷ ପ୍ରବାସୀଙ୍କ ସଂଖ୍ୟା ମହିଳା ପ୍ରବାସୀଙ୍କ ତୁଳନାରେ ଅଧିକ । ଏହି ବ୍ୟବଧାନ ଗତ ୧୪ ବର୍ଷ ମଧ୍ୟରେ ଆହୁରି ବୃଦ୍ଧି ପାଇଥିବାର ଅନୁମାନ କରାଯାଏ, କାରଣ ପୁରୁଷମାନଙ୍କ କାର୍ଯ୍ୟାନ୍ୱେଷଣ ପ୍ରବାସ ଜାରି ରହିଛି।

ତେବେ, ଯଦି ସାମଗ୍ରିକ ପୁରୁଷ ପ୍ରବାସୀଙ୍କ ସଂଖ୍ୟା ଅଧିକ, ତେବେ SIR ଭୋଟର ତାଲିକାରୁ ଅଧିକ ମହିଳା ପ୍ରବାସୀଙ୍କ ନାମ କାହିଁକି ବାଦ୍ ଦିଆଯାଉଛି ? ଏହା କି ବର୍ଷ ବର୍ଷ ଧରି ପ୍ରବାସରେ ଥିବା ପୁରୁଷ ଭୋଟରମାନଙ୍କ ନାମ ପୂର୍ବ ବର୍ଷଗୁଡ଼ିକର ସଂକ୍ଷିପ୍ତ ସଂଶୋଧନରେ ପୂର୍ବରୁ ବାଦ୍ ଦିଆସରିଛି ? ଏହି ପ୍ରଶ୍ନଗୁଡ଼ିକର ଉତ୍ତର ଜରୁରୀ । ବିହାରରେ ଉଚ୍ଚ ନିରକ୍ଷରତା ହାର ମହିଳାଙ୍କ ନାମ ବାଦ୍ ପଡ଼ିବାର ଏକ କାରଣ ହୋଇପାରେ କି , ଏହି ପ୍ରଶ୍ନର ମଧ ଉତ୍ତର ଆବଶ୍ୟକ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ହେଉଛି, ଏହି ପ୍ରବାସୀ ଭୋଟରମାନଙ୍କୁ ସେମାନଙ୍କ ନୂତନ ସ୍ଥାନରେ ଭୋଟର ଭାବରେ ପଞ୍ଜୀକୃତ କରା ନ ଯାଇ ସେମାନଙ୍କ ନାମ ବାଦ୍ ଦେବାର ପରିଣାମ କ'ଣ ହେବ ? ଏହା କି ସେମାନଙ୍କର ମତାଧିକାରକୁ ଛଡ଼ାଇ ନେବ ? ଗଣତନ୍ତ୍ରରେ ପ୍ରତ୍ୟେକ ନାଗରିକଙ୍କୁ ଭୋଟ ଦେବାର ଅଧିକାର ସର୍ବୋପରି । ଯଦି ମହିଳାମାନଙ୍କୁ, ବିଶେଷ କରି ଯୁବତୀମାନଙ୍କୁ, ସେମାନଙ୍କର ପ୍ରବାସ କିମ୍ବା ବିବାହ କାରଣରୁ ଭୋଟର ତାଲିକାରୁ ବାଦ୍ ଦିଆଯାଏ, ତେବେ ଏହା କେବଳ ସେମାନଙ୍କ ବ୍ୟକ୍ତିଗତ ଅଧିକାରର ଉଲ୍ଲଂଘନ ନୁହେଁ, ବରଂ ଏହା ଗଣତାନ୍ତ୍ରିକ ପ୍ରକ୍ରିୟାକୁ ଦୁର୍ବଳ କରିଦିଏ । ଏହି ପ୍ରସଙ୍ଗରେ ନିର୍ବାଚନ ଆୟୋଗ ଏକ ସ୍ୱଚ୍ଛ ଏବଂ ସୁସଙ୍ଗତ ନୀତି ପ୍ରଣୟନ କରିବା ଏକାନ୍ତ ଆବଶ୍ୟକ । ପ୍ରବାସୀ ଭୋଟରମାନେ, ବିଶେଷକରି ମହିଳାମାନେ, ଯେପରି ସେମାନଙ୍କର ମତାଧିକାରରୁ ବଞ୍ଚିତ ନ ହୁଅନ୍ତି, ସେଥିପାଇଁ ଉପଯୁକ୍ତ ବ୍ୟବସ୍ଥା ଗ୍ରହଣ କରାଯିବା ଉଚିତ୍ ।

## ନିର୍ବାଚନ ଆୟୋଗର ନିରପେକ୍ଷତା



**ଅଧ୍ୟାପକ ଗୋପବନ୍ଧୁ**

ଗଣତନ୍ତ୍ରର ସ୍ଥିତି ଓ ଭବିଷ୍ୟତ ମୁକ୍ତ ଓ ଅବାଧ ନିର୍ବାଚନ ଉପରେ ନିର୍ଭର କରେ। ଯଦି ନିର୍ବାଚନ ପ୍ରକ୍ରିୟାରେ ଅନିୟମିତତା ପରିଲକ୍ଷିତ ହୁଏ ଓ ଏହାକୁ ଯଥାର୍ଥତାର ପୋଷାକ ପିନ୍ଧାଇବାକୁ ଚେଷ୍ଟା କରାଯାଏ, ତେବେ ଗଣତନ୍ତ୍ର ପ୍ରତି ବିପଦ ମାଡ଼ି ଆସୁଛି ବୋଲି ଧରିନେବାକୁ ହେବ। ଗଣତନ୍ତ୍ରରେ ଜନସାଧାରଣଙ୍କ ଇଚ୍ଛାମତେ ସରକାର ଗଠିତ ହୁଏ। ଏଥିପାଇଁ ମୁକ୍ତ ଓ ଅବାଧ ନିର୍ବାଚନର ଆବଶ୍ୟକତା ରହିଛି। ନିର୍ବାଚନ ପ୍ରକ୍ରୀୟାକୁ ତଦାରଖ ଓ ପରିଚାଳନା କରିବା ପାଇଁ ଏକ ରାଷ୍ଟ୍ରୀୟ ସଂସ୍ଥାର ଆବଶ୍ୟକତା ପଡେ। ଏହା ସୁସ୍ଥ ଗଣତାନ୍ତ୍ରିକ ବ୍ୟବସ୍ଥାର ଅନିବାର୍ଯ୍ୟ ବିଷୟ। ଭାରତବର୍ଷ ବିଶ୍ୱରେ ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ର। ଏଥିପାଇଁ ଆମେ ସ୍ୱତନ୍ତ୍ର ସମ୍ମାନର ଅଧିକାରୀ। ଆମ ଦେଶରେ ମଧ ନିର୍ବାଚନ ପ୍ରକ୍ରିୟାର ତଦାରଖ ପାଇଁ ଓ ପରିଚାଳନା ପାଇଁ ଏକ ସାମ୍ବିଧାନିକ ସଂସ୍ଥା ରହିଛି, ଯାହା ଭାରତୀୟ ନିର୍ବାଚନ ଆୟୋଗ ଭାବେ ପରିଚିତ। ଏହାର ଶାଖା ପ୍ରତି ରାଜ୍ୟରେ ରହିଛି ଓ ଜିଲ୍ଲା ସ୍ତରରେ ମଧ ଅଧିକାରୀମାନେ ରହିଛନ୍ତି। ନିର୍ବାଚନ ଆୟୋଗ ଏକ ମୁକ୍ତ ଓ ନିରପେକ୍ଷ ସଂସ୍ଥା। ଦଳୀୟ ରାଜନୀତିର ଉର୍ଦ୍ଧ୍ୱରେ ଏହା କାର୍ଯ୍ୟ କରିବା ପାଇଁ ସାମ୍ବିଧାନିକ ନିର୍ଦ୍ଦେଶ ରହିଛି। ହେଲେ ଏବେର ନିର୍ବାଚନ ଆୟୋଗ ତାର ସାମ୍ବିଧାନିକ ଗାରିମାକୁ ଅତୁଟ ରଖିବାରେ ସକ୍ଷମ ହେଉନାହିଁ ବୋଲି ଅଭିଯୋଗ ହେଉଛି। କ୍ରମେ ଏହା ଦଳୀୟ ରାଜନୀତିର ଚକ୍ରବ୍ୟୁହରେ ଛନ୍ଦି ହୋଇ ଯାଉଛି ଓ ଶାସକ ଦଳର ଇଙ୍ଗିତରେ କାର୍ଯ୍ୟ କରୁଛି ବୋଲି ଅନେକଙ୍କ ମତ। ଏ ସନ୍ଦେହ ନିର୍ବାଚନ ଆୟୋଗର ଚୟନ ପ୍ରକ୍ରିୟାରୁ ଆରମ୍ଭ ହୋଇଥିଲା। ନିର୍ବାଚନ ଆୟୋଗ ତିନି ସଦସ୍ୟଙ୍କୁ ନେଇ ଗଠିତ, ତାଙ୍କ ଭିତରୁ ଜଣେ ମୁଖ୍ୟ। ଏମାନଙ୍କ ଚୟନ ପାଇଁ ଏକ କମିଟି ରହିଛି। ସେଥିରେ ତିନିଜଣ ସଦସ୍ୟ ରହନ୍ତି। ସେମାନେ ହେଉଛନ୍ତି ପ୍ରଧାନମନ୍ତ୍ରୀ, ବିରୋଧୀ ଦଳର ନେତା ଓ ଜଣେ କ୍ୟାବିନେଟ୍ ମନ୍ତ୍ରୀ। ଏବାବଦକୁ ସର୍ବୋଚ୍ଚ ନ୍ୟାୟାଳୟ ଏକ ମାର୍ଗ ଦର୍ଶିକା ପ୍ରଦାନ କରିଥିଲେ। ଏହି ଚୟନ କମିଟିରେ ତିନିଜଣ ସଦସ୍ୟ ରହିବେ ବୋଲି ଦର୍ଶାଇଥିଲେ ପ୍ରଧାନମନ୍ତ୍ରୀ, ବିରୋଧୀ ଦଳ ନେତା ଓ ଉଚ୍ଚତମ ନ୍ୟାୟାଳୟର ପ୍ରଧାନ ବିଚାରପତି। ପରବର୍ତ୍ତୀ ସମୟରେ ଏହାର ପରିବର୍ତ୍ତନ କରି ସେହି ତିନି ଜଣିଆ ଚୟନ କମିଟିରୁ ପ୍ରଧାନ ବିଚାରପତିଙ୍କୁ ବାହାର କରି ଜଣେ ବରିଷ୍ଠ ମନ୍ତ୍ରୀଙ୍କୁ ସାମିଲ କରାଯିବାର ନିୟମ ପାରିତ କରାଗଲା। ଉଦ୍ଦେଶ୍ୟ ସ୍ପଷ୍ଟ ଯେ କିପରି ଆୟୋଗକୁ ନିଜ ନିୟନ୍ତ୍ରଣରେ ରଖାଯାଇ ପାରିବ। ନିଜ ଲୋକଙ୍କୁ ଆୟୋଗରେ ରଖାଯାଇ ପାରିବ। ପୂର୍ବରୁ ଭୋଟର ତାଲିକାରେ ଓ ଭୋଟ ପ୍ରଦାନରେ ଅନିୟମିତତାକୁ ନେଇ ଅନେକ ଅଭିଯୋଗ ଆସିଛି। ହେଲେ ନିକଟରେ ବିରୋଧି ଦଳ ନେତା ଶ୍ରୀ ରାହୁଲ ଗାନ୍ଧୀଙ୍କ ଭୋଟ ଚୋରି ଉପରେ ସାମ୍ବାଦିକ ସମ୍ମିଳନୀ ସାରା ଦେଶରେ ଚହଳ ପକାଇଛି। ବିଭିନ୍ନ ସୋପାନରେ କିପରି ଭାବେ ଭୋଟ ଚୋରି ହେଉଛି ଓ ନିର୍ବାଚନ ଫଳାଫଳକୁ ନିୟନ୍ତ୍ରଣ କରାଯାଉଛି ତାହାର କିଛି ପ୍ରମାଣିକ ତଥ୍ୟ ସେ ଉପସ୍ଥାପନ କରିଛନ୍ତି। ସେ ସିଧାସଳଖ ନିର୍ବାଚନ ଆୟୋଗ ଉପରେ ଅଭିଯୋଗ ଆଣି ଏହା କିପରି ଶାସକ ବିଜେପି ସହିତ ମିଶି ଭୋଟ ହେରଫେର କରୁଛି ଓ ବିଜେପିକୁ ଫାଇଦା ଦେଉଛି ତାହା ଉଲ୍ଲେଖ କରିଛନ୍ତି। ବିଭିନ୍ନ ରାଜ୍ୟ ବିଧାନସଭା ନିର୍ବାଚନ ସମେତ ଗତ ଲୋକସଭା ନିର୍ବାଚନରେ ମଧ ବ୍ୟାପକଭାବେ ଭୋଟ ଚୋରି ହୋଇଛି ବୋଲି ତାଙ୍କ ଅଭିଯୋଗ। ଲୋକସଭା ନିର୍ବାଚନରେ ଏନଡିଏ ୨୫ ଟି ଆସନରେ ହାରିଥିଲେ ବିରୋଧୀ ଇଣ୍ଡିଆ ମେଣ୍ଟ ସରକାର ଗଢିଥାନ୍ତା। ବହୁ ଆସନରେ ଭୋଟ ଚୋରିକରି ଶ୍ରୀ ନରେନ୍ଦ୍ର ମୋଦୀ ପ୍ରଧାନମନ୍ତ୍ରୀ ହୋଇଛନ୍ତି ବୋଲି ସେ ସିଧାସଳଖ ଅଭିଯୋଗ କରିଛନ୍ତି। ଅବଶ୍ୟ ବିଜେପି ରାହୁଲଙ୍କ ଏ ପ୍ରକାର ଅଭିଯୋଗକୁ ଖଣ୍ଡନ କରି ପାଲଟା ଆକ୍ରମଣ କରିଛି। ବିଜେପିର ଅନୁରାଗ ଠାକୁର କହିଛନ୍ତି ଯେ କଂଗ୍ରେସ ଅମଳରେ ପ୍ରଥମ ନିର୍ବାଚନଠାରୁ ଭୋଟ ଚୋରି ଆରମ୍ଭ ହୋଇଛି। ଭୋଟଚୋରି ଉପରେ ଏବେ ବିତର୍କ ଚାଲିଛି। ଏହା ରାହୁଲ ଗାନ୍ଧୀ ଓ ତେଜସ୍ୱୀ ଯାଦବ ଏବେ ବିହାରରେ ଭୋଟ ଅଧିକାର ରାଲି କରୁଛନ୍ତି। ବିବାଦ ତେଜିଲା ପରି ମନେ ହେଉଛି।

ରାହୁଲଙ୍କ ଅଭିଯୋଗ ହେଉଛି ଯେ ଭୋଟର ତାଲିକାରେ ବ୍ୟାପକ ହେରଫେର ହୋଇଛି। ସେ ଯେଉଁ ଅନିୟମିତତାର ଅଭିଯୋଗ ଆଣିଛନ୍ତି ଓ ପ୍ରମାଣ ଦେଇଛନ୍ତି ତାହା ଭୋଟ ଚୋରୀ ସନ୍ଦେହକୁ ଘନୀଭୂତ କରୁଛି। ଭୋଟର ତାଲିକାରୁ ଜଣାପଡୁଛି ଯେ ଅନେକ ଭୋଟରଙ୍କ ଘର ନମ୍ବର ସମାନ, ଅନେକ ଭୋଟରଙ୍କ ଘର ନମ୍ବର ଶୂନ୍ ଓ ଅନେକ ଭୋଟର ଗୋଟିଏ ଛୋଟ ଘରେ ରହନ୍ତି। ସେ ସୂଚାଇଥିବା କର୍ଣ୍ଣାଟକର ଏକ କୋଠାରୀ ବିଶିଷ୍ଟ ଗୋଟିଏ ଘରେ ୮୦ ଜଣ ଭୋଟର ବସବାସ କରନ୍ତି, ଯାହା ଅସମ୍ଭବ। ଭୋଟର ତାଲିକାରେ ଭୋଟଦାତାଙ୍କ ଅସ୍ପଷ୍ଟ ଫୋଟ ରହିଛି। ବାପାଙ୍କ ନାମ ଅବାନ୍ତରଭାବେ ଉଲ୍ଲେଖ ରହିଛି। ନୂଆ ଭୋଟରମାନଙ୍କ ଭିତରେ ବହୁ ବୃଦ୍ଧବୃଦ୍ଧା ଏପରିକି ୯୦ ବର୍ଷର ଲୋକ ରହିଛନ୍ତି। ଭୋଟରଙ୍କ ନାମ ଏକାଧିକ କେନ୍ଦ୍ରରେ ଓ ଏକାଧିକ ରାଜ୍ୟରେ ରହିଛି। କର୍ଣ୍ଣାଟକର ଗୋଟିଏ ବିଧାନସଭା ଆସନରେ ଏକ ଲକ୍ଷରୁ ଅଧିକ ନୂଆ ଭୋଟର ଯୋଗ ହେବା ଓ ଅପରାହ୍ନ ୫ ଟା ପରେ ବହୁସଂଖ୍ୟକ ଭୋଟ ପଡ଼ିବା, ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଅପରାହ୍ନ ୫ ଟା ପରେ ୭୦ ଲକ୍ଷରୁ ଅଧିକ ଭୋଟ ପଡ଼ିବା, ଭୋଟ ପ୍ରଦାନ ସଂଖ୍ୟା ଦେବାରେ ନିର୍ବାଚନ ଆୟୋଗ ବିଳମ୍ବ କରିବା ଇତ୍ୟାଦି ସ୍ୱତଃ ସନ୍ଦେହ ଜାତ କରାଉଛି ଭୋଟ ଚୋରି ହେବାର। ତାଙ୍କ ଅଭିଯୋଗ ଯେ ସବୁଠାରୁ ଅଧିକ ସନ୍ଦେହ ସୃଷ୍ଟି କରୁଛି ନିର୍ବାଚନ ଆୟୋଗ ଭୋଟର ତାଲିକାର ଡିଜିଟାଲ ରେକର୍ଡ଼କୁ ସାର୍ବଜନୀନ ନକରିବା ଓ ନିର୍ବାଚନ ସମୟର ସମସ୍ତ ଫୁଟେଜକୁ ସାଧାରଣ ଜନତାଙ୍କ ପାଇଁ ନଛାଡିବା ଯୋଗୁଁ। ପୁଣି ଏହାକୁ ୪୫ ଦିନ ମଧ୍ୟରେ ହଟାଇଦେବା ବିଷୟ ସୂଚୀତ କରୁଛି କିଛି ହେରଫେର ଥିବାର। ତେଣୁ ସେ ଦାବୀ କରିଛନ୍ତି ଭୋଟର ତାଲିକାର ଡିଜିଟାଲ ରେକର୍ଡକୁ ଓ ନିର୍ବାଚନ ସମୟର ଫୁଟେଜକୁ ସାର୍ବଜନୀନ କରିବା ପାଇଁ। ତାଙ୍କ ଏପ୍ରକାର ଅଭିଯୋଗ ପରେ ନିର୍ବାଚନ ସମ୍ବନ୍ଧୀୟ ବିଭିନ୍ନ ଅନିୟମିତତା ବିଭିନ୍ନ ରାଜ୍ୟରେ ପ୍ରକାଶ ପାଇବାରେ ଲାଗିଛି। ଅନେକ କ୍ଷେତ୍ରରେ ଅଭିଯୋଗ ଆସିଛି ଯେ ସୂଚୀତ ଭୋଟ ପରିମାଣ ଓ ଭୋଟ ପ୍ରଦାନ ପରିମାଣ ମଧରେ ତାଳମେଳ ନାହିଁ। ଭୋଟର ତାଲିକାରୁ ବିରୋଧୀଙ୍କ ନାମକୁ ହଟାଯିବା ଓ ସମର୍ଥକଙ୍କ ନାମ ପୁରାଯିବା କାର୍ଯ୍ୟ ହୋଇଛି। ଯାହା ଏବେ ବିହାରର ଭୋଟର ତାଲିକାର ସ୍ୱତନ୍ତ୍ର ଯାଞ୍ଚବେଳେ ହେଉଛି ବୋଲି ଅଭିଯୋଗ ଆସୁଛି। ନକଲି ଭୋଟରଙ୍କୁ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରାଯିବା, ଜଣେ ଆଉ ଜଣକଙ୍କ ନାମରେ ଭୋଟ ଦେବା, ଜଣେ ଏକାଧିକ ଭୋଟଦେବା ପରି ଅଭିଯୋଗ ହେଉଛି। ରାହୁଲ ଗାନ୍ଧୀ ଗତ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ କଥା ଉଲ୍ଲେଖ କରି କହିଛନ୍ତି ଯେ ଲୋକସଭା ନିର୍ବାଚନରେ ଇଣ୍ଡିଆ ମେଣ୍ଟ ସଂଖ୍ୟାଧିକ ଆସନରେ ଜିତିଥିବା ବେଳେ ବିଧାନସଭା ନିର୍ବାଚନର ଫଳ ଓଲଟା ହୋଇଛି। ଏହା ସନ୍ଦେହଜନକ ବିଷୟ। ସନ୍ଦେହ ଆହୁରି ତୀବ୍ରତର ହୋଇଛି ଯେତେବେଳେ ବରିଷ୍ଠ ନେତା ଶରଦ ପାୱାର କହିଲେ ଯେ ତାଙ୍କୁ ଦୁଇଜଣ ସାକ୍ଷାତ କରି କହିଥିଲେ ଯେ ସେମାନେ ମହାରାଷ୍ଟ୍ରରେ ୧୬୦ ବିଧାନସଭା ଆସନରେ ଜିତାଇ ଦେଇ ପାରିବେ। ଏହାର ଅର୍ଥ ଦେଶରେ ନିର୍ବାଚନ ପ୍ରକ୍ରିୟାରେ କିଛି ହେରଫେର ଚାଲିଛି। ଅଧିକାରୀଙ୍କ ଅଜାଣତରେ ଏହା ହେବା ସମ୍ଭବପର ନୁହେଁ। ଦ୍ୱିତୀୟରେ ଭୋଟିଂ ମେଶିନରେ ଟେମ୍ପରିଂ କରିବା ସମ୍ବନ୍ଧରେ ଅଭିଯୋଗ ରହିଆସିଛି। ଏହା ଅନେକ ପ୍ରକାରରେ ହୁଏ ବୋଲି ଅଭିଯୋଗ ଆସେ। ଭୋଟିଂ ପରେ ଭୋଟିଂ ମେସିନ୍ ବଦଳିବା, ମେଶିନରେ ଥିବା ଭୋଟ ସଂଖ୍ୟା ବଢ଼ାଇବା, ମେଶିନରେ ଥିବା ଭୋଟ ହିସାବକୁ ଏପଟ ସେପଟ କରିବା ଅଥବା ପୂର୍ବ ସେଟିଂ ଅନୁଯାୟୀ ଗୋଟିଏ ଦଳର ସପକ୍ଷରେ ଭୋଟ ପକାଇବା ଇତ୍ୟାଦି ଜାଲିଆତି ହେବାର ଅଭିଯୋଗ ରହିଛି। ଏବେ ହରିୟାନାର ଗୋଟିଏ ପଞ୍ଚାୟତର ଘଟଣା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଇଭିଏମ ଭୋଟର ପୁନଃ ଗଣତି ହେବାରୁ ତିନି ବର୍ଷ ତଳେ ହାରିଥିବା ବ୍ୟକ୍ତି ବିଜୟୀ ହୋଇଛନ୍ତି।

ସାମ୍ପ୍ରତିକ ପରିସ୍ଥିତିରେ ସମଗ୍ର ଭାରତବର୍ଷରେ ନିର୍ବାଚନ ଆୟୋଗ ସନ୍ଦେହ ଘେରରେ। ଅଭିଯୋଗମାନ ସତ୍ୟ ହୋଇଥିଲେ ବିଷୟ ଅତ୍ୟନ୍ତ ଗମ୍ଭିର। ଏଥିପାଇଁ ଯେଉଁମାନେ ଦୋଷୀ ତାଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବା ଉଚିତ୍। ଭୋଟ ଚୋରି ଗଣତନ୍ତ୍ରର ମେରୁଦଣ୍ଡକୁ ଭାଙ୍ଗିଦେବ। ଅଭିଯୋଗ ମିଥ୍ୟା ହୋଇଥିଲେ ବି ନିର୍ବାଚନ ଆୟୋଗକୁ ବିଶ୍ୱାସଭାଜନ ହେବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ହେବ। କୌଣସି ପ୍ରକାର ସନ୍ଦେହମୂଳକ ପଦକ୍ଷେପରୁ ଆୟୋଗ ବଞ୍ଚିତ ହେବା ଉଚିତ୍। ନିର୍ବାଚନ ଆୟୋଗକୁ ପୁନଃ ବିଶ୍ୱାସଭାଜନ ହେବାପାଇଁ କିଛି ଲୋକାଭିମୁଖୀ ପଦକ୍ଷେପ ନେବାକୁ ହେବ। ଏହାର ଚୟନ କମିଟିର ପରିବର୍ତ୍ତନ ଲୋଡ଼ା, ଏଥିରେ ପୂର୍ବପରି ପ୍ରଧାନମନ୍ତ୍ରୀ, ବିରୋଧୀ ଦଳ ନେତା ଓ ସର୍ବୋଚ୍ଚ ନ୍ୟାୟାଳୟର ପ୍ରଧାନ ବିଚାରପତିଙ୍କୁ ନିଆଯିବା ଉଚିତ୍। ଭୋଟର ତାଲିକାକୁ ନିର୍ଭୁଲ ଭାବେ ପ୍ରସ୍ତୁତ କରଯାଉ। ନିର୍ବାଚନ ସମୟରେ ପ୍ରତି ବୁଥରେ ସିସି କ୍ୟାମେରା ରେକର୍ଡିଂ ହେଉ। ନିର୍ବାଚନ ପରେ ଏହି ଫୁଟେଜ୍ ଗୁଡ଼ିକୁ ସାର୍ବଜନୀନ କରାଯାଉ। ଭୋଟର ତାଲିକାର ଡିଜିଟାଲ ଡାଟା ଆୟୋଗର ୱେବ ସାଇଟରେ ସର୍ବଦା ଉପଲବ୍ଧ ହେଉ। ପ୍ରତି ବୁଥର ଭୋଟର ସଂଖ୍ୟା ଓ ପଡିଥିବା ଭୋଟର ସଂଖ୍ୟା ସାର୍ବଜନୀନ କରାଯାଉ। ନିର୍ବାଚନ ସମ୍ବନ୍ଧୀୟ ସମସ୍ତ ବିଷୟ ସାଧାରଣ ଜନତାଙ୍କ ସମ୍ମୁଖରେ ରଖାଯାଉ। ମନେ ରଖିବାକୁ ଯେ ନିର୍ବାଚନ ଆୟୋଗ ହେଉଛି ଗଣତନ୍ତ୍ରର ସୁରକ୍ଷା କବଚ। ଆଜି ଆମ ପାଇଁ ବଡ଼କଥା ନୁହେଁ କିଏ ସରକାର ଗଢିବ, ଆମ ପାଇଁ ବଡ କଥା ଆମ ଗଣତନ୍ତ୍ର କିପରି ସୁରକ୍ଷିତ ରହିବ।


+ବାରିପଦା, ମୟୂରଭଞ୍ଜ,
ମୋ. ୭୦୦୮୯୭୬୧୮୦





### ପରିବର୍ତ୍ତିତ ସମୟ

**ନିରଞ୍ଜନ ସାହୁ**

ସମୟଟା ଏବେ ବଦଳି ଯାଇଛି
ଲାଗୁନାହିଁ ଆଉ ଭଲ
ପରିସ୍ଥିତି , ପରିବେଶ ବଦଳିଛି
କରୁଅଛି କଲବଲ ।

କିଏସେ ମାନୁଛି ଗୁରୁ ଗୁରୁଜନ
ସମ୍ମାନ ଦେଉଛି ଏବେ
ଲୋକ ଦେଖାଣିଆ ଭକତି ଚାଲିଛି
କହିଦେବ ତୁମେ ଯେବେ
ପରିସ୍ଥିତି ଅସମ୍ଭାଳ ହୋଇଯିବ
ଜାଣିବ ଏଇନେ ମଲ ।

ସତ କହିବାକୁ ସାହସ ଥିଲେ ବି
ଯଦି ଖୋଲିଯିବ ତୁଣ୍ଡ
କିଏ ଜାଣେ କେତେବେଳେ ଯେ
ତୁମର
ଗଣ୍ଡିରୁ କଟିବ ମୁଣ୍ଡ
ସତ୍ୟ ଧୀରେଧୀରେ ସମାଧି ନେଉଛି
ମିଥ୍ୟାବାଦୀ ପଲପଲ ।

ଦିନଥିଲା ଦିନେ ଚୋରି କରିବାକୁ
ମଣୁଥିଲେ ମହାପାପ
ସାମାନ୍ୟ ଟିକିଏ ଭୁଲ କରି ଲୋକେ
କରୁଥିଲେ ଅନୁତାପ
ଏଇନେ ସେ ଚିନ୍ତାଧାରା ବଦଳିଛି
କହିଲେ ସଂସାରୁ ଗଲ ।

ରାଜନୀତି ଦିନେ ଜନସେବା ଥିଲା
ଏବେ ଏହା କଳୁଷିତ
ସମ୍ପର୍କର ପରିଭାଷା ବଦଳିଛି
କିଏସେ କରିବ ହିତ
ଏମିତି ସମୟ ଆସି ପହଞ୍ଚିଛି
ସବୁକିଛି ହଲଚଲ ।


ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ -- ୭୫୯୦୧୬
ମୋ :-- ୯୯୩୮୭୪୧୫୮୩


### ଅନୁଚିନ୍ତା

**ସୁନନ୍ଦା ମହାନ୍ତି**

ପୁଣ୍ୟ ପତର କି ପାପ ପଥର
ଦୁଇଟିରୁ ଗୋଟିଏ ଗୋଟେଇ
ଯିବାକୁ ହେବ ଯାଏଁ ଜୁଇ ସରଗଦ୍ୱାର
ବଦଳି ଗଲାଣି ଅନେକ କଥା
ଭାରି ଯିଏ ରହେ ତଳକୁ ଦେଇ ବ୍ୟଥା
ନିକିତି ତଉଲ ସାନ ବଡକୁ
ଭାରି ହୁଏ ଯିଏ ରହି ତକକୁ
ଅର୍ଥର ସମର୍ଥ ବୁଝିବା କଥା
ପାପ ଗଣ୍ଠିଲି ଲାଗୁଛି ପୂର୍ଣ୍ଣ
ପୁଣ୍ୟ ଗଣ୍ଠିଲି ଲାଗୁଛି ଶୁନ୍ୟ
ବାଛିବା ଆଗରୁ କିଏ ସତ କି ମିଥ୍ୟା
ପୋତ କମ୍ବଳ ପକା ତୁ ଛତା
ଶୁଣ ଅବୋଲକରା କହୁଛି ସତକଥା
ଶିଖାଛନ୍ତି ଯାହା ପିତା ଓ ମାତା
ବଦଳିନି ସେ ଅମୂଲ୍ୟ କଥାର ବାର୍ତ୍ତା
ଯାହା ପଛେ ବଦଳୁ ନିତି ପ୍ରଥା
ଦୁସ୍ଥ କି ସୁସ୍ଥ ପରଖି ସମାଜ ହିତା
ଜାତୀୟ ପତାକା
ଆଙ୍କିଛନ୍ତି ଯିଏ ବେଵର୍ତ୍ତା
ଭେଙ୍କଟ ପିଙ୍ଗଳଙ୍କୁ ଚିହ୍ନି
ଦେବା ଏ ବାର୍ତ୍ତା
ଗାନ୍ଧିଜୀଙ୍କ ସାଥେ ଯେଉଁମାନେ ଥିଲେ
କରୁଥିଲେ ସଦା ଦେଶର
ଚିନ୍ତା ନୂଆଇଁ ମଥା।


+ସାକ୍ଷୀଗୋପାଳ, ପୁରୀ
ମୋ: ୯୦୪୦୯୭୭୩୨୭

# କବିତାମାଳା

## କରୁଣ ଶୈଶବ
### ପ୍ର.ଗିରିଜା ଶଂକର ଶର୍ମା



ଝୁମ୍ପୁଡ଼ି ବସ୍ତି ରାସ୍ତା କଡ଼ରେ
ପିଲାମାନେ ବସିଥାନ୍ତି ବାଲିଗଦା ଉପରେ ।
ସକାଳରୁ ସଂଧ୍ୟା ପର୍ଯ୍ୟନ୍ତ
ସେଠି ବସିବାଟା
ତାଙ୍କ ପାଇଁ ଖେଳିବା ସଂଗେ ସମାନ
କିଏ ଚିରା ପ୍ୟାଣ୍ଟ ପିନ୍ଧି ଥାଏ ତ
କିଏ ମଇଳା ସାନ ଫ୍ରକଟିଏ
ସେ ଜାଗା ତାଙ୍କର ସିଂହାସନ
ତାଙ୍କ ପୃଥିବୀର ପରିସୀମା ।

ସେମାନଙ୍କ ଆଖିରେ ସ୍ୱପ୍ନ ନଥାଏ
ଭବିଷ୍ୟତ କଣ ସେମାନେ ଜାଣନ୍ତିନି
ଆଗକୁ ତାଙ୍କ ପାଇଁ କଣ ଅଛି
ବୁଝି ପାରନ୍ତିନି ।

ବଡ଼ ଦୁଃଖ ଲାଗେ
ଦେଖିଲେ ତାଙ୍କ ଆଶା ଶୂନ୍ୟ ଆଖି ।
ଭବିଷ୍ୟତ ହୀନ ଜୀବନ ।
ସମୟ ସୁଅରେ ଭାସି ଯାଉଥିବା
ସବୁଜ ପତ୍ର ସେମାନେ
ବୁଡ଼ି ଯିବେ କି କୂଳରେ ଲାଗିବେ
ଏବେଠୁ କହିବା ମୁସ୍କିଲ ।

ସେମାନେ ଖେଳରେ ମସଗୁଲ ସବୁବେଳେ
ଶୋଚନା କି ଅନୁଶୋଚନା, କିଛି ନାହିଁ
ଫୁଲ ପରି ଫୁଟିବା ଆଗରୁ
ସମୟ ଚୋରାଇ ନେଇଛି ତାଙ୍କ ସୁବାସ ।
ଫିକା ପଡ଼ିଛି ତାଙ୍କ ରଂଗ ରୂପ
ସେମାନଙ୍କ ଅଜାଣତରେ

କିଛି ନଜାଣି ପାରି ବଂଚିବା
ଅଭିଶାପ କି ଆଶୀର୍ବାଦ
କହିହେବନି କିନ୍ତୁ ବର୍ତ୍ତମାନକୁ
ହଟେଇ ଦେବାର ଏକ ସୁନ୍ଦର ଉପାୟ ।

ବେଶି ଭାବିଲେ କ୍ଳାନ୍ତି ଆସେ
ଭବିଷ୍ୟତ ଅଂଧାର ଦିଶେ ।
ଏଇମାନେ ଆମର ଭବିଷ୍ୟତ
ଆଗାମୀ ପିଢ଼ିର ଦାୟାଦ
କଣ ତାଙ୍କର ବର୍ତ୍ତମାନ, କଣ ଭବିଷ୍ୟତ
ହଜି ଯାଇଥିବା ଦୂର ବଇଁଶୀର ସୁର
କରୁଣ ରାଗିଣୀ ଶୈଶବର ।


♥ଧନକଉଡ଼ା, ସଂବଲପୁର-୭୬୮୦୦୬
ମୋ: ୮୯୧୭୪୯୪୦୯୫


## ବିଞ୍ଚି ବିଞ୍ଚି ଯାଅ ସପନର ଫୁଲ
### ନୀଳମଣି ଚାନ୍ଦ



ବିଞ୍ଚି ବିଞ୍ଚି ଯାଅ ସପନର ଫୁଲ
ଘୁଞ୍ଚି ଘୁଞ୍ଚି ଯାଉ ରାତି
ତୁମ ରୁଣୁ ଝୁଣୁ ପାଦର ପାଉଁଜି
ମୋ ଦେହେ ଜଗାଉ ତାତି ।

ଏବେ ବି ତମସା ନିରେଖି ଚାହୁଁଛି
ତୁମେ ଏକା ମୁଁ ଯେ ଏକା
ରଜନୀଗନ୍ଧାର ମହକ ସ୍ୟାହିରେ
ପ୍ରଣୟର କଥା ଲେଖା
ଶପଥ କରିବା ଜନମ ଜନମ
ହୋଇ ରହିବାକୁ ସାଥୀ ।

ଚନ୍ଦ୍ରମା ଖେଳୁ ବାଦଲ ସାଥିରେ
ମୁଁ ଖେଳିବି ତୁମ ସାଥେ
ଛାଇ ପରି ସଦା ରହୁଥିବି ଆହା
ମୁଁ ତୁମରି ପାଖେ ପାଖେ
ଯେତେ ଯାହା କହୁ ଦୁନିଆ ଆମକୁ
ପଥର କରିବି ଛାତି ।


♥ମନ୍ତ୍ର ମାନୋର,ଗୋଠପାଟଣା
ଭୁବନେଶ୍ୱର,
ମୋ:୯୫୮୩୨୦୨୩୫୭


## ମେଘମାଳ
### ପ୍ରଦ୍ୟୁମ୍ନ ପଟ୍ଟନାୟକ



ମେଘମାଳ ଶ୍ରାବଣ ଆକାଶେ
ପରସ୍ତ ପରସ୍ତ କଳା ବଉଦ
ଗୁମ୍ ସୁମ୍ ଗଛ ବୃଛ
ନିରୋଳା ଦି' ପହର
ଚାରିଆଡ଼ ନୀରବ ନିସ୍ତବ୍ଧ ।

ତୁମ ମୁହଁ ଝଲସିଯାଏ
ଦୂର ଦିଗବଳୟେ ବିଜୁଳି ଚମକେ
ବର୍ଷାଗମନର ସ୍ମୃତି ଅଭିସାରେ ।
ଶିରି ଶିରି ସିକ୍ତ ଶୀକର ସ୍ୱର୍ଶ
ଭିଜା ଭିଜା ତୃଷିତ ନୟନ
କାହିଁ କେତେଦୂରେ ରହିଲାଣି
ତୁମ ନିଷ୍ପ୍ରଭ ପଦଚିହ୍ନ ।

କେବେ ତୁମେ ଆସିଥିଲ ମୋ ଜୀବନେ
ଚାଲିଥିଲ କିଛି ଦୂର ହାତ ଧରି
ଏବେ ନହୁଏ ପ୍ରତୀତ
ଅତୀତର ସବୁ ସ୍ମୃତି ଅବସନ୍ନ
ସମୟର ବିବର୍ତ୍ତନେ ଅପସୃତ ।

ତଥାପି ତୁମେ କେବେ କେବେ
ଆସିଯାଅ ଅନାହୂତ
ବସିଯାଅ ଗଭୀର ରାତ୍ରିର
ଗହନ ସ୍ୱପନେ
ବର୍ଷିଯାଅ ଲୁହ ହୋଇ
ବୃଥା ଅଭିମାନେ ।


♥ଫ୍ଲାଟ୍ ନମ୍ବର -୧୦୧,
ପ୍ରକାଶ ଦୀପ ଟାୱାର,
ଜୟ ଦୁର୍ଗା ନଗର,
ଭୁବନେଶ୍ୱର -୭୫୧୦୦୬
ମୋ:୯୯୬୮୨୮୦୮୯୬


## ହଜିଛି...
### ମଧୁମିତା ମିଶ୍ର



ହଁ ସେ ହଜିଛି...ହଜିଯାଇଛି...
ସକାଳୁ ବ୍ୟସ୍ତ ହୋଇ ମୁଁ ଖୋଜୁଛି..
ଭାରି ଅସ୍ତବ୍ୟସ୍ତ ବି ଲାଗୁଛି..ପାଉନି..
ତେଣୁ ଖୋଜୁଛି ଆଉ ଖାଲି ଖୋଜୁଛି..

ଏମିତି କେମିତି ସେ ହଜି ପାରିଲା..
ଆଉ ମୁଁ କଣ କିଛି ଜାଣି ପାରିଲିନି..!
ସମସ୍ତଙ୍କ ଗହଣରେ ସବୁବେଳେ ରହି...
କେତେବେଳେ କେମିତି ..କୋଉଠି..
ସେ ହଜିଗଲା..!!

ତା' ପାଇଁ ତ ଏତେ ସବୁ ବ୍ୟସ୍ତତା..
ସେ ଆସେ ବୋଲି ତ ଅଛି ବ୍ୟଗ୍ରତା..
ଆଉ ସେ ଥରେ ହଜିଗଲା ପରେ..
ଆଉ କାହିଁକି ରହିବ କାହାରି
କିଛି ଆତୁରତା..!!

ତା ବିନା ତ ଚତୁର୍ଦ୍ଦିଗ ଅନ୍ଧାର..
ସେ ଅଛି ତ ଚାଲିଛି ଏ ସଂସାର..
ନା ହେଲେ ଏଠି କିଏ କାହାକୁ ପଚାରେ..
ଭଲ ମନ୍ଦ ଆଉ କେମିତି
ଭଲା ହେବ ବିଚାର..!!

ନ୍ୟାୟ ଅନ୍ୟାୟ ଆଉ କିଏ କହିବ..??
ନୂତନ ଦିଗନ୍ତ ଆଉ କିଏ
ଦେଖେଇ ପାରିବ..!!
ଏକା ସେ ନ ରହିଲେ ଆଉ କିଏ ଏଇଠି..
ଜଣଙ୍କୁ ଅନ୍ୟ ବିଷୟ ଆସି କହି
ଦେଇ ପାରିବ.!!

ଭୟ ଆଉ ଦୋଷୀ କାହିଁକି କରିବ..!!
ନିର୍ଦ୍ଦୋଷ ହୁଏତ ଆହୁରି ଦଣ୍ଡ ପାଇବ..!!
ଲୁଟତରାଜ ବିରାଜିବ ସବୁଠି..
କିଏ ଆଉ ଭଦ୍ର ମୁଖାକୁ ଖୋଲିବ..!!

ନା ସେ କେବେ ହଜି ପାରିବନି..
ତାକୁ ହଜିବାକୁ ଦିଆ ବି ଯିବନି..
ଖବର କାଗଜରେ କାଗଜ କେବଳ ଅଛି..
ଆଜି ଖବର..କଣ ..ସତରେ
ହଜି ଯାଇଛି..!!


♥ଭୁବନେଶ୍ୱର
ମୋ: ୯୪୩୮୪୭୦୮୦୭


## ପୁଷ ଜହ୍ନ
### ଗଜାନନ ମିଶ୍ର

ଆକାଶ ଆକାଶ ସିଲେଇ
ତରଙ୍ଗ ତରଙ୍ଗ ପଡି ଉଠି
ପରଖ ହୋଇଛି ତାଳମେଳ
ଠିକଣା ନାଇଁ ଅଛି ନ ଅଛି
ନାଚୁଥିଲାବେଳେ ପୁଷ ଜହ୍ନ ।

ଜଙ୍ଗଲ ଜଙ୍ଗଲରେ ଗୀତ ଅସ୍ୱଷ୍ଟ,
କାଚ କାଚରେ ଘର ଭଙ୍ଗାତୁଟା
ନୀରବତା ଭାଙ୍ଗେ ପାହାଡ ।
ମେଲା ଥିଲାବେଳେ କଂସ ବନ୍ଦୀଘର
ବରଖାସ୍ତ କଚେରୀ, ଡିଆଁ ମାରି
ଚଂପଟ ସ୍କୁଲପିଲା ।

ଆଗଭର ତୁମେ ଜାଣେ ମୁଁ
ପାଟି ଫିଟାଇ କହିବାକୁ ଅଧିକା କିଛି ।
ଦରମଲା ରୋଗୀସବୁ ଅପେକ୍ଷାରେ
ଡାକ୍ତର ଥାଇ ଥାଇ ବି ଭିତରେ ।
ଘରକରଣା ରହିଛି ଅଧାରେ,
ଫେରାର୍ ଘରଣୀ ଆଉ କେଉଁଆଡେ ।


♥ତପୋବନ,
ଟିଟିଲାଗଡ-୭୬୭୦୩୩


## ମୃତ୍ୟୁ
### ବିବୁଲ ମହାକୁର



ଜୀବ ବିଜ୍ଞାନ ଓ ରସାୟନ ବିଜ୍ଞାନର
ରାସାୟନିକ ସମୀକରଣ ମଧ୍ୟରେ
କଣ ଏ ମୃତ୍ୟୁର ସଂଜ୍ଞା ?
ଯିଏ ଶିତେଲେଇ ଦିଏ କୋଷ ସମୂହକୁ
ନ୍ୟଷ୍ଟି ରୁ କୋଷଭିତ୍ତି ଯାଏ !

ତ୍ରିରଙ୍ଗା କୋଳରେ ରକ୍ତ ଜୁଡୁବୁଡୁ
ଚିର ନିଦ୍ରାରେ ସୈନିକ
ପୋଛି ଦିଏ ସ୍ତ୍ରୀ ସିନ୍ଦୂର
ଲିଭେଇ ଯାଏ ବାପା ଶବ୍ଦ
ଦେଶ ସଲାମ୍ କରେ
କିନ୍ତୁ ମାଆ ଟିଏ ଘର କୋଣରେ କାନ୍ଦେ ।

ପ୍ରସବ ବେଦନାରେ ଶିଶୁଟିଏ ଜନ୍ମେଇ
ଆଖି ବୁଜିଦିଏ ମାଆ ଟିଏ
ଅଧା ହସ ଅଧା ଲୁହରେ
ଲେଉଟି ଯାଏ ପୃଷ୍ଠାଟିଏ
ଅପସରି ଯାଏ ଦୁନିଆଁ ଟିଏ ।

ଶ୍ରାବଣୀ ଧାରାରେ ଉଛୁଳା ନଈ
ଅହମିକାରେ କୂଳ ଲଂଘିବା,
ପୁଣି ବୈଶାଖେ ହା ହତାଶ ହୋଇ
ତୃଷ୍ଣା ରେ ଶ୍ୱାସରୁଦ୍ଧ ହେବା
ଏ କଣ ମୃତ୍ୟୁ ?

ବାସନାଟିଏ ଏଠି ପ୍ରତ୍ୟହ
ଶରୀରଟିଏକୁ ଶିକାର କରେ
ତେତିଶି କୋଟି ରୂପ ନେଇ
ତ ଏଠି କିଏ ମରେ
ଶିକାରୀ ନା ଶିକାର
ଅଭିମାନ ନା ସ୍ୱପ୍ନ

ସଭିଏ କୁହନ୍ତି ଏହା ମୃତ୍ୟୁ
ହେଲେ ଏ ମୃତ୍ୟୁ କଣ
ସ୍ୱାର୍ଥ, ଭାବନା ନା ବାସ୍ତବତା
ଧ୍ୱଂସ ନା ନିର୍ମାଣ
ଉତ୍ତର ନା ପ୍ରଶ୍ନ
ମଣିଷ ନା ପୌରୁଷତ୍ୱ ?


♥ଗ୍ରାମ/ପୋଷ୍ଟ - ବୁର୍ଡ଼ା
ଥାନା - ଲୋଇସିଂହା
ଜିଲ୍ଲା - ବଲାଙ୍ଗୀର
ମୋ : ୮୨୪୯୭୦୨୨୫୨


## ଦୁଃଖ ଅମାରରୁ
### ଜେନା ପ୍ରଦୀପ



ଦୁଃଖ ଅମାରରୁ ସୁଖର ଫସଲ
ଖୋଜିଲେ ମିଳେନି ପରା
ମନକୁ କରିଲେ ସୁଖର ଅମାର
ଖୁସି ଆପେ ଦିଏ ଧରା ।

ମନ ଭଲ ଥିଲେ ସରଗଟା ସିନା
ହାତ ପାଆନ୍ତାରେ ଲାଗେ
ମନ ଉଣା କଲେ ମରିଯାଏ ଖୁସି
ମଣିଷ କଷ୍ଟ ଭୋଗେ
କରିଲେ ଯତନ ଲାଗଇ ଜୀବନ
ସବୁବେଳେ ମଧୁଭରା ।

ଶରୀର ସୁସ୍ଥ ରଖିବା ସହିତ
ମନକୁ ସୁସ୍ଥ ରଖ
ରହିଲେ ସତେଜ ଦେହ ଆଉ ମନ
ରୋଗ ମାଡ଼ିବନି ପାଖ
ଜୀବନ ସୁନ୍ଦର କରିବା ପାଇଁକି
ନାହିଁ ଅନ୍ୟ କିଛି ଚାରା ।


♥ଲକ୍ଷ୍ମୀପାଦ,ପ୍ଲଟ ନଂ ୩ଇ ୧୦୧୮
ସେକ୍ଟର ୧୩, ମର୍କତନଗର(ସିଡିଏ)
କଟକ, ମୋ - ୯୯୩୮୫୨୦୩୭୧


## ବର୍ଷା ଓ ମୋ ପ୍ରିୟା
### କ୍ଷମାନିଧି ଭୋଇ



କେବେ ମୁଁ ଭିଜେ
ଝିପି ଝିପି ବର୍ଷା ଧାରେ
କେବେ ପୁଣି ଭିଜେ
ତୁମ ପ୍ରୀତି ବାରିରେ ।

ଯେବେ ମୁଁ ଭିଜେ ବର୍ଷାରେ
ସେତେବେଳେ ଜାଣନ୍ତି ସଭିଏଁ
କିନ୍ତୁ, ଯେବେ ମୁଁ ଭିଜେ
ତୁମ ପ୍ରୀତିର ଅବାରିତ ଧାରେ
ସେତେବେଳେ ତୁମ ବ୍ୟତୀତ
କେବଳ ମୁଁ ହିଁ ଜାଣିପାରେ ।

ହଁ, ଅମାନିଆ ବର୍ଷା ପରି
ତମେ ବି କରିଥାଅ ଭାରି ଚାଲାଖି
ଆଉ ସେଇ ଚାଲାଖିରେ ମୁଁ ବି
ବେଳେବେଳେ
ନିଜକୁ ନିଜେ ଯାଇଥାଏ ଭୁଲି ।

କାହିଁକିନା, ତୁମେ ଆଉ ବର୍ଷା
ଲାଗିଥାଅ ମୋତେ ଏକା ପରି
ଆଉ କେବେ ତୁମେ ଭିଜାଅ ମୋତେ
ତୁମ ମିଠା ମିଠା ପ୍ରୀତିରେ
ଠିକ୍ ଯେମିତି, ବର୍ଷା ଭିଜାଏ ମୋତେ
ବାରମ୍ବାର ତା' ଝିପିଝିପି ବର୍ଷା ଧାରେ ।


♥ଗୋଷ୍ଠୀ ଉନ୍ନୟନ ଅଧିକାରୀ,
ନାକଟିଦେଉଳ
ଜି: ସମ୍ବଲପୁର (ଓଡ଼ିଶା)
ପିନ୍ : ୭୬୮୧୧୮
ମୋ : ୯୪୩୮୨୯୨୯୩୩


## ତଅପୋଇ
### ସୁଜିତ କୁମାର ମିଶ୍ର



ତଅପୋଇ ତୁମେ ମନ ରାଇଜର ମଧୁର ତଟିନୀ ଗୀତ,
ଗୁଣୁଗୁଣୁ ସ୍ୱର ହୃଦୟରୁ ତୁମ ଘନଘନ ଗୁଞ୍ଜରିତ ।
ତଅପୋଇ ତୁମେ ସପନ ବିଳାସୀ ଆକାଶର ତାରାଫୁଲ,
ମମତା ବନ୍ଧନ ଅମୃତ ଛୁଆଁର ମିଠାମୋହ ମଧୁକାଳ ।
ତଅପୋଇ ତୁମେ ସାତ ସାଧବର ଶ୍ରଦ୍ଧାସିକ୍ତା ସୁନାନାକୀ,
ଓଠର ଆଉଟା ଦରଦ ତୁମର ଫଗୁଣ ପ୍ରବଣ ଆଖି ।
ତଅପୋଇ ତୁମେ ରମ୍ୟ ତପୋବନେ କ୍ରୀଡାରତା ପ୍ରଜାପତି,
ତୁମ ଅନୁରାଗ ନୂପୁର ଛନ୍ଦରେ ପାହୁଥାଏ କାଳରାତି ।
ତଅପୋଇ ତୁମେ ଉପେକ୍ଷା କୋପରେ ବିତାଡିତ ପ୍ରୀତିବେଳା,
ଘର ନିର୍ଝରିଣୀ ସମୟ ତୁମର ଘରମଣି ଡାକ ଜ୍ୱାଳା ।
ତଅପୋଇ ତୁମେ ପୂଜା ଉପାସନା ଅର୍ଘ୍ୟର ପୂର୍ଣ୍ଣିମା ତିଥି,
ଭାବନା ତପରେ ଫେରି ପାଉଥିବା ବୈଭବର ଲୁହଗୀତି ।
ତଅପୋଇ ତୁମେ ସାରା ସଂସାରର ଯଶସ୍ୱିନୀ ତାରକସୀ,
ତୁମ ଗଢା ସ୍ୱର୍ଗ ସଭିଙ୍କୁ ବିତରେ ଦୁଃଖ କମ୍ ସୁଖ ବେଶୀ ।


♥ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର
ମୋ: ୭୬୮୩୮୬୭୭୪୨


## କହରେ ମଣିଷ...!
### ଆଦ୍ୟାଶା ମହାପାତ୍ର



ଦେଖ ଯଦି ଚକ୍ଷୁ ଯୁଗଳୁ ଲୋତକ ଅବାରିତ ବହୁଥାଏ
ସେଇ ମଣିଷର ବୁକୁର ବେଦନା ତୋ ବିନା ବୁଝିବ କିଏ,
ବେସାହାରା କେହି ଦୁର୍ଭାଗ୍ୟ ଆଦରି ହୁଏ ଯଦି ହନ୍ତସନ୍ତ
କହରେ ମଣିଷ, ଶିଖାଇବୁ କି ନା ଜୀଜିବିଷା ମହାମନ୍ତ୍ର !!

କ୍ଷୁଧାର ଅନଳ ଯେବେ କା ଉଦରେ ନିରବଧି ପ୍ରଜ୍ଜ୍ୱଳିତ
ବିପଦେ ଆପଦେ ପ୍ରାଣ ଯଦି କାର ହେଉଥାଏ କଣ୍ଠାଗ୍ରତ,
ହେବୁ ନାହିଁ କି ତୁ ସାହାରା ଟିକିଏ ଭୁଲି ପର ଆପଣାର
କହରେ ମଣିଷ, ହରାଇଦେବୁ କି ମଣିଷ ପଣିଆ ତୋର !!

ପାଣି ଫୋଟକାରେ ଜୀବନ ନିହିତ ଏଇ ଅଛି ଏଇ ନାହିଁ
ତଥାପି ମଣିଷ ଆବୋରି ବସୁଛି ସବୁ ମୋର ମୋର କହି,
ଅହଂ ଅସୂୟାକୁ ମନେ ବହି ସଦା ଅଶାନ୍ତିରେ କାଟେ ଦିନ
କହରେ ମଣିଷ, ଲୋଭ ମୋହ କିବା ଜୀବନ ଜୀଇଁବା ସୂତ୍ର !!

ବାପା ମାଆ ଭାଇ ସଂପର୍କ ପାଶୋରି ଯଦି ପୁରା ହୁଏ ସ୍ୱାର୍ଥ
କହରେ ମଣିଷ, ସେ ପ୍ରାପ୍ତିଟି କିବା ପରାକାଷ୍ଠା ପରମାର୍ଥ !!


♥ନୂଆପଡା, କଟକ


## ଏ ଜୀବନ ଖରା ଛାଇ
### ପ୍ରଶାନ୍ତ କୁମାର ଦାଶ



କେମିତି ଜୀବନ ଏତ
ଦୁଃଖ ସୁଖ ଭରା
କେତେବେଳେ ବରଷାତ
ପୁଣି ଛାଇ ଖରା ।
ବୁଝି ହୁଏନାହିଁ ଦିନେ
ସରିଯାଏ ବେଳ
ଭାଙ୍ଗିଗଲେ ବାଲିଘର
ଶେଷହୁଏ ଖେଳ ।
ଛାତିରେ ଜାବୁଡି କୋହ
ହସିବାକୁ ହୁଏ
ଜୀବନତ ଜଞ୍ଜାଳର
ବୋଝ ଆଣି ଥୁଏ ।
ଜୀବନପଥରେ ଥାଏ
କଣ୍ଟା ଆଉ ଫୁଲ
ମଣିଷ ମାଗେତ ତାର
ଦୁନିଆକୁ ମୂଲ ।
ସରେନାହିଁ ବାଟ ଘାଟ
ସରିଯାଏ ଦିନ
ଅତୀତ କାହାଣୀ ସାଜେ
ସବୁ ସ୍ମୃତି ଚିହ୍ନ ।
ଚାଲିଥାଏ ଅଭିନୟ
ଏ ଦୁନିଆ ମଞ୍ଚେ
ସୁଖପାଇ ମଣିଷତ
ତା ସପନ ସଞ୍ଚେ ।
କେମିତି ଜୀବନ ଇଏ
ହସ ଲୁହଭରା
ଆସି କେତେ ଦୁଖଦିଅ
ନିଦାଘର ଖରା ।


♥କୁଞ୍ଜର -ସଙ୍ଗଳାଇ
ପିପିଲି -ପୁରୀ
ମୋ: ୯୬୬୮୮୨୨୧୯୦


## ଚିରା ଚିଠି
### ମୋହନ କୁମାର ସ୍ୱାଇଁ



ପ୍ରିୟତମା କେବେ ପଢୁ କି ନପଢୁ
ଲେଖିଥିଲି ତା ପାଇଁ
ପଢ଼ିବ କି ନାହିଁ କେବେ ଥରେ ତାକୁ
ସେକଥା ଭାବିଲି ନାହିଁ
ହୃଦୟକୁ ତାକୁ ଦେଇ, ଲେଖିଥିଲି ତା ପାଇଁ
ଏବେଯାଏଁ ସିଏ ଶୋଇଛି ବହିରେ
ଚିରା ଚିଠିଟିଏ ହୋଇ ।
ଯେବେଯେବେ ତାର କଥା ମନେପଡେ
ଖୋଜେ ତାକୁ ଛୁଇଁ ଦେଇ
ଭାବନା ରାଜ୍ୟରେ ବୁଡ଼ି ରହିଯାଏ
କ୍ଷଣିକ ସମୟ ପାଇଁ
କଥାହୁଏ ସାଥେ ତାର, ପ୍ରଶ୍ନ କରେ ବାରବାର
ଉତ୍ତର ନ ପାଇଁ ହତାଶା ବୋଧରେ
କାନ୍ଦିବି ପାରଇ ନାହିଁ ।
ଶହେତମ ପୃଷ୍ଠା ବିଛଣାରେ ଶୋଇ
ରହିଛି ସେ ଅଦ୍ୟାବଧି
ଚମ ଧୁଡୁଧୁଡୁ ହେଲାଣି ତାହାର
କେବେ କରିନାହିଁ ସନ୍ଧି
ଏକରୁ ହୋଇଛି ଚାରି, ରୂପ ତାର ଚିରିଚିରି
ମନ ଅଗଣାରେ, ଅବଳା ଠାଣିରେ
ହୃଦୟରେ ମୋର ବନ୍ଦୀ ।
ସବୁବହି ମୋର ବିକିରୀ ସରିଛି
ଯେତେକ ସାଇତି ଥିଲି
ତାକୁ ଆରାମରେ ଛାଡ଼ି ଦେଇଛି ମୁ
ମୋ ପ୍ରିୟା ଶୋଇଛି ବୋଲି
ଏବେ ଆଉ ନାହିଁ ବେଳ,ସରି ଆସିଲାଣି କାଳ
ଲିଭିବା ଆଗରୁ ପ୍ରେମର ଦୀପାଳି
ଚଉଦିଗ ଝିଲି ମିଲି ।


♥ବେଣାପୁର, କଣ୍ଟିଗଡ଼ିଆ, ଯାଜପୁର
ମୋ: ୮୧୧୮୦୯୯୦୩୮


# ଓଡ଼ିଆ ଭାଷା ସାହିତ୍ୟକୁ ଉଜ୍ଜୀବିତ କରି ରଖିବାରେ ଶିଶୁସାହିତ୍ୟର ଭୂମିକା ଅତୁଳନୀୟ

ଭୁବନେଶ୍ୱର, ୨୫/୦୮ (ନି.ପ୍ର): ଶିଶୁ ସାହିତ୍ୟ ସ୍ରଷ୍ଟାମାନଙ୍କ ସାରସ୍ୱତ ଅବଦାନ ଓ ସମାଜର କଳୁଷିତ ସଂସ୍କାରକୁ ଦୂର କରିବା ତଥା ଓଡ଼ିଆ ଅସ୍ମିତାକୁ ବଂଚାଇ ରଖିବା ପାଇଁ ପ୍ରାଣାନ୍ତକ ଉଦ୍ୟମ କରି ଓଡ଼ିଆ ଜନଜୀବନରେ ଯେଉଁ ନୂତନ ଆଶା ସଂଚାର କରିପାରିଅଛନ୍ତି ଯାହାକି ଓଡ଼ିଆ ଜାତିକୁ ଏକସୂତ୍ରରେ ବାନ୍ଧି ରଖିବାରେ ସକ୍ଷମ ହୋଇପାରିଅଛି ବୋଲି ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଶିଶୁ-କିଶୋର ସାହିତ୍ୟ ଏକାଡେମୀ, ଓଡ଼ିଶାଙ୍କ ମିଳିତ ସହଯୋଗରେ ୨୪ ଅଗଷ୍ଟ ୨୦୨୫ ରବିବାର ପୂର୍ବାହ୍ଣ ୧୦.୦୦ ଘଟିକାରେ ଭୁବନେଶ୍ୱରସ୍ଥିତ ସଂସ୍କୃତି ଭବନ ସମ୍ମିଳନୀ କକ୍ଷଠାରେ ଆୟୋଜିତ ଏକଦିବସୀୟ ଶିଶୁସାହିତ୍ୟ ଆଲୋଚନାଚକ୍ର ଓ କବିତା ପାଠୋତ୍ସବରେ ଆମନ୍ତ୍ରିତ ଅତିଥିମାନଙ୍କ ଦ୍ୱାରା ମତପ୍ରକାଶ ପାଇଥିଲା । ଏହି ଶିଶୁସାହିତ୍ୟ କାର୍ଯ୍ୟକ୍ରମଟିକୁ ବିଶିଷ୍ଟ ଭାଷାବିତ୍ ଡ. ଦେବୀପ୍ରସନ୍ନ ପଟ୍ଟନାୟକ ଉଦ୍ଘାଟକ ଭାବେ ଯୋଗଦାନ କରି ଓଡ଼ିଆ ଭାଷା, ଶିଶୁସାହିତ୍ୟ ଓ ସଂସ୍କୃତିର ଶ୍ରୀବୃଦ୍ଧି ଓ ବିକାଶସାଧନ, ଓଡ଼ିଆ ସାହିତ୍ୟରେ ଉଚ୍ଚ ମୂଲ୍ୟବୋଧର ପ୍ରତିଷ୍ଠା ତଥା ଶ୍ରେଷ୍ଠମାନର ପ୍ରବର୍ତ୍ତନ ଦିଗରେ ଶିଶୁସାହିତ୍ୟ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଅଛି ବୋଲି ନିଜର ଅଭିଭାଷଣ ପ୍ରଦାନ କରିଥିଲେ । ଶିଶୁ-କିଶୋର ସାହିତ୍ୟ ଏକାଡେମୀର ସଭାପତି ପ୍ରଫେସର ଦାଶ ବେନହୁରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିଶୁ-କିଶୋର ସାହିତ୍ୟ ଏକାଡେମୀର ସମ୍ପାଦକ ବୀରେନ୍ଦ୍ର ମହାନ୍ତି ସମ୍ମାନନୀୟ ଅତିଥି ଭାବେ ଯୋଗଦାନ କରି ଓଡ଼ିଆ ଭାଷା ଓ ଶିଶୁସାହିତ୍ୟର ବିକାଶ ଦିଗରେ ଏହିଭଳି ଏକ ଅଭିନବ କାର୍ଯ୍ୟକ୍ରମ ଆୟୋଜନ ହୋଇଥିବାରୁ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ ଶିଶୁସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ବିଶିଷ୍ଟ ଶିଶୁସାହିତ୍ୟିକ ଡକ୍ଟର ମହେଶ୍ୱର ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦାନ କରି ଓଡ଼ିଆ ସାହିତ୍ୟର ସବୁଠୁ ଆଦରଣୀୟ ଶିଶୁସାହିତ୍ୟର ଭାଷା, ସାହିତ୍ୟ ଓ ସଂସ୍କୃତି ଆଦିରେ ଯେଉଁ ପରିବର୍ତ୍ତନ ଦେଖାଦେଇପାରିଅଛି ଏହାରି ଉପରେ ଆଲୋଚନା କରିଥିଲେ । ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ପ୍ରକାଶ ଚନ୍ଦ୍ର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦାନ କରି ଓଡ଼ିଆ ଶିଶୁସାହିତ୍ୟର ସ୍ରଷ୍ଟାମାନେ ଏହି ମାଟି, ପାଣି, ପବନରେ ଜୀବନ ଅତିବାହିତ କରି ତାଙ୍କ ଲେଖନୀର ପରାକାଷ୍ଠା ଏ ଜାତିକୁ ଏକ ନୂତନ ଦିଗ୍ଦର୍ଶନ ଦେଇପାରିଅଛି ବୋଲି ବକ୍ତବ୍ୟ ଉପସ୍ଥାପନ କରିଥିଲେ । ଶିଶୁ-କିଶୋର ସାହିତ୍ୟ ଏକାଡେମୀର ସଭାପତି ପ୍ରଫେସର ଦାଶ ବେନହୁର ସଭାମୁଖ୍ୟ ଭାବେ ଯୋଗଦାନ କରି ଉଦ୍ଘାଟନୀ ଅଧିବେଶନରେ ଆମନ୍ତ୍ରିତ ହୋଇଥିବା ଅତିଥି ଓ ବକ୍ତାଙ୍କ ବକ୍ତବ୍ୟରୁ ସମ୍ୟକ୍ ସୂଚନା ପ୍ରଦାନ କରିବା ସହ ଶିଶୁସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସାହିତ୍ୟ ଏକାଡେମୀ ପ୍ରକାଶିତ କୋଣାର୍କ ପତ୍ରିକା ସହିତ ସହଯୋଗୀ ଅନୁଷ୍ଠାନ ଶିଶୁ-କିଶୋର ସାହିତ୍ୟ ଏକାଡେମୀ ପକ୍ଷରୁ ବହୁ ପୁସ୍ତକ ଲୋକାର୍ପିତ ହୋଇଥିଲା । ମାନ୍ୟଗଣ୍ୟ ଅତିଥି ଏବଂ ସହଯୋଗୀ ଅନୁଷ୍ଠାନ ଦ୍ୱାରା ସ୍ବୀକୃତ ଶିଶୁସାହିତ୍ୟିକ ସ୍ରଷ୍ଟାଙ୍କୁ ସମ୍ବର୍ଦ୍ଧିତ ମଧ କରାଯାଇଥିଲା । ଏହି ଉଦ୍ଘାଟନୀ ଅଧିବେଶନରେ ଏକାଡେମୀର ସଚିବ ଡକ୍ଟର ଚନ୍ଦ୍ରଶେଖର ହୋତା ସ୍ୱାଗତ ସମ୍ଭାଷଣ ପ୍ରଦାନ କରିବା ସହ ଶିଶୁସାହିତ୍ୟ ଆଲୋଚନାଚକ୍ରର ଓ କବିତା ପାଠୋତ୍ସବ କାର୍ଯ୍ୟକ୍ରମର ଆଭିମୁଖ୍ୟ ସଂପର୍କରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ ।

ସେହିପରି ପ୍ରଥମ ଅଧିବେଶନ ସଂପାନରେ ଡକ୍ଟର ଅରବିନ୍ଦ ପଟ୍ଟନାୟକ ମୁଖ୍ୟଅତିଥି, ସମ୍ମାନନୀୟ ଅତିଥି ଭାବେ ଡ. ନରେନ୍ଦ୍ର ପ୍ରସାଦ ଦାସ, ଡ. ମନୀନ୍ଦ୍ର ମହାନ୍ତି ଓ ବୀରେନ୍ଦ୍ର କୁମାର ସାମନ୍ତରାୟ, ସମ୍ମାନନୀୟ ଆଲୋଚକ ଭାବେ ଡ. ଆଶୁତୋଷ ଦେବତା, ଇଂ. ମାୟାଧର ସ୍ୱାଇଁ, ଧନଞ୍ଜୟ ସ୍ୱାଇଁ, ଡ. ଲକ୍ଷ୍ମୀକାନ୍ତ ଖୁଂଟିଆ, ପରେଶ କୁମାର ପଟ୍ଟନାୟକ, ଡ. ନମିତା ମହାନ୍ତି, ଡ. କମଳାକାନ୍ତ ଜେନା, ସଭାମୁଖ୍ୟ ଭାବେ ଶିଶୁ-କିଶୋର ସାହିତ୍ୟ ଏକାଡେମୀର ଉପ-ସଭାପତି ମହେନ୍ଦ୍ର କୁମାର ମଲ୍ଲିକ ଯୋଗଦାନ କରି ଆଲୋଚ୍ୟ ବିଷୟ - 'ଓଡ଼ିଆ ଭାଷା ସାହିତ୍ୟର ବିକାଶ କ୍ଷେତ୍ରରେ ଶିଶୁସାହିତ୍ୟର ଭୂମିକା' ଉପରେ ଆଲୋଚନା କରିଥିଲେ ।

# ୧୬ଟି ସଂରକ୍ଷିତ ଜଙ୍ଗଲରେ ଲାଗିବ ୧୫ହଜାର ତାଳ ଚାରା

## ବଜ୍ରପାତ ମୁକାବିଲା ପାଇଁ ବନବିଭାଗର ନୂଆ ରଣନୀତି



ବେତନଟୀ, ୨୫/୦୮ (ନି.ପ୍ର): ବେତନଟୀ ରେଞ୍ଜ କାର୍ଯ୍ୟାଳୟରେ ରବିବାର ଅପରାହ୍ନରେ ଲାଇନଡିପାର୍ଟମେଣ୍ଟ କର୍ମଚାରୀଙ୍କୁ ନେଇ ଆୟୋଜିତ କ୍ଷୁଦ୍ର ଏବଂ ଅଣୁଯୋଜନା ସମ୍ପର୍କିତ କାର୍ଯ୍ୟକ୍ରମରେ ଚଳିତବର୍ଷ ୧୬ଟି ସଂରକ୍ଷିତ ଜଙ୍ଗଲରେ ୧୫ହଜାର ତାଳ ଚାରା ରୋପଣ କରାଯିବା ନେଇ ନିଷ୍ପତ୍ତି ସ୍ଥିରୀକୃତ କରାଯାଇଛି । ରେଞ୍ଜର ମନ୍ନୁୱର ଖାଁଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ରେଞ୍ଜ ଅଧୀନ ବିଭିନ୍ନ ସେକ୍ସନ ଏବଂ ବିଟହାଉସରୁ ବନପାଳ, ବନରକ୍ଷୀ, ପାରା ବନକର୍ମଚାରୀ ଏବଂ ଗଜସାଥୀ ପ୍ରମୁଖ ସାମିଲ ଥିଲେ । ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ପର୍ଯ୍ୟୟ -୨ର ଜୀବନ ଜୀବିକା ସଂଯୋଜକ ନିହାର ରଞ୍ଜନ ସାମଲଙ୍କ ସଂଯୋଜନା ଏବଂ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ୨୦୨୫-୨୬ଆର୍ଥିକ ବର୍ଷ ପାଇଁ ଧାର୍ଯ୍ୟ କ୍ଷୁଦ୍ର ଏବଂ ଅଣୁଯୋଜନା ସମ୍ପର୍କୀତ ପ୍ରସଙ୍ଗ ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରାଯାଇଥିଲା । ବଜ୍ରପାତର ମୁକାବିଲା ପାଇଁ ବନବିଭାଗ ପକ୍ଷରୁ ଆରମ୍ଭ କରାଯାଇଥିବା ତାଳ ଚାରା ରୋପଣ ଅଭିଯାନ ପରିପ୍ରେକ୍ଷୀରେ ଗତବର୍ଷ ୧୬ଟି ସଂରକ୍ଷିତ ଜଙ୍ଗଲରେ ହଜାରହଜାର ତାଳ ଚାରା ରୋପଣ କରାଯାଇଥିବା ବେଳେ ଚଳିତ ବର୍ଷ ୧୬ଟି ସଂରକ୍ଷିତ ଜଙ୍ଗଲରେ ୧୫ହଜାର ତାଳଚାରା ରୋପଣ କରାଯିବା ନେଇ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିବା ନେଇ ରେଞ୍ଜର ମନ୍ନୁର ଖାଁ ସୂଚନା ଦେଇଛନ୍ତି । ପରିଚାଳନରେ ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ପର୍ଯ୍ୟାୟ -୨ର ବିଷୟବସ୍ତୁ ବିଶେଷଜ୍ଞ ରତିକାନ୍ତ ବେହୁରାଙ୍କ ସମେତ ରେଞ୍ଜ କାର୍ଯ୍ୟଳୟର ଅନ୍ୟାନ୍ୟ କର୍ମଚାରୀ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ ।

# ୩ଟି ଜିଲ୍ଲାକୁ ନେଇ ସରସ୍ୱତୀ ଶିଶୁ ମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା

କେନ୍ଦ୍ରାପଡ଼ା, ୨୫/୦୮ (ନି.ପ୍ର): କେନ୍ଦ୍ରାପଡ଼ା ପୌରାଂଚଳ ଅନ୍ତର୍ଗତ ସାନ୍ତସାହି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିଭାଗ ଓ ସମ୍ଭାଗ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଶନିବାର ଏବଂ ରବିବାର ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି । ଏହି ମେଳାରେ କଟକ, ଯାଜପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାର ମୋଟ ୨୫୦ ଜଣ ଛାତ୍ରଛାତ୍ରୀ, ବିଜ୍ଞାନ ପ୍ରକଳ୍ପ, ପ୍ରୟୋଗ, ପ୍ରଶ୍ନମଂଚ, ପତ୍ରବାଚନ ଆଦି ବିଭାଗରେ ଅଂଶ ଗ୍ରହଣ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ମନୋଜ କୁମାର ରାଉତଙ୍କ ଅଧକ୍ଷତାରେ ଶିଶୁ ବିଦ୍ୟା ମନ୍ଦିର ପରିଚାଳନା କମିଟିର ସମ୍ପାଦକ ହିମାଂଶୁ ଶେଖର ଦାଶ ଓ ସଭାପତି ଗିରୀଶ ଚନ୍ଦ୍ର କରଙ୍କ ଉପସ୍ଥିତିରେ ଉତର ପୂର୍ବ ସମ୍ଭାଗର ସଭାପତି ଶିବ ନାରାୟଣ ସିଂ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସମାରୋପ ଉତ୍ସବରେ ଶିକ୍ଷା ବିକାଶ ସମିତିର ପୂର୍ବ ପ୍ରାନ୍ତ ନିରିକ୍ଷକ ପ୍ରସନ୍ନ ବିଶ୍ୱାଳଙ୍କ ସହ ଜିଲ୍ଲା ସହ ପ୍ରମୁଖ ଦିନେଶ ଦେବନାଥ ଯୋଗ ଦେଇ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିଥିଲେ । କେନ୍ଦ୍ରାପଡ଼ା ବିଭାଗର ବିଭାଗ ନିରିକ୍ଷକ ଡ. ଲକ୍ଷ୍ମଣ ମହାନ୍ତ ବୃତ କଥନ କରିବା ସହ ପରିଚାଳନା ଦାୟିତ୍ୱରେ ଥିବା ପରିଚାଳକ ମାନଙ୍କ ସହଯୋଗରେ ଉକ୍ତ ମେଳାକୁ ପରିଚାଳନା କରିଥିଲେ । ଉକ୍ତ ଜ୍ଞାନ ବିଜ୍ଞାନ ମେଳାରେ ଶିଶୁ ବିଦ୍ୟାମନ୍ଦିର ସମସ୍ତ ଆଚାର୍ଯ୍ୟ ଆଚାର୍ୟାଙ୍କ ସହ ସେବକ ସେବିକା ସହଯୋଗ କରିଥିଲେ ।

# ବେତନଟୀ ରେଞ୍ଜ ବଡାମପୁର ଜଙ୍ଗଲରେ ୩୫ ଟିକିଆ ହାତୀପଲ

ବେତନଟୀ, ୨୫/୦୮ (ନି.ପ୍ର): ବେତନଟୀ ରେଞ୍ଜ ଅଧୀନ ୫ଟି ସଂରକ୍ଷିତ ଜଙ୍ଗଲ ବଡାମପୁର ସଂରକ୍ଷିତ ଜଙ୍ଗଲରେ ଥିବା ୩୫ଟିକିଆ ହାତୀପଲ ମଧ୍ୟରୁ ଗୋଟିଏ ମଧ ବୟସ୍କ ହାତୀକୁ ତୀରବିଦ୍ଧ କରାଯାଇଥିବାର ରବିବାର ଅପରାହ୍ନରେ ଦେଖିବାକୁ ମିଳିଛି । ସୂଚନା ମୁତାବକ ପ୍ରାୟ ସପ୍ତାହକ ପାଖାପାଖି ପୂର୍ବରୁ ବେତନଟୀ ରେଞ୍ଜ ଅଧୀନ ବଡାମପୁର ଜଙ୍ଗଲକୁ ୩୫ଟିକିଆ ହାତୀପଲ ପ୍ରବେଶ କରିଥିଲେ । ସନ୍ଧ୍ୟା ହେବାମାତ୍ରେ ହାତୀପଲ ଖାଦ୍ୟ ଅନ୍ୱେଷଣରେ ଧାନକ୍ଷେତ ମୁହାଁ ଅଗ୍ରସର ହେଉଥିଲେ । ରାତି ତମାମ କଅଁଳିଆ ଧାନଗଛ ଖାଇ ବ୍ୟାପକ କ୍ଷୟକ୍ଷତି ଘଟାଉଥିବା ବେଳେ ଭୋର ସମୟରେ ପୁନର୍ବାର ଜଙ୍ଗଲକୁ ପ୍ରତ୍ୟାବର୍ତ୍ତନ କରିଯାଇଥାନ୍ତି । ତେବେ ବଡାମପୁର ଜଙ୍ଗଲରେ ରହଣି ମଧ୍ୟରେ ଏକ ମଧ୍ୟବୟସ୍କ ହାତୀକୁ ତୀରବିଦ୍ଧ କରାଯାଇଥିବା ନେଇ ରବିବାର ଅପରାହ୍ନରେ ଦେଖିବାକୁ ମିଳିଛି । ବେତନଟୀ ରେଞ୍ଜ ତଥା ବେତନଟୀ ବ୍ଲକ ଅଧୀନ ସଇତପୁର ପଞ୍ଚାୟତର ଜାମଶୁଳୀ ଗାଁ ମୁଣ୍ଡ ନାଗବନ୍ଧ ନିକଟରେ କିଛି ହାତୀ ଧାନ ଖାଇବାକୁ ଜଙ୍ଗଲରୁ ବାହାରିଥିବା ବେଳେ ତୀରବିଦ୍ଧ ହୋଇଥିବାର ଦେଖିବାକୁ ମିଳିଛି । ଧାରୁଆ ଏଡବଂ ତୀକ୍ଷ୍ଣ ତୀର ହାତୀ ଶରୀରରେ ପଶି ରହିଥିବା ବେଳେ ସେଥିରୁ ରକ୍ତଶ୍ରାବ ହେଉଥିବାର ଦେଖିବାକୁ ମିଳିଛି । ଯନ୍ତ୍ରଣାରେ ଛଟପଟ ତୀରବିଦ୍ଧ ମଧ୍ୟବୟସ୍କ ହାତୀଟି ହାତୀପଲ ଠାରୁ ସାମାନ୍ୟ ଦୂରତା ବଜାୟ ରଖୁଥିବାର ଦେଖିବାକୁ ମିଳିଛି । ତୀରବିଦ୍ଧ ପାଇଁ ହାତୀଟି ସ୍ୱଭାବିକ ଭାବରେ ଚଳପ୍ରଚଳ ମଧ କରିପାରୁନଥିବାର ଦେଖିବାକୁ ମିଳିଛି । ଏପଟେ ଲଘୁଚାପଜନିତ ଲଗାଣ ବର୍ଷା ପାଇଁ ରକ୍ତଶ୍ରାବ ହେଉଥିବା ତୀରବିଦ୍ଧ ସ୍ଥାନରେ ବର୍ଷାପାଣି ଲାଗି ସଂକ୍ରମଣର ମଧ ଆଶଙ୍କା ଦେଖାଦେଇଛି । ଏନେଇ ବେତନଟୀ ରେଞ୍ଜର ମନ୍ନୁର ଖାଁଙ୍କୁ ଯୋଗାଯୋଗ କରିବାରୁ ସେ ସ୍ଥିତି ଅନୁଧ୍ୟାନ ପାଇଁ ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ ହାତୀଗୁଡିକ ଜଙ୍ଗଲ ଭିତରକୁ ପଳାଇଯାଇଥିବା ଏବଂ ତୀରବିଦ୍ଧ ହାତୀକୁ ମୁଖ୍ୟଦଳରୁ ଚିହ୍ନଟ କରିବା ସହିତ ଏହାର ସମ୍ପୂର୍ଣ୍ଣ ଗତିବିଧି ପାଞ୍ଚପରେ ପରବର୍ତ୍ତି ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି । ତେବେ ହାତୀପଲ ସନ୍ଧ୍ୟା ହେବାମାତ୍ରେ ଜଙ୍ଗଲରୁ ବାହାରି ଧାନକ୍ଷେତରେ ପ୍ରବେଶକରି ବ୍ୟାପକ ଧାନଫଫସଲ ନଷ୍ଟ କରୁଥିବାରୁ ଏଥିରେ ଅତିଷ୍ଠ ହୋଇ କେହି ସନ୍ଦୀଗ୍ଧ ହାତୀପଲ ଉପରକୁ ତୀରବିଦ୍ଧ କରିଥିବାର ଅନୁମାନ କରାଯାଉଛି ।

# ଯୁରିଆ କଳାବଜାରୀ ସରକାର ରୋକନ୍ତୁ; ନଚେତ କାର୍ଯ୍ୟାଳୟ ଘେରାଉ : ପ୍ରଦେଶ କଂଗ୍ରେସ

ଭୁବନେଶ୍ୱର, ୨୫/୦୮ (ନି.ପ୍ର): ଏ ବର୍ଷ ଭଲ ମୌସୁମୀ ବର୍ଷା ଯୋଗୁଁ ଚାଷ ଭଲ ହେବ ବୋଲି ଚାଷୀକୁଳ ଆଶା ବାନ୍ଧି ବସିଥିବା ବେଳେ ମଝିରେ ମଝିରେ ସରକାରୀ ଅପାରଗତା ଆଗରେ ତାଙ୍କୁ ପଛେଇଯିବାକୁ ପଡୁଛି । ପ୍ରଥମେ ଚାଷୀ ଚାଷକାମ ପାଇଁ ବିଲରେ ଥିବାବେଳେ ଇ-କେୱାଇସି ପାଇଁ ଧାଡିରେ ଦିନଦିନ ରହିବାକୁ ପଡିଲା ।


ଏବେ ରୁଆବେଉଷଣ ଚାଲିବା ବେଳେ କଳାବଜାର ଓ ସରକାରୀ ବିଫଳତାରେ ଯୁରିଆ ସଙ୍କଟ କୃଷକଙ୍କୁ ଦୁର୍ଦ୍ଦଶାରେ ଠେଲିଦେଲା ବୋଲି ଆଜି କଂଗ୍ରେସ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମୀଳନୀରେ ଓଡ଼ିଶା ପ୍ରଦେଶ କଂଗ୍ରେସ କିଷାନ କଂଗ୍ରେସ ଅଧ୍ୟକ୍ଷ ଅଭୟ ସାହୁ ଅଭିଯୋଗ କରିଥିଲେ । ସେ କହିଥିଲେ ସରକାରୀ ଦାବି ଥିବା ସତ୍ତ୍ୱେ, ଓଡ଼ିଶାରେ ଯୁରିଆ ସଙ୍କଟ ତୀବ୍ର ଆକାର ନେଇଛି । ସରକାର କହିଥିଲେ ୨. ୯୪ ଲକ୍ଷ ଟନ୍ ପୂର୍ବରୁ ଷ୍ଟକ୍ ଥିଲା ଓ ୪.୫ ଲକ୍ଷ ଟନ୍ ଖରିଫ ପାଇଁ ମିଳିଥିବାରୁ ୭.୯୪ ଲକ୍ଷ ଟନ୍ ଉପଲବ୍ଧ ଅଛି । ସେଥିରୁ ୩.୬୫ ଲକ୍ଷ ଟନ୍ ବିକ୍ରି ହୋଇଛି ଓ ୪.୨୪ ଲକ୍ଷ ଟନ୍ ବିଭିନ୍ନ ଜିଲ୍ଲାରେ ବାକି ରହିଛି । କିନ୍ତୁ ସରକାରଙ୍କର କଥା ଯଦି ସତ, ତା ହେଲେ ଚାଷୀମାନେ କାହିଁକି ସାର ପାଉନାହାନ୍ତି ବୋଲି ସେ ପ୍ରଶ୍ନ କରିଥିଲେ । ବରଗଡ଼, ସମ୍ବଲପୁର, ସୁବର୍ଣ୍ଣପୁର, ବଲାଙ୍ଗିର, ସୁନ୍ଦରଗଡ଼, କଟକ (ନିଶିନ୍ତକୋଇଲି) ଓ ସମୁଦ୍ରତଟୀୟ ଅଂଚଳରେ ଟ ୨୨୬.୫୦ ଦରର ଯୁରିଆ ୫୦୦ ଟଙ୍କାରୁ ୬୦୦ ଟଙ୍କା ବିକ୍ରି ହେଉଛି । ଏପରିକି ନୂଆପଡାରେ ଯୁରିଆ ବ୍ୟାଗପିଛା ୯୦୦ ଟଙ୍କା ଦେବାକୁ ଚାଷୀ ବାଧ ହେଉଛି ବୋଲି ଶ୍ରୀ ସାହୁ ମତ ଦେଇଛନ୍ତି । ୧୩୫୦ ଟଙ୍କାର ଡି .ଏ . ପି ୧୭୦୦ ଟଙ୍କାରେ ରେ ବିକ୍ରି ହେଉଛି । ଶ୍ରୀ ସାହୁ କହିଥିଲେ କୃଷକମାନେ ଅଭିଯୋଗ କରିଛନ୍ତି ଯେ ମାର୍କଫେଡ୍ ଦ୍ୱାରା ସରକାରୀ ସବସିଡି ଯୁରିଆକୁ ପ୍ରାଇଭେଟ୍ ବେପାରୀଙ୍କୁ ବେପରୁଆ ଭାବେ ବାଂଟି ଦିଆଯାଉଛି ଯାହାକୁ କି ସେମାନେ କଳାବଜାରୀରେ ଦୁଇଗୁଣା ଦରରେ ବିକୁଛନ୍ତି । ସେ ଆହୁରି ମଧ ଅଭିଯୋଗ କରିଥିଲେ ଯେ କୃଷି ବିଭାଗ ଯେଉଁ ରିଟେଲ ରେଡ୍ ବା ଲାଇସେନ୍ସ ରଦ୍ଦ କଥା କହୁଛି ତାର ସୁଫଳ ଚାଷୀମାନଙ୍କୁ ମିଳି ପାରିନାହିଁ । କାରଣ କିଛି କଳାବଜାରୀ ଆଉ ଆସାଧୁ କର୍ମଚାରୀଙ୍କ ସଲାସୁତୁରା ଯୋଗୁଁ ଏହା ଏକ ପ୍ରହସନ ରେ ପରିଣତ ହୋଇଛି । ଅଭାବି ଯୁରିଆ କେମିତି ଚାଷୀ ମାନଙ୍କର ମେରୁଦଣ୍ଡ ଭାଙ୍ଗି ଦେଇଛି ସେହି ବିଷୟରେ ପିସିସି ମୁଖପାତ୍ର ଡ଼ ମନିଷା ଦାସ ପଟ୍ଟନାୟକ ଆଲୋକପାତ କରିଥିଲେ । ସେ ଅଭିଯୋଗ କରିଥିଲେ ଯେ ଆବଶ୍ୟକ ସମୟରେ କୃଷକ ସାର ପାଉ ନାହାନ୍ତି , ନାନୋ ଯୁରିଆ ଗ୍ରହଣ ସ୍ଥିର ହୋଇନାହିଁ , ଯଦିଓ ସାର ବ୍ୟବହାର ଓଡ଼ିଶାରେ ତୁଳନାତ୍ମକ କମ୍ କିନ୍ତୁ କଳାବଜାରୀ ଓ ଦୁର୍ନୀତି ପାଇଁ ଆଜି ଖରିଫ ଧାନ ଚାଷ ବିପଦରେ ଏବଂ ଚାଷୀଙ୍କ ଜୀବନ ଜୀବିକା ସଙ୍କଟରେ । ୨୦୧୮ ମସିହାରେ ପ୍ରଧାନମନ୍ତ୍ରୀ ମୋଦି ଭିତ୍ତିପ୍ରସ୍ତର ସ୍ଥାପନ କରିଥିବା ତାଳଚେର ସାର କାରଖାନା ୩୬ ମାସ ମଧ୍ୟରେ କାର୍ଯ୍ୟକ୍ଷମ ହେବାକୁ ଥିଲେ ମଧ ୭ ବର୍ଷ ବିତିଯାଇଥିଲେ ବି କାର୍ଯ୍ୟକ୍ଷମ ହେଇ ପାରିଲା ନାହିଁ । ତେଣୁ କଂଗ୍ରେସ ପକ୍ଷରୁ ଡ଼ ପଟ୍ଟନାୟକ ଦାବି କରିଥିଲେ ଯେ ତୁରନ୍ତ କଳାବଜାରୀଙ୍କୁ ଜବତ କରି ଦୋଷୀ ଡିଲର ଓ କର୍ମଚାରୀଙ୍କ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ, ସମବାୟ ମାଧ୍ୟମରେ ସାର ବଂଟନ କରାଯାଉ, ଆଧାର ଆଧାରିତ ପଂଚାୟତ ସ୍ତରରେ ବଂଟନ ହେଉ , ପ୍ରତ୍ୟେକ ଜିଲ୍ଲାରେ ବଫର ଷ୍ଟକ୍ ଗଠନ ହେଉ ଏବଂ କ୍ଷତିଗ୍ରସ୍ତ କୃଷକଙ୍କ ପାଇଁ ସ୍ୱତନ୍ତ୍ର ଅନୁକମ୍ପା ଘୋଷଣା କରାଯାଉ ।

ସେହିପରି ଅନ୍ୟତମ ମୁଖପାତ୍ର ଅଶୋକ ସ୍ୱାଇଁ, ରୂପାଦୀପ୍ତା ମହାପାତ୍ର, ବିଭୂତି ଭୂଷଣ ମହାପାତ୍ର କହିଥିଲେ ଯେ ଏହା କେବଳ ଯେ ସରକାରଙ୍କ ବିଫଳତା ତାହା ନୁହେଁ, ଏହା କୃଷକଙ୍କ ସହିତ ବେଇମାନି ଅଟେ । ରାଜ୍ୟର ଉପ ମୁଖ୍ୟମନ୍ତ୍ରୀ ନିଜେ କୃଷିମନ୍ତ୍ରୀ ହୋଇଥିବା ସତ୍ତ୍ୱେ କୃଷକ ମାନେ ସାର ପାଇଁ ଡହଳ ବିକଳ ହେବା ଦୁର୍ଭାଗ୍ୟଜନକ । ତେଣୁ ସରକାର ତୁରନ୍ତ ପଦକ୍ଷେପ ନ ନେଲେ ପ୍ରଦେଶ କଂଗ୍ରେସ ଅବେହେଳିତ ଚାଷୀ ମାନଙ୍କ ସହିତ ନିକଟସ୍ଥ ସମସ୍ତ କୃଷି କାର୍ଯ୍ୟାଳୟକୁ ଘେରାଉ କରିବାକୁ ବାଧ ହେବ । ଆଜିର ସାମ୍ବାଦିକ ସମ୍ମୀଳନୀରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଦେଶ କଂଗ୍ରେସ କୃଷକ ବିଭାଗର ସୂର୍ଯ୍ୟକାନ୍ତ ମହାନ୍ତି ଓ ଶୀତିକଣ୍ଠ ମହାପାତ୍ର ଉପସ୍ଥିତ ଥିଲେ ।

# ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ର ୬୪ତମ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର, ୨୫/୦୮ (ନି.ପ୍ର): ଛାତ୍ରଛାତ୍ରୀ, କୃଷକ ମାନଙ୍କ ମଧ୍ୟରେ ତଥା ସମାଜରେ କୃଷି ଉଦ୍ୟମିତାକୁ ପ୍ରୋତ୍ସାହିତ କରିବା ପାଇଁ ଓୟୁଏଟି ଅଗ୍ରଣୀ ଭୂମିକା ନିଭାଇବାକୁ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଆହ୍ୱାନ ଜଣାଇଛନ୍ତି । ଚଳିତ ଅଗଷ୍ଟ ୨୪ତାରିଖ ରବିବାର ଦିନ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରର ୬୪ ତମ ପ୍ରତିଷ୍ଠା ଦିବସ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଏହି ଆହ୍ୱାନ ଜଣାଇଛନ୍ତି । ଏହି ସମାରୋହରେ ଉଦବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ, ବିଭିନ୍ନ ପ୍ରକାର କୃଷି ଉଦ୍ୟୋଗ ନିମନ୍ତେ ବ୍ୟୟ ଆକଳନ, ଜମି ଓ ବିଦ୍ୟୁତର ଆବଶ୍ୟକତା, ଆୟ ଆକଳନ ଏବଂ ବିଭିନ୍ନ ସବ୍ସିଡି ଯୋଜନା ସମ୍ପର୍କରେ ତଥ୍ୟ ରଖି ପ୍ରକଳ୍ପ ପ୍ରୋଫାଇଲ୍ ପ୍ରସ୍ତୁତ କରିବାକୁ ରାଜ୍ୟପାଳ ଓୟୁଏଟି କର୍ତ୍ତୃପକ୍ଷଙ୍କୁ କହିଥିଲେ । ଏପରି ପ୍ରକଳ୍ପ ପ୍ରୋଫାଇଲ୍ ଛାତ୍ରଛାତ୍ରୀ ଏବଂ କୃଷକମାନଙ୍କୁ କୃଷି ଭିତ୍ତିକ ଉଦ୍ୟୋଗ ଗୁଡ଼ିକର ଆର୍ଥିକ ସମ୍ଭାବନା ବୁଝିବାରେ ସହାୟକ ହେବ ଏବଂ ସେମାନଙ୍କୁ ଏପରି ଉଦ୍ୟୋଗ ଗୁଡିକୁ ଆପଣାଇବା ନିମନ୍ତେ ଉତ୍ସାହିତ କରିବ ବୋଲି କହିଥିଲେ । ବିଭିନ୍ନ ଜିଲ୍ଲାଗସ୍ତ ସମୟରେ ପରିଦର୍ଶନ କରିଥିବା କୃଷି ବିଜ୍ଞାନ କେନ୍ଦ୍ର ସମ୍ପର୍କରେ ରାଜ୍ୟପାଳ ନିଜର ଉପଲବ୍ଧି ଅବତାରଣା କରି ଚାଷୀମାନଙ୍କୁ କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ପ୍ରଦାନ କରାଯାଉଥିବା ତାଲିମକୁ ପ୍ରଶଂସା କରିଥିଲେ । ତାଲିମ ନେବା ପରେ ଅଳ୍ପ କେତେଜଣ ଚାଷୀ ଔଦ୍ୟୋଗିକ କାର୍ଯ୍ୟକଳାପ କରୁଥିବା ପରିଲକ୍ଷିତ ହେଉଛି । ଯଦି ସମସ୍ତଙ୍କୁ ପ୍ରକଳ୍ପ ପ୍ରୋଫାଇଲ୍ ଦିଆଯାଇ ମାର୍ଗଦର୍ଶନ କରାଯାଏ ତାହେଲେ କୃଷି ଉଦ୍ୟୋଗ କାର୍ଯ୍ୟକଳାପରେ ଅଂଶ ଗ୍ରହଣ ବୃଦ୍ଧି ପାଇବ ବୋଲି ରାଜ୍ୟପାଳ କହିଥିଲେ । ଓୟୁଏଟି ପ୍ରତିଷ୍ଠା ଦିବସ ଅବସରରେ ରାଜ୍ୟପାଳ ସମସ୍ତଙ୍କୁ ଅଭିନନ୍ଦନ ଜଣାଇ କୃଷିକୁ ଭାରତର ମେରୁଦଣ୍ଡ ଭାବେ ବର୍ଣ୍ଣନା କରିଥିଲେ । ଆମ ଦେଶରେ କୃଷି ଏକ ବୃତ୍ତି ନୁହେଁ ଏହା ଆମ ସଂସ୍କୃତି ର ଏକ ଅଂଶ ଏବଂ ଏହା ପରିବାର ସହିତ ଅର୍ଥନୀତିକୁ କୁ ପ୍ରତିପାଳନ କରେ ବୋଲି କହିଥିଲେ । ଓୟୁଏଟି ଭଳି ପ୍ରତିଷ୍ଠାନ ଗୁଡିକ ଦକ୍ଷ ମାନବ ସମ୍ବଳ ଏବଂ ଅଭିନବ ସମାଧାନ କୌଶଳର ବିକାଶ କରିବା ସହିତ ଜଳବାୟୁ ପରିବର୍ତ୍ତନ, ବଜାରର ହ୍ରାସ - ବୃଦ୍ଧି ଭଳି ଆହ୍ୱାନକୁ ମୁକାବିଲା କରିବାରେ ସହାୟକ ହେବେ । ପ୍ରକ୍ରିୟାକରଣ , ଭାଲ୍ୟୁ ଆଡିସନ, ମାର୍କେଟିଂ ଏବଂ ରପ୍ତାନୀରେ କୃଷିର ବର୍ଦ୍ଧିତ ପରିସର ଉପରେ ଆଲୋକପାତ କରି ସଠିକ୍ କୃଷି, ଜୈବ ପ୍ରଯୁକ୍ତି ବିଦ୍ୟା, କୃତ୍ରିମ ବୁଦ୍ଧିମତ୍ତା ଏବଂ ସ୍ଥାୟୀ ସମ୍ବଳ ପରିଚାଳନା ଉପରେ ଅଧିକ ଧ୍ୟାନ ଦେବାକୁ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ । ଏମ୍ ଏସ ଏମ ଇ ବିଭାଗ ଦ୍ୱାରା କୃଷି ଷ୍ଟାଟ ଅପ୍ ପାଇଁ ଅଗ୍ରଣୀ ନୋଡାଲ କେନ୍ଦ୍ର ଭାବରେ ଓୟୁଏଟି ମାନ୍ୟତା ପାଇବା ଏବଂ ୨୪ ଟି ଷ୍ଟାଟ ଅପକୁ ପରାମର୍ଶ ଦେବା କ୍ଷେତ୍ରରେ ଏହାର ସଫଳତାକୁ ରାଜ୍ୟପାଳ ପ୍ରଶଂସା କରିଥିଲେ । ଏହି ପଦକ୍ଷେପ ଗୁଡ଼ିକ ଆତ୍ମନିର୍ଭର ଭାରତର ଦୃଷ୍ଟିକୋଣ ସହିତ ସମନ୍ୱିତ । ଯୁବ କୃଷି ଉଦ୍ୟୋଗୀଙ୍କୁ ସଶକ୍ତ କରି ଓୟୁଏଟି ଗ୍ରାମୀଣ ଉଦ୍ୟୋଗ ଗୁଡିକୁ ପ୍ରୋତ୍ସାହିତ କରିପାରିବ, ନିଯୁକ୍ତି ସୃଷ୍ଟି କରିବା ସହିତ ବିଶ୍ୱ ବଜାରରେ ଓଡ଼ିଶାର ଉପସ୍ଥିତିକୁ ବୃଦ୍ଧି କରିପାରିବ ବୋଲି ରାଜ୍ୟପାଳ କହିଥିଲେ । ଏହି ସମାରୋହରେ ଉପମୁଖ୍ୟ ମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ସମାବେଶକୁ ସମ୍ବୋଧିତ କରିଥିଲେ ଏବଂ ଜୈବିକ କୃଷିର ଗୁରୁତ୍ୱ ଉପରେ ଆଲୋକପାତ କରି ଭାରତ କିପରି ଏକ ଆମଦାନୀକାରୀ ରାଷ୍ଟ୍ରରୁ ଏକ ରପ୍ତାନୀକାରୀ ରାଷ୍ଟ୍ରରେ ପରିଣତ ହୋଇଛି ତାହା ଅବତାରଣା କରିଥିଲେ । ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ନିଜ ବକ୍ତବ୍ୟରେ ଚାଷ ଓ ଚାଷୀର ଉନ୍ନତି ପାଇଁ ନିଆଯାଉଥିବା ପଦକ୍ଷେପ ଏବଂ କୃଷିକୁ ପ୍ରୋତ୍ସାହିତ କରିବା ପାଇଁ ବିଭିନ୍ନ ସରକାରୀ ଯୋଜନା ବିଷୟରେ ଉଲ୍ଲେଖ କରିଥିଲେ । ଏକାମ୍ର - ଭୁବନେଶ୍ୱର ବିଧାୟକ ବାବୁ ସିଂହ ଏବଂ ଓୟୁଏଟି ର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ମଧ ଏହି ସମାରୋହରେ ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରାରମ୍ଭରେ ଡିନ୍ ସମ୍ପ୍ରସାରଣ ଶିକ୍ଷା ଡ. ପ୍ରସନ୍ନଜିତ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶେଷରେ ରେଜିଷ୍ଟ୍ରାର ପ୍ରତିଭା ଦୋରା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ସ୍ମାର୍ଟ ଚାଷୀ, ବିଭିନ୍ନ କ୍ଷେତ୍ର ରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ, ଅଧିକାରୀ, କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା ଏବଂ ପୁସ୍ତିକା ଉନ୍ମୋଚିତ ହୋଇଥିଲା ଓ ୱାଇଫାଇ ବ୍ୟବସ୍ଥାର ଶୁଭାରମ୍ଭ କରାଯାଇଥିଲା ।

# ମୟୂରଭଞ୍ଜ ଜିଲ୍ଲା ଟେଣ୍ଟ ହାଉସ ସଂଘର ୨୬ ତମ ବାର୍ଷିକ ଉତ୍ସବ ଆୟୋଜିତ




ବାରିପଦା, ୨୫/୦୮ (ନି.ପ୍ର): ସ୍ଥାନୀୟ ଶହୀଦ ସ୍ମୃତି ଭବନ ଠାରେ ମୟୂରଭଞ୍ଜ ଜିଲ୍ଲା ଟେଣ୍ଟ ହାଉସ ସଂଘର ୨୬ ତମ ବାର୍ଷିକ ଉତ୍ସବ ସମଗ୍ର ଜିଲ୍ଲାର ଆଠ ଶହରୁ ଉର୍ଦ୍ଧ ଟେଣ୍ଟ ମାଲିକ ମାନଙ୍କ ସମାଗମରେ ପାଳିତ ହୋଇଯାଇଛି । ଏଥିରେ ଉପ ଜିଲ୍ଲାପାଳ ଡ଼. ଦୟାସିନ୍ଧୁ ପରିଡା ମୁଖ୍ୟ ଅତିଥି ଓ ନଗରପାଳ କୃଷ୍ଣାନନ୍ଦ ମହାନ୍ତି ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ଓଡ଼ିଶାର ସବୁଠାରୁ ବଡ଼ ଜିଲ୍ଲା ର ଏତେ ବିଶାଳ ମାଲିକ ମାନଙ୍କ ପରିବାରର ଏକତା ଓ ଭାଇଚାରା କୁ ଭୁରି ଭୁରି ପ୍ରଶଂସା କରିଥିଲେ । ଡ଼. ପରିଡା ଏ ସଂଘର କାର୍ଯ୍ୟ ପନ୍ଥା ତଥା ବିଭିନ୍ନ ସମୟରେ ପ୍ରଶାସନ କୁ ଆର୍ଥିକ ଓ ଶାରୀରିକ ସାହାଯ୍ୟ ସମ୍ପର୍କରେ ଅବଗତ ହୋଇ ଖୁସି ବ୍ୟକ୍ତ କରିବା ସହିତ ଏହାର ଏକ ସ୍ଥାୟୀ କାର୍ଯାଳୟ ନିର୍ମାଣ ପାଇଁ ନଗରପାଳଙ୍କ ସହିତ ଆଲୋଚନା କରିଥିଲେ । ଏହି ଅଧିବେଶନ ରେ ରାଜ୍ୟ ସଂଘ ଚେୟାରମେନ ଅଟଳ ବିହାରୀ ଜେନା ଓ କଟକ ସଭାପତି ରବୀନ୍ଦ୍ର ନାଥ ଦାସ ତଥା ଜିଲ୍ଲାର ସଭାପତି ପଙ୍କଜ ମହାନ୍ତି ଓ ଜିଲ୍ଲା ସମ୍ପାଦକ ସଞ୍ଜୟ ମହାନ୍ତି ନିଜ ନିଜ ବକ୍ତବ୍ୟ ରଖିଥିଲେ । ଉପଦେଷ୍ଟା ସମରେନ୍ଦ୍ର ବଶାଙ୍କ ପୌରହିତ୍ୟରେ ସଭାକାର୍ଯ୍ୟ ସମ୍ପାଦିତ ହୋଇଥିଲା । ପ୍ରଥମ ଅଧିବେଶନ ରେ ଦଶଟି ବିଭିନ୍ନ ବର୍ଗରୁ ଦଶ ଜଣ ପ୍ରତିଭାଙ୍କୁ ଅତିଥି ମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ଯେପରିକି ସେବା କ୍ଷେତ୍ରରେ ଆଦିତ୍ୟ ପଟ୍ଟନାୟକ, ସାହିତ୍ୟରେ ପଦ୍ମନାଭ ସାହୁ,ମେଟ୍ରିକ ଟପର ଭୂମିକା ପ୍ରିୟଦର୍ଶିନୀ, ଯୁକ୍ତ ଦୁଇ ଟପର ସାଗାରମ ମୁର୍ମୁ,ଅନ୍ଧ ମୁକ ବଧିର ବିଦ୍ୟାଳୟର ଦୁଇଜଣ ମୁଲି ବାସ୍କେ ଓ ରାବଣ ମୁର୍ମୁ, ,ସଫେଇ ପାଇଁ ଦାସ ମୁର୍ମୁ ଓ ମାଳତୀ ମୁର୍ମୁ,ପ୍ରିଣ୍ଟ ମିଡିଆ ପାଇଁ ଦୀପକ କୁମାର ନାୟକ,ଟେଲି ମିଡିଆ ପାଇଁ ସତ୍ୟଜିତ ସୋମ,ଆଦି । ଦ୍ୱିତୀୟ ଅଧିବେଶନ ରେ ଲଟେରୀ ଉଠାଣ ସହ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା,ଆଗାମୀ ବର୍ଷକୁ ଏ ସଭ୍ୟ ସଂଖ୍ୟା ଏକ ହଜାର କରିବାକୁ ନିଷ୍ପତ୍ତି ନିଆଯାଇଛି । ସଭା ଆରମ୍ଭରେ ନମ୍ୟର ଉଆନ ଡ୍ୟାନ୍ସ ଗ୍ରୁପ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା । ସମସ୍ତ କାର୍ଯ୍ୟକ୍ରମ ରେ ଏଙ୍କର ଭାବେ ଖୁସି କୁମାରଙ୍କ ମନଲୋଭା ଉଦଘୋଷଣା ଉତ୍ସବକୁ ଆହୁରି ସୁନ୍ଦର କରିପାରିଥିଲା । କୋଷାଧକ୍ଷ ରବୀନ୍ଦ୍ର ପଣ୍ଡା,ସହ ସମ୍ପାଦକ ରାକେଶ ଦାସ,ଅକ୍ଷୟ କୁମାର ମହାନ୍ତି,ଦୀପକ ଦାଶ, ଅଜୟ ବେହେରା,ଅମ୍ବିକା ରାଉତ,ସୁମନ୍ତ ସିଂହ ଆଦିଙ୍କ ସଂଯୋଜନା ରେ ଏ ବାର୍ଷିକ ଉତ୍ସବ ସଫଳ ହୋଇଥିଲା । ଶେଷରେ ସୁବ୍ରତ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଜ୍ୟସ୍ତରୀୟ ଆତ୍ମୋତ୍ସର୍ଗ ଦିବସ ପାଳିତ

ଭୁବନେଶ୍ୱର, ୨୫/୦୮ (ନି.ପ୍ର): ୧୯୪୨ ମସିହାର ଭାରତ ଛାଡ଼ ଆନ୍ଦୋଳନ ସମୟରେ ସମସ୍ତ ଦେଶରେ ଯେପରି ବିଦ୍ରୋହର ଅଗ୍ନି ପ୍ରଜ୍ୱଳିତ ହୋଇଥିଲା, ସେହିପରି ଭାବେ ଓଡ଼ିଶା ମାଟିରେ ମଧ ପ୍ରଜାମାନଙ୍କର ଦେଶଭକ୍ତିର ସ୍ୱର ଗୁଞ୍ଜରିତ ହୋଇଥିଲା । ଭାରତର ସ୍ୱାଧୀନତା ସଂଗ୍ରାମ ସମୟରେ ବ୍ରିଟିଶ ପୋଲିସଙ୍କ ବର୍ବରୋଚିତ ଗୁଳିକାଣ୍ଡ ଯାହା ୧୯୪୨ ମସିହା ଅଗଷ୍ଟ ୨୪ ତାରିଖ ଦିନ ପାପଡ଼ାହାଣ୍ଡିର ମାଟିରେ ରକ୍ତରଞ୍ଜିତ ଇତିହାସ ଲେଖା ଯାଇଥିଲା । ନବରଙ୍ଗପୁର ଜିଲ୍ଲାର ତୁରୀ ନଦୀ କୂଳରେ ପାପଡାହାଣ୍ଡିରେ ବ୍ରିଟିଶମାନେ ଜାଲିଆନାଲା ବାଗ ହତ୍ୟାକାଣ୍ଡର ପୁନରାବୃତ୍ତି କରିଥିଲେ, ଯେଉଁଠାରେ ମହାତ୍ମା ଗାନ୍ଧୀଙ୍କ ପ୍ରାୟ ହଜାର ହଜାର ଅନୁଗାମୀ ଅଗଷ୍ଟ ୨୪, ୧୯୪୨ରେ ପୋଲିସ କାର୍ଯ୍ୟାନୁଷ୍ଠାନର ଶିକାର ହୋଇଥିଲେ । ଗୁଳିଚାଳନା ସମୟରେ କେବଳ ୧୯ ଜଣ ସଂଗ୍ରାମୀ ପ୍ରାଣ ହରାଇ ନଥିଲେ ବରଂ ଢେର ଅଧିକ ସଂଗ୍ରାମୀ ଆହତ ହୋଇଥିଲେ ଏବଂ ଅନେକ କାରାଦଣ୍ଡ ଭୋଗୁଥିବା ସମୟରେ ମୃତ୍ୟୁ ବରଣ କରିଥିଲେ । ପାପଡ଼ାହାଣ୍ଡି ଘଟଣା କେବଳ ଏକ ସ୍ଥାନୀୟ ପ୍ରଜାବିଦ୍ରୋହ ନୁହେଁ ଏହା ଓଡ଼ିଶାର ସ୍ୱାଧୀନତା ସଂଗ୍ରାମର ରକ୍ତାକ୍ତ ସ୍ୱାକ୍ଷର ବୋଲି ଅତିଥିମାନେ ଉଲ୍ଲେଖ କରିଛନ୍ତି । ସୂଚନା ଓ ଲୋକସଂପର୍କ ବିଭାଗ ଏବଂ ଶବରୀ ସାଂସ୍କୃତିକ ସଂସଦର ମିଳିତ ଆନୁକୂଲ୍ୟରେ ଆଜି ସନ୍ଧ୍ୟାରେ ସ୍ଥାନୀୟ ଜୟଦେବ ଭବନଠାରେ ଆୟୋଜିତ ରାଜ୍ୟସ୍ତରୀୟ ଆତ୍ମୋତ୍ସର୍ଗ ଦିବସ ସମାରୋହରେ ଉଦ୍‌ବୋଧନ ଦେଇ ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଶ୍ରୀଯୁକ୍ତ ନିତ୍ୟାନନ୍ଦ ଗଣ୍ଡ କହିଲେ ଯେ ପାପଡ଼ାହାଣ୍ଡି ଘଟଣା ଓଡିଶା ସ୍ୱାଧୀନତା ସଂଗ୍ରାମ ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ୱାକ୍ଷର ।

# ଗଣେଶପୂଜା ଓ ଭସାଣି ଶୋଭାଯାତ୍ରା ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ



ଭଦ୍ରକ, ୨୫/୮ (ନି.ପ୍ର): ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୁଲ୍ୟରେ ଗଣେଶପୂଜା ଓ ଭସାଣି ଶୋଭାଯାତ୍ରା ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳଙ୍କ ସଦଭାବନା ସଭାଗୃହ ପରିସରରେ ଅନୁଷ୍ଠିତ ହୋଇଯାଇଅଛି । ଭଦ୍ରକର ଜିଲ୍ଲାପାଳ ଦିଲୀପ ରାଉତରାଏ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ଭଦ୍ରକର ଆରକ୍ଷୀ ଅଧୀକ୍ଷକ ମନୋଜ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବିନାରାୟଣ ସାହୁ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଂଶୁମାନ ଦ୍ୱିବେଦୀ, ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ତହସିଲଦାର ଭଦ୍ରକ ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆ ସମେତ ଶାନ୍ତି କମିଟିର ସଦସ୍ୟ, ହିନ୍ଦୁ ସୁରକ୍ଷା ସମିତି ଏବଂ ବୁଢା ଗଣେଶ, ଟୋକା ଗଣେଶ, ପିଲା ଗଣେଶ, ଛୁଆ ଗଣେଶ, କାଞ୍ଚନ ଗଣେଶ ଏବଂ ଗଜାନନ ପୂଜା କମିଟି ର ସଭାପତି/ ସଂପାଦକ ମାନେ ଉପସ୍ଥିତ ଥିଲେ ଏବଂ ସେମାନଙ୍କର ପୂଜା ଓ ଭସାଣୀ ସମ୍ବନ୍ଧୀୟ ସୂଚନା ପ୍ରଦାନ କରିଥିଲେ । ପ୍ରତିବର୍ଷ ପରି ଚଳିତ ବର୍ଷ ଗଣେଶ ପୂଜା ଏବଂ ଭସାଣି ଶୋଭାଯାତ୍ରା କିପରି ଶାନ୍ତି ଶୃଙ୍ଖଳା ଏବଂ ଭାଇଚାରା ର ସହିତ ଭଦ୍ରକ ସହରରେ ପାଳନ କରାଯିବ ସେଥିପାଇଁ ଜିଲ୍ଲାପାଳ ସମସ୍ତ କର୍ମକର୍ତ୍ତାଙ୍କ ସହଯୋଗ କାମନା କରିଥିଲେ । ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ଶାନ୍ତି କମିଟିର ସମସ୍ତ ସଦସ୍ୟମାନଙ୍କୁ ସ୍ୱାଗତ କରିବା ସହିତ ଆଜିର ବୈଠକର ଉଦ୍ଦେଶ୍ୟ ସଂପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ହିନ୍ଦୁ ସୁରକ୍ଷା ସମିତି,ସଭାପତି/ ସମ୍ପାଦକ, ମୁସଲିମ୍ ଜମାତ୍, ଭଦ୍ରକ ଏବଂ ଶାନ୍ତି କମିଟିର ସଭ୍ୟମାନେ ଏହି ଉତ୍ସବ ପାଇଁ ସେମାନଙ୍କର ଯୋଜନା ଟିପ୍ପଣୀ ବିଷୟରେ ଅବଗତ କରାଇଥିଲେ ।ଚଳିତ ବର୍ଷ ଗଣେଶ ପୂଜା ଅଗଷ୍ଟ ୨୭ ତାରିଖରେ ପଡୁଥିବାରୁ ଏହାର ସୁପରିଚାଳନା ନିମନ୍ତେ ହିନ୍ଦୁ ସୁରକ୍ଷା ସମିତିର ସଭାପତି ଶ୍ରୀ ବିଦ୍ୟାଧର ସାହୁ ଏହି ସଭାରେ ଉପସ୍ଥିତ ଥିବା ସମସ୍ତ ସଦସ୍ୟଙ୍କୁ ଶୁଭେଚ୍ଛା ଜଣାଇବା ସହ ଜିଲ୍ଲା ପ୍ରଶାସନର ସହଯୋଗ ଲୋଡିଥିଲେ । ମୁସଲିମ ଜମାତ, ଭଦ୍ରକର ଉପସଭାପତି ସେକ ମହମ୍ମଦ ଜକାଉଲ୍ଲା ଆଲୋଚନାରେ ଅଂଶଗ୍ରହଣ କରି ସମସ୍ତଙ୍କୁ ଆସନ୍ନ ଗଣେଶ ପୂଜା ପାଇଁ ଶୁଭେଚ୍ଛା ଜଣାଇବା ସହ ଗଣେଶ ପୂଜା ପରି ପବିତ୍ର ପର୍ବକୁ ଶାନ୍ତିପୂର୍ଣ୍ଣ ଭାବରେ ପାଳନ କରିବା ପାଇଁ ସେମାନେ ସମସ୍ତ ସହାଯୋଗ ଯୋଗାଇ ଦେବେ ବୋଲି ବୈଠକ ରେ ଆଶ୍ୱାସନା ଦେଇଥିଲେ । ସେ ଆହୁରି ମଧ କହିଛନ୍ତି ଯେ ସେମାନେ ସର୍ବଦା ଭାଇଚାରା ବଜାୟ ରଖିବେ ଏବଂ ବିଭିନ୍ନ ଗଣେଶ ପୂଜା କମିଟିର ଅନୁରୋଧ ଅନୁଯାୟୀ ଅଂଶଗ୍ରହଣ କରିବେ ଏବଂ ଭସାଣି ଶୋଭାଯାତ୍ରା ସମୟରେ ଉପସ୍ଥିତ ରହି ପ୍ରଶାସନ ତଥା ବିଭିନ୍ନ ଗଣେଶ ପୂଜା କମିଟିକୁ ପୂର୍ଣ୍ଣମାତ୍ରାରେ ସହଯୋଗ କରିବେ। ଚଳିତ ବର୍ଷ ଗଣେଶପୂଜା ଓ ଭସାଣି ଶୋଭାଯାତ୍ରାରେ ଡିଜେ ର ବ୍ୟବହାର ସଂପୂର୍ଣ୍ଣ ବନ୍ଦ କରାଯିବା ସହିତ ସୋସିଆଲ ମିଡିଆରେ (ସାମାଜିକ ଗଣମାଧ୍ୟମ) ଯେପରି କୌଣସି ଧର୍ମକୁ ଆକ୍ଷେପ କିମ୍ବା ଗୁଜବ ପ୍ରଚାର ନକରିବା ଦିଗରେ ଦୃଢ ପଦକ୍ଷେପ ନିଆଯିବ ବୋଲି ଆଲୋଚନା କରାଯାଇଥିଲା । ଏଥିସହ ସମ୍ବେଦନଶୀଳ ଜାଗାମାନଙ୍କରେ ସିସିଟିଭି ମାନ ଲଗାଯିବା ନେଇ ଆଲୋଚନା ହୋଇଥିଲା । ପୂଜା ମଣ୍ଡପଗୁଡିକ ବୈଦ୍ୟୁତିକ ବିଭାଗ ଓ ଅଗ୍ନିଶମ ବିଭାଗରୁ ଅନୁମତି ଆଣି ସଂପୃକ୍ତ ଥାନା ଅଧିକାରୀଙ୍କୁ ପୂଜା ଆଗରୁ ପ୍ରଦାନ କରିବେ । ପୂଜାପାର୍ବଣରେ ବ୍ୟବହୃତ ପୂଜାସାମଗ୍ରୀ ଯଥା ବାସିଫୁଲ, ଫଳ, ପତ୍ର , ପ୍ରସାଦ, ପ୍ରତିମା ଆଦି ପ୍ରାକୃତିକ ଜଳାଶୟ ତଥା ନଦୀ, କେନାଲ ଓ ନାଳ ରେ ନପକାଇବା ଉପରେ ଆଲୋଚନା ହୋଇଥିଲା ଏବଂ ଲୋକମାନଙ୍କର ଧାର୍ମିକ ଭାବାବେଗକୁ ଅକ୍ଷୁର୍ଣ୍ଣ ରଖି ନଦୀଘାଟ ନିକଟରେ କୃତ୍ରିମ ଜଳାଶୟ କରି ପ୍ରତିମା ବିସର୍ଜନ କରାଯିବ ଏବଂ ବାସିଫୁଲ, ଫଳ, ପତ୍ର , ପ୍ରସାଦକୁ ଜୈବିକ ସାରରେ ପରିଣତ କରିବାକୁ ବ୍ୟବସ୍ଥା କରାଯିବ। ନେଇ ଆଲୋଚନା କରାଯାଇଥିଲା । ଉତ୍ସବ ପୂର୍ବରୁ ସହରରେ ରାସ୍ତାଘାଟ ର ମରାମତି, ଆଲୋକୀକରଣ, ପାନୀୟ ଜଳ ଯୋଗାଣ, ପରିମଳ ବ୍ୟବସ୍ଥା, ସହରରେ ନିରବଚ୍ଛିନ ବିଦ୍ୟୁତ ଯୋଗାଣ, ବେଆଇନ ମାଦକ ଦ୍ରବ୍ୟ ଉପରେ କଟକଣା, ଅଗ୍ନିଶମ ବିଭାଗ ସେବାର ସୁବିନିଯୋଗ, ଯାନ ବାହନ ଚଳାଚଳ ନିୟମ କୁ କଡାକଡି ପାଳନ କରିବା ଏବଂ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଡାକ୍ତରୀ ସେବା ଯୋଗାଇଦେବା ସହିତ ଆମ୍ବୁଲାନ୍ସ ଏବଂ ମେଡିକାଲ ଟିମ ର ବ୍ୟବସ୍ଥା ଉପରେ ବିଭିନ୍ନ ବିଭାଗୀୟ କର୍ତ୍ତୁପକ୍ଷଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ସେହିପରି ହିନ୍ଦୁ ସୁରକ୍ଷା ସମିତିର ସଭାପତି ବିଦ୍ୟାଧର ସାହୁ, ରୋଟାରିଆନ ତଥା ଶାନ୍ତି କମିଟିର ସଦସ୍ୟ ଅତିଶ ବେହେରା, ସମାଜ ସେବୀ ସୁଧାକର ରାଉତ, ଏସ ଏମ ଫାରୁକ, ଗଣେଶପୂଜା ଓ ଭସାଣି ଶୋଭାଯାତ୍ରାକୁ ଶୃଙ୍ଖଳିତ ଭାବେ ପାଳନ କରାଯିବା ନିମନ୍ତେ ଦିଗଦର୍ଶନ ପ୍ରଦାନ କରିଥିଲେ । ବିଦ୍ୟାଳୟ ଓ ମହାବିଦ୍ୟାଳୟ ମୂର୍ତ୍ତି ବିସର୍ଜନବେଳେ ସତର୍କତା ଅବଲମ୍ବନ କରିବେ , ଯେପରି କିଛି ଅଘଟଣ ନଘଟେ ବୋଲି ଶାନ୍ତି କମିଟିର ସଦସ୍ୟ ଅତିଶ ବେହେରା ପ୍ରକାଶ କରିଥିଲେ । ବିଦ୍ୟାଳୟରେ ମୂର୍ତ୍ତି ବିସର୍ଜନବେଳେ କୌଣସି ଛାତ୍ର/ ଛାତ୍ରୀଙ୍କୁ ଜଡିତ କରାଯିବ ନାହିଁ ବୋଲି ଆରକ୍ଷୀ ଅଧୀକ୍ଷକ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେହିପରି ରାସ୍ତାକୁ ଆର ପାର କରି କୌଣସି ତୋରଣ କରାଯିବ ନାହିଁ, ଲାଉଡ ସ୍ପିକର ପାଇଁ ଉପଜିଲ୍ଲାପାଳ, ଭଦ୍ରକ ଓ ମାର୍ଗ ଅନୁମତିପାଇଁ ସଂପୃକ୍ତ ଥାନା ଅଧିକାରୀ ଙ୍କ ପାଖରୁ ଅନୁମତି ନେବା ନେଇ ସ୍ଥିର କରାଗଲା ।

## ବ୍ରାହ୍ମଣୀ ନଦୀରେ ତୃତୀୟ ବନ୍ୟା: ନଦୀ କୂଳିଆ ବାସିନ୍ଦା ଆତଙ୍କିତ

ଧର୍ମଶାଳା, ୨୫/୮ (ନି.ପ୍ର): ବ୍ରାହ୍ମଣୀ ଓ ତାର ଶାଖା ନଦୀ ଗୁଡିକରେ ତୃତୀୟ ବନ୍ୟାଜଳ ଆସିବା ଫଳରେ ନଦୀ କୂଳିଆ ଲୋକେ ଆତଙ୍କିତ ହୋଇପଡିଛନ୍ତି । ଉପର ମୁଣ୍ଡରେ ବର୍ଷା ଲାଗିରହିବା ଫଳରେ ରେଙ୍ଗାଲିର ୩ ଗୋଟି ଗେଟ ଖୋଲାଯାଇଛି । ପୂର୍ବରୁ ରେଙ୍ଗାଲିର ୨ ଗୋଟି ଗେଟ ଖୋଲାଯାଇଥିବା ବେଳେ ଆଜି ଭୋରରୁ ଗୋଟଏ ଗେଟ ଖୋଲାଯାଇଛି । ସେହିପରି ସମଲ ବ୍ୟାରେଜର ୧୦ ଗୋଟି ଗେଟ ଖୋଲାଯାଇଛି । ଫଳରେ ଆଜି ସନ୍ଧ୍ୟା ୭ଟା ସୁଦ୍ଧା ବ୍ରାହ୍ମଣୀ ନଦୀର ଜେନାପୁର ଠାରେ ୬୩.୭୦ ମିଟରରେ ବନ୍ୟାଜଳ ପ୍ରବାହିତ ହେଉଛି ଏବଂ ଏହା କ୍ରମଶ ବୃଦ୍ଧି ପାଉଥିବା ବେଳେ ଆଜି ଭୋର ସମୟରେ ରେଙ୍ଗାଲି ଡ୍ୟାମର ଖୋଲାଯାଇଥିବା ଗୋଟିଏ ଗେଟର ପାଣି କାଲି ସକାଳ ସୁଦ୍ଧା ଜେନାପୁର ନିକଟରେ ପହଁଚିବ । ଫଳରେ ବନ୍ୟା ଜଳ ବୃଦ୍ଧି ପାଇ ଜେନାପୁର ଠାରେ ବିପଦ ସଙ୍କେତ ଥିବା ୬୭ ଫୁଟ ପାଖାପାଖି ଯିବାର ଆଶଙ୍କା କରାଯାଉଛି । ତେବେ ଉପରମୁଣ୍ଡରେ ବର୍ଷା ପରିମାଣ ନକମିଲେ ରେଙ୍ଗାଲି ଡ୍ୟାମର ଆଉ ଏକ ଗେଟ ଖୋଲାଗଲେ ବନ୍ୟା ହେବାର ଆଶଙ୍କା କରାଯାଇଛି ।

# ରାଜ୍ୟ ସରକାରଙ୍କ ଘୋଷଣା ପରେ ବାଲେଶ୍ୱରରେ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ଦାବିରେ ଗଣଧାରଣା



ବାଲେଶ୍ୱର, ୨୫/୮ (ନି.ପ୍ର): ବାଲେଶ୍ୱର ଜିଲ୍ଲାରେ କୃଷି ମହାବିଦ୍ୟାଳୟ ଓ ଗବେଷଣା କ୍ଷେତ୍ର ପ୍ରତିଷ୍ଠା ଦାବିରେ ଗତ ୩ବର୍ଷ ଧରି ଦାବି ଓ ଆନ୍ଦୋଳନ କରିଆସୁଥିବା ବହୁ ବିଶିଷ୍ଟ ବ୍ୟକ୍ତି ବାଲେଶ୍ୱର ଷ୍ଟେସନ ଛକ ପାଖରେ ସୋମବାର ଦିନ ସନ୍ଧ୍ୟାରେ ଧାରଣାରେ ବସି ସରକାରଙ୍କ ନିଷ୍ପତ୍ତିର ପ୍ରତିବାଦ କରିଛନ୍ତି। ରାଜ୍ୟ ସରକାର ଓଡ଼ିଶାର ଅନ୍ୟ ୨ଟି ଜିଲ୍ଲାରେ କୃଷି ମହାବିଦ୍ୟାଳୟ ଓ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ରବିବାର ଦିନ ଘୋଷଣା କରିବା ପରେ ବାଲେଶ୍ୱର ଜିଲ୍ଲାବାସୀଙ୍କ ମଧ୍ୟରେ ଭୀଷଣ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ପ୍ରତୀକ ଗଣଧାରଣାରେ ବାଲେଶ୍ୱରର ବିଭିନ୍ନ ବର୍ଗର ବହୁ ବିଶିଷ୍ଟ ବ୍ୟକ୍ତି ଓ ଗଣସଂଗଠନମାନେ ଯୋଗ ଦେଇଥିଲେ। ଆସନ୍ତା ବିଧାନସଭା ଅଧିବେଶନ ପୂର୍ବରୁ ବାଲେଶ୍ୱରରେ ଏକ କୃଷି ମହାବିଦ୍ୟାଳୟ ଓ ଗବେଷଣା କ୍ଷେତ୍ର ପ୍ରତିଷ୍ଠା ପାଇଁ ଯଦି ରାଜ୍ୟ ସରକାର ଘୋଷଣା ନ କରନ୍ତି ତେବେ ସମସ୍ତ ସରକାରୀ କାର୍ଯ୍ୟକ୍ରମକୁ ବାଲେଶ୍ୱରବାସୀ ଅସହଯୋଗ କରିବାକୁ ଧାରଣାସ୍ଥଳରେ ବହୁ ବକ୍ତା ଆହ୍ୱାନ ଦେଇଛନ୍ତି। ଜିଲ୍ଲା କ୍ରିୟାନୁଷ୍ଠାନ ସମିତିର ଏକ ଜରୁରୀ ବୈଠକ ସୋମବାର ଅପରାହ୍ନରେ ଉଠାଜଳସେଚନ କର୍ମଚାରୀ ଭବନରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ସମିତିର ସଭାପତି ଡ. କେଶବ ଚରଣ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ବୈଠକରେ ଜିଲ୍ଲା କର୍ମକର୍ତ୍ତାମାନଙ୍କ ସମେତ ବିଭିନ୍ନ ବ୍ଲକ୍‌ରୁ ଆସିଥିବା ନେତୃବୃନ୍ଦ ଓ ବିଭିନ୍ନ ଗଣସଂଗଠନଙ୍କ ପ୍ରତିନିଧି ସରକାରଙ୍କର ଏହି ବୈମାତୃକ ମନୋଭାବକୁ ଦୃଢ଼ ସମାଲୋଚନା କରିଥିଲେ। ବାଲେଶ୍ୱର ଜିଲ୍ଲା ଧାନ, ପାନ ଓ ମୀନର ଜିଲ୍ଲା ଭାବେ କୁହାଯାଉଥିବାବେଳେ, ଏହି ଜିଲ୍ଲାରେ କୃଷି ସଂପର୍କିତ କୌଣସି ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ନହେବା ରାଜ୍ୟ ସରକାରଙ୍କର ଏକ ଚରମ ଅବହେଳା ଏବଂ ଜିଲ୍ଲା ପ୍ରତି ଏହି ଅବହେଳାକୁ ବରଦାସ୍ତ କରାଯିବନାହିଁ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ସର୍ବଶ୍ରୀ ନିରଞ୍ଜନ ପରିଡ଼ା, ଅଭୟ ଚନ୍ଦ୍ର ମିଶ୍ର, ଡ. କ୍ଷିତୀଶ୍ୱର ଦାଶ, ଶ୍ୟାମସୁନ୍ଦର ଜେନା, କବି ଡ. କାଳୀପଦ ପଣ୍ଡା, ପୂର୍ବତନ ବିଧାୟକ ସ୍ୱରୂପ କୁମାର ଦାସ, ଦିଲ୍ଲୀପ ଗିରି, ବିଜୟ ମିଶ୍ର, ଅବନୀ କୁମାର ଚାନ୍ଦ, କମଳ ଚକ୍ରବର୍ତ୍ତୀ, ଗୋବିନ୍ଦ ଚନ୍ଦ୍ର ଭୋଇ, ଇଂ. ବନମାଳୀ ନାୟକ, ସରସ୍ୱତୀ ପଣ୍ଡା, ଭାଗବତ ପ୍ରତିହାରୀ, ଦୁଷ୍ମନ୍ତ କୁମାର ଦାସ, ଦାମୋଦର ନାୟକ, ସୀତାରାମ ପ୍ରଧାନ, ନିରଞ୍ଜନ ରାଉତ, ପ୍ରଭାକର ସାହୁ, ପ୍ରଫୁଲ୍ଲ କୁମାର ଦାସ, ଭାସ୍କର ପାଢ଼ୀ ଓ ସଂଯୁକ୍ତା ବେହେରା ପ୍ରମୁଖ ଏହି ବୈଠକରେ ସରକାରଙ୍କ ଅବିଚାର ବିରୁଦ୍ଧରେ ଆଗାମୀ ଦିନରେ ଜିଲ୍ଲାବ୍ୟାପୀ ଆନ୍ଦୋଳନ ପାଇଁ ପ୍ରସ୍ତାବ ଦେଇଥିଲେ। ଏହି ବୈଠକରେ ଗୌରାଙ୍ଗ ପାଣିଗ୍ରାହୀ ପ୍ରାରମ୍ଭିକ ସୂଚନା ଦେଇଥିଲାବେଳେ ଅପର୍ଣ୍ଣା ମହାପାତ୍ର ଧନ୍ୟବାଦ ଦେଇଥିଲେ।

OFFICE OF THE SUPERINTENDING ENGINEER
BALASORE (ROADS & BUILDINGS ) DIVISION-II
AT/PO- BHASKARGANJ , BALASORE

CONTACT NO :- 06782-263149
E Mail ID :- eepwdbls2@gmail.com

SHORT TENDER CALL NOTICE

BID INVITATION NO. EE (R and B) BLS-II- 17/ 2025-26

No. 5470 dt. 22.8.25

| | | | |
|---|---|---|---|
| 1 | The Superintending Engineer , Balasore (R & B) Division-II , Balasore on behalf of the Governor of Odisha invites Percentage rate bids to be received in **ONLINE MODE** only for Roads & Buildings works . | | |
| 2 | No. of Work | : | 7 Nos |
| 3 | Nature of work : | : | Road Work |
| 4 | Class of Contractor : | : | "D", "C" & "B" |
| 5 | Approx. value of work | : | Rs.33.00 Lakhs to 6.20 Lakhs |
| 6 | Tender Cost. : . | : | Rs.4000.00 (Sl.No.4 ) & Rs.6000.00 (Sl.No.1, 2, 3, 5 , 6 & 7) |
| 7 | Availability of Bid Documents in the website : | : | From 10.00 AM of 30.08.2025 to 1.00 PM of 08.09.2025 |
| 8 | Date of Opening of Bid : | : | Dt. 08.09.2025 at 1.30 PM. |
| 9 | Other details can be seen in the Bidding documents from the website : https://tendersorissa.gov.in. | | |

OIPR: 34155/11/0028/2526

Superintending Engineer,
Balasore (R&B) Division-II

## ପୌରସଂସ୍ଥା ଡମ୍ପିଂୟାଡ ଆବସ୍ଥା ଅନୁଧ୍ୟାନ କଲେ ଜିଲ୍ଲାପାଳ

କେନ୍ଦ୍ରାପଡ଼ା, ୨୫/୮ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳ ର ହଜାରି ବଗିଚା ଠାରେ ଥିବା ପୌରସଂସ୍ଥା ପରିଚାଳିତ ଡମ୍ପିଂୟାଡ ଅବସ୍ଥା ଅନୁଧ୍ୟାନ କରାଯାଇଛି । ଜିଲ୍ଲାପାଳ ରଘୁରାମ ଆର ଆୟାର, ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକ, ପୌର ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ପ୍ରସାଦ ଗିରି ପ୍ରମୁଖ ଘଟଣାସ୍ଥଳ ପରିଦର୍ଶନ କରି ଏହାର ଅବସ୍ଥା ସୁଧାରିବା ପାଇଁ ଅନୁଧ୍ୟାନ କରିଛନ୍ତି । ଏହି ଡମ୍ପିଂୟାଡ ଯୋଗୁ ସ୍ଥାନୀୟ ଅଂଚଳରେ ପରିବେଶ ପ୍ରଦୂଷିତ ହେବାସହ ଏହା ନିକଟରେ କବାଡିଆମାନେ ସେମାନଙ୍କ ବର୍ଜ୍ୟବସ୍ତୁ ତଥା ପ୍ଲାଷ୍ଟିକ ସାମଗ୍ରୀ ଜରି ଓ ଅନ୍ୟ ସାମଗ୍ରୀ ଗୁଡିକୁ ବିନା ଅଣୁମତି ରେ ଜମା କରୁଥିବାରୁ ପରିବେଶ ଅଧିକ ବିଷାକ୍ତ ହେବାସହ ଏଥିରୁ ଦୁର୍ଗନ୍ଧ ବାହାରି ସ୍ଥାନୀୟ ଅଂଚଳର ବାୟୁ ମଣ୍ଡଳକୁ ପ୍ରଦୂଷିତ କରୁଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ୪ ପ୍ରସ୍ତାବକୁ କ୍ୟାବିନେଟ...

କୋଟି ଟଙ୍କାରୁ ଅଧିକ ନିବେଶ କିମ୍ବା ୧୦୦୦ରୁ ଅଧିକ ନିଯୁକ୍ତି ସୃଷ୍ଟି କରୁଥିବା ମେଗା ପ୍ରକଳ୍ପଗୁଡ଼ିକୁ ସ୍ୱତନ୍ତ୍ର ଭାବେ କଷ୍ଟୋମାଇଜ୍ଡ ରିହାତି ପ୍ରଦାନ କରାଯିବ । ଅନ୍ୟାନ୍ୟ ପ୍ରୋତ୍ସାହନ: ଶିଳ୍ପ ସଂସ୍ଥାମାନଙ୍କୁ ଜମି ଆବଂଟନ, ଭଡ଼ା ସହାୟତା, ୧୦ ବର୍ଷ ପାଇଁ ବିଦ୍ୟୁତ୍ ଶୁଳ୍କ ଛାଡ଼ ଏବଂ ବିଦ୍ୟୁତ୍ ଶୁଳ୍କ ପ୍ରତିପୂର୍ତ୍ତି ଭଳି ଗୁରୁତ୍ୱପୂର୍ଣ୍ଣ ସହାୟତା ଯୋଗାଇ ଦିଆଯିବ, ଯାହା ପ୍ରକଳ୍ପ ନିବେଶର ୭୫% ମଧ୍ୟରେ ସୀମିତ ରହିବ । ଏହି ନୀତି କେନ୍ଦ୍ର ସରକାରଙ୍କ 'ମେକ୍ ଇନ୍ ଇଣ୍ଡିଆ' ପଦକ୍ଷେପ ସହିତ ସମନ୍ୱିତ ହୋଇ ରାଜ୍ୟର ଆର୍ଥିକ ଅଭିବୃଦ୍ଧିକୁ ଆଗେଇ ନେବାରେ ସହାୟକ ହେବ । ସେହିପରି ଏହି ବୈଠକରେ ୧୭ତମ ବିଧାନସଭାର ଚତୁର୍ଥ ଅଧିବେଶନ ଆସନ୍ତା ସେପ୍ଟେମ୍ବର ୧୮ରୁ ଆରମ୍ଭ ପାଇଁ ପ୍ରସ୍ତାବକୁ ମଧ କ୍ୟାବିନେଟ୍ ଅନୁମୋଦନ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଓଡ଼ିଶା ଲୋକସେବା ଆୟୋଗରେ ୩ଜଣଙ୍କ ନିଯୁକ୍ତିକୁ ମଧ ପିଛିଲା ଭାବେ ଅନୁମୋଦନ ମିଳିଛି ।

### ଗଳାବାଟରେ ଦର୍ଶନ...

ଘଣ୍ଟା ଘଣ୍ଟା ଧରି ଧାଡିରେ ଠିଆ ହେବାକୁ ଅମଙ୍ଗ ହେଉଥିବା ଭକ୍ତଙ୍କୁ ଗଳାବାଟରେ ମହାପ୍ରଭୁଙ୍କ ଦର୍ଶନ କରାଇବା ନାଁରେ ନିଆଯାଉଛି ଟଙ୍କା। ସାଧାରଣ ଦର୍ଶନକୁ ମଧ ବିକ୍ରି କରିବାକୁ ଲାଗିଛନ୍ତି କିଛି ଯାତ୍ରୀପଣ୍ଡା ଓ ଯାତ୍ରୀଗୁମାସ୍ତା। ସିଂହଦ୍ୱାର ସାମ୍ନାରେ, ପୋଲିସ ଉପସ୍ଥିତ ଥିଲେ ମଧ କିଛି ଖାତିର କରୁନାହାନ୍ତି। ଶ୍ରୀଜିଉଙ୍କ ଦର୍ଶନକୁ ନେଇ ଚାଲିଥିବା ଏହି ବେଧଡ଼କ କାରବାର ମୋବାଇଲ୍ କ୍ୟାମେରାରେ କଏଦ୍ ହୋଇଛି। ଭିଡିଓରେ ଯାତ୍ରୀପଣ୍ଡାଙ୍କ ସହ କିଛି ଯାତ୍ରୀଗୁମାସ୍ତା ଭକ୍ତଙ୍କଠୁ ସିଧାସଳଖ ଟଙ୍କା ନେଉଥିବା ସ୍ପଷ୍ଟ ଦେଖିବାକୁ ମିଳିଛି। ପୂରା ଘଟଣାର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ସେପଟେ ଏହି ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ। ଆଗକୁ ଦୃଢ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଚେତାଇ ଦେଇଛନ୍ତି ପୁରୀ ଜିଲ୍ଲାପାଳ। ଏହାପୂର୍ବରୁ ମୋଦକ ଚୋରି, ବଡ ଦାଣ୍ଡରେ ଖଜା ବିକ୍ରିରେ ଠକେଇ, ସ୍ପାଏ କ୍ୟାମେରା ପଶିବା ଭଳି ନେକ ସଙ୍ଗୀନ ଅଭିଯୋଗ ଆସିଛି। କିଛିଦିନ ତଳେ ଜଣେ ଜେଟିପି, ଭକ୍ତଙ୍କଠାରୁ ଟଙ୍କା ନେଇ ଧରାପଡିଥିବା ପରେ, ତାଙ୍କୁ ବହିଷ୍କାର କରିଥିଲା ଶ୍ରୀମନ୍ଦିର ପ୍ରଶାସନ। ଏବେ ପୁଣି ସମାନ ଘଟଣା ସାମ୍ନାକୁ ଆସିଛି। ମହାପ୍ରଭୁଙ୍କ ଦର୍ଶନ ପାଇଁ ଏଭଳି ଟଙ୍କା କାରବାର, କେବଳ ଶ୍ରୀମନ୍ଦିରର ପରମ୍ପରାକୁ ଅପମାନ କରୁନି, ଭକ୍ତମାନଙ୍କ ଭାବନାକୁ ମଧ ଆଘାତ କରୁଛି। ପ୍ରଶାସନର ଦୃଢ କାର୍ଯ୍ୟପଦ୍ଧତିକୁ ନେଇ ପ୍ରଶ୍ନ ଠିଆ କରିଛି। ଏବେ ପ୍ରଶାସନ କ'ଣ କାର୍ଯ୍ୟାନୁଷ୍ଠାନ ନେଉଛି। କେଉଁ ଏସ୍‌ଓପି ଆଣୁଛି। ତାହା ଉପରେ ନଜର।

### ଭାରତକୁ ଚିଡ଼ାଇଥିବା ...

ସିନ୍ଦୁର ସମୟରେ ସୀମାନ୍ତ ଅଂଚଳର ଲୋକମାନେ ସଶସ୍ତ୍ର ବାହିନୀକୁ ପୂର୍ଣ୍ଣ ସମର୍ଥନ ଦେଇଥିଲେ, ଯାହା ପ୍ରମାଣ କରେ ଯେ ଦେଶର ସୁରକ୍ଷା କେବଳ ସରକାର କିମ୍ବା ସେନାର ଦାୟିତ୍ୱ ନୁହେଁ, ବରଂ ପ୍ରତ୍ୟେକ ନାଗରିକର ଦାୟିତ୍ୱ। ସେ ଗୁରୁତ୍ୱାରୋପ କରିଥିଲେ ଯେ ଯଦି ନାଗରିକମାନେ, ବିଶେଷକରି ଯୁବପିଢ଼ି ସଚେତନ ଏବଂ ନିଜ କର୍ତ୍ତବ୍ୟ ପ୍ରତି ସମର୍ପିତ ରୁହନ୍ତି, ତେବେ ଦେଶ ଯେକୌଣସି ଅସୁବିଧାର ସମ୍ମୁଖୀନ ହୋଇପାରିବ ଏବଂ ଶକ୍ତିଶାଳୀ ହୋଇପାରିବ। ଅପରେସନ ସିନ୍ଦୁର ସମୟରେ ଯୁବପିଢ଼ିଙ୍କ ଦ୍ୱାରା ଦେଖାଯାଇଥିବା ଉତ୍ସାହ ଏବଂ ଦୃଢ଼ ନିଷ୍ପତିକୁ ପ୍ରତିରକ୍ଷା ମନ୍ତ୍ରୀ ପ୍ରଶଂସା କରିଥିଲେ। ସେ ଏହି ଅପରେସନକୁ ନୂତନ ଭାରତର ପରିଚୟ ବୋଲି କହିଥିଲେ।

### ଭିଜିଲାନ୍ସ ଜାଲରେ...

ତେବେ ପୂର୍ବ ଯୋଜନା ମୁତାବକ ଅଭିଯୋଗକାରୀଙ୍କ ଠାରୁ ୭ହଜାର ଟଙ୍କା ଲାଂଚ ନେଉଥିବା ବେଳେ ତାଙ୍କୁ ଭିଜିଲାନ୍ସ ଗିରଫ କରିଛି । ତାଙ୍କ ନିକଟରୁ ଲାଂଚ ଟଙ୍କା ଜବତ କରାଯାଇଛି । ଏହାପରେ ଆୟ ବହିର୍ଭୁତ ସଂପତି ଠୁଳ କରିବା ଅଭିଯୋଗରେ ତାଙ୍କର ଠିକଣାରେ ଚଢାଉ କରିଛି ଭିଜିଲାନ୍ସ । ସମ୍ବଲପୁର ଭିଜିଲାନ୍ସ ପୋଲିସ ଷ୍ଟେସନରେ ତାଙ୍କ ବିରୁଦ୍ଧରେ ମାମଲା ରୁଜୁ ହୋଇଛି । ଘଟଣାର ତଦନ୍ତ ଜାରି ରହିଛି ।

### ନବୀନଙ୍କୁ ଭେଟିଲେ ...

ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ । ସୁସ୍ଥ ହେବା ପରେ ସେ ନବୀନ ନିବାସ ଫେରିଛନ୍ତି । ସେବେଠାରୁ ଦଳମତ ନିର୍ବିଶେଷରେ ଅନେକ ନେତା ଓ ସମର୍ଥକ ତାଙ୍କୁ ଭେଟି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ଆଶୁ ଆରୋଗ୍ୟ କାମନା କରୁଛନ୍ତି । ଏହି କ୍ରମରେ ଆଜି ରାଜ୍ୟପାଳ ନିଜେ ଯାଇ ନବୀନଙ୍କୁ ଭେଟିଛନ୍ତି । ଅନ୍ୟପଟେ ଗତ ଶୁକ୍ରବାର ନବୀନ ନିବାସରେ ତାଙ୍କ ବଡ଼ ଭାଇ ପ୍ରେମ ପଟ୍ଟନାୟକଙ୍କୁ ମଧ ଦେଖିବାକୁ ମିଳିଥିଲା । ଦୀର୍ଘ ଦିନ ପରେ ନବୀନ ନିବାସକୁ ଆସିବା ସହ ସାନ ଭାଇ ନବୀନଙ୍କ ସହ ଆଲୋଚନା କରିଥିଲେ ବଡ଼ ଭାଇ ପ୍ରେମ ପଟ୍ଟନାୟକ । ବିଜେଡି ସଭାପତି ନବୀନ ପଟ୍ଟନାୟକ ସୁସ୍ଥ ହୋଇ ହସ୍ପିଟାଲରୁ ଡିସଚାର୍ଜ ହେବା ପରେ ସ୍ୱାସ୍ଥ୍ୟାବସ୍ଥା ନେଇ ପଚାରି ବୁଝିଥିଲେ ବଡ଼ ଭାଇ । ତେବେ ପ୍ରେମଙ୍କ ହଠାତ୍ ଓଡିଶା ଗସ୍ତ ନେଇ ମଧ ରାଜନୈତିକ ଚର୍ଚ୍ଚା ଆରମ୍ଭ ହୋଇଛି ।

### ଦେବାଶିଷଙ୍କ ପରେ...

ପାଣ୍ଡିଆନଙ୍କ ବିରୋଧରେ କେହି କହିବାକୁ ଭାବୁଥିଲେ । ହେଲେ ୨୦୨୪ ନିର୍ବାଚନରେ ବିଜେଡିର ପରାଜୟ ପରେ ଏବେ ପାଣ୍ଡିଆନଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିବାର ଧାରା ଆରମ୍ଭ ହୋଇଛି ।

### ବିହାରରେ କିଏ...

ନୀତିଶଙ୍କ ନାଁକୁ ନେଇ କଥା ଛିଣ୍ଡିଥିଲେ ବି, କୌଣସି ମୁହୂର୍ତ୍ତରେ ବାଜି ପଲଟିଲା ଭଳି ଜଣାପଡୁଛି । ବିହାରରେ ଏବେ ରାହୁଲ ଗାନ୍ଧୀଙ୍କ ଭୋଟ୍ ଅଧିକାର ଯାତ୍ରା ଚାଲିଛି । ଆଉ ଏହାରି ଭିତରେ ରବିବାର ତାଙ୍କୁ କିଛି ସାମ୍ବାଦିକ ମୁଖ୍ୟମନ୍ତ୍ରୀ ଚେହେରାକୁ ନେଇ ପ୍ରଶ୍ନ କରିଥିଲେ । ତେଜସ୍ୱୀଙ୍କୁ କାହିଁକି କଂଗ୍ରେସ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବେ ଘୋଷଣା କରୁନି ବୋଲି ସାମ୍ବାଦିକ ରାହୁଲ ଗାନ୍ଧୀଙ୍କୁ ପ୍ରଶ୍ନ କରିଥିଲେ । ହେଲେ ଏହାର କିନ୍ତୁ ସିଧାସଳଖ ଉତ୍ତର ରଖିନଥିଲେ ରାହୁଲ ଗାନ୍ଧୀ । ସିଧା ନହେଲେ ବି ପରୋକ୍ଷରେ ରାହୁଲ ଗାନ୍ଧୀ ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତର ଦେଇନଥିଲେ । ଯାହାକି ପ୍ରମାଣ କରିଦେଇଥିଲା ବିହାରରେ କଂଗ୍ରେସର ମୁଡ୍ କେମିତି ଅଛି । ବିହାରର କଂଗ୍ରେସ ନେତାମାନେ ଏଥର ବିନା କୌଣସି ମୁଖ୍ୟମନ୍ତ୍ରୀ ଚେହେରାରେ ନିର୍ବାଚନ ମୈଦାନକୁ ଓହ୍ଲାଇବାକୁ ମନ ସ୍ଥିର କରିଛନ୍ତି । ଯେଉଁଥିପାଇଁ ରାହୁଲ ଏହି ପ୍ରସଙ୍ଗରେ ଚୁପ୍ ରହୁଥିବା କୁହାଯାଉଛି । ଏପଟେ ଏନଡିଏରେ ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କୁ ସାମ୍ନାରେ ରଖି ଏନଡିଏ ମୈଦାନକୁ ଓହ୍ଲାଇବାକୁ ପ୍ରସ୍ତୁତ । ହେଲେ କୌଣସି ମୁହୂର୍ତ୍ତରେ ବି ବାଜି ପଲଟିଲା ଭଳି ସନ୍ଦେଶ ଆସୁଛି । ଯଦି ଏଥର ନିର୍ବାଚନରେ ବିଜେପି, ଜେଡିୟୁଠାରୁ ଅଧିକ ସିଟ୍ ଜିତିନିଏ, ତେବେ ବିହାରରେ ଏଥର ବିଜେପି ନିଜର ନେତାଙ୍କୁ ମୁଖ୍ୟମନ୍ତ୍ରୀ ଚେୟାରରେ ବସାଇବାକୁ ଅଙ୍କ କଷୁଥିବା ଚର୍ଚ୍ଚା ହେଉଛି । ବିହାର ରାଜନୀତିର ଏବେ କେନ୍ଦ୍ରରେ ଅଛନ୍ତି ଦୁଇଟି ମେଣ୍ଟ । ଗୋଟିଏ ହେଲା ଏନଡିଏ, ଆଉ ଗୋଟିଏ ହେଲା ମହାମେଣ୍ଟ । ଏନଡିଏ ନୀତିଶଙ୍କୁ ନେତା କରି ମୈଦାନକୁ ଓହ୍ଲାଇଥିବାବେଳେ, ମହାମେଣ୍ଟରେ କିଏ ମୁଖ୍ୟମନ୍ତ୍ରୀ ଚେହେରା ହେବ, ତାହା ସବୁଠୁ ବଡ଼ ପ୍ରଶ୍ନ ।

### ଢାବାରେ ଚା' ପିଇ...

ତେଜସ୍ୱୀ ଯାଦବ, ମୁକେଶ ସାହନି, ସାଂସଦ ପପ୍ପୁ ଯାଦବ ଏବଂ ବିଧାୟକ ବୀମା ଭାରତୀଙ୍କ ସମେତ ଅନେକ ବଡ ନେତା ଉପସ୍ଥିତ ଥିଲେ । ପ୍ରାୟ ଅଧ ଘଣ୍ଟା ଧରି ଏହି ନେତାମାନେ ଜାତୀୟ ରାଜପଥ କଡ଼ରେ ଥିବା ଏହି ଢାବାରେ ବିଶ୍ରାମ ନେଇଥିଲେ । 'ଅପନା ଢାବା'ର ମାଲିକ ଅମୃତ କୁମାର ସାହ ଏବଂ ତାଙ୍କ କର୍ମଚାରୀ ସୁରେନ୍ଦ୍ର କୁମାର ପୋଦ୍ଦାର କହିଛନ୍ତି ଯେ ଏହି ବଡ ନେତାମାନଙ୍କୁ ହଠାତ୍ ନିଜ ଢାବାରେ ଦେଖି ସେମାନେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ସେ କହିଛନ୍ତି ଯେ ସେମାନେ ଗତ ୧୩ ବର୍ଷ ଧରି ଏହି ଢାବା ଚଳାଉଛନ୍ତି, କିନ୍ତୁ ଏତେ ବଡ ନେତା ତାଙ୍କର ଅତିଥି ହେବେ ବୋଲି ସେ କେବେ ଭାବି ନଥିଲେ । ତାଙ୍କ ଆଗମନରେ ଢାବାର କର୍ମଚାରୀ ଏବଂ ମାଲିକ କିଛି ସମୟ ପାଇଁ ଆଶ୍ଚର୍ଯ୍ୟଚକିତ ହୋଇଯାଇଥିଲେ । ଢାବା ମାଲିକଙ୍କ କହିବା ଅନୁଯାୟୀ, ତୁରନ୍ତ ସମସ୍ତ ନେତାଙ୍କ ପାଇଁ ଚା', ମ୍ୟାଗି ଏବଂ କୁରକୁରେ ପରସା ଯାଇଥିଲା । ଏହି ସମୟରେ, ନିଜ ପ୍ରିୟ ନେତାଙ୍କୁ ଦେଖିବା ପାଇଁ ଢାବା ବାହାରେ ଲୋକଙ୍କର ପ୍ରବଳ ଭିଡ ଜମିଥିଲା । ଜଳଖିଆର ମୋଟ ବିଲ୍ ପ୍ରାୟ ୧୦୦ ଟଙ୍କା ହୋଇଥିଲା, କିନ୍ତୁ ରାହୁଲ ଗାନ୍ଧୀ ଢାବା ମାଲିକଙ୍କୁ ୧୦୦୦ ଟଙ୍କା ଦେଇ ଆଗକୁ ବଢ଼ିଥିଲେ । ଢାବାର ମାଲିକ ଏବଂ କର୍ମଚାରୀମାନେ ରାହୁଲ ଗାନ୍ଧୀଙ୍କ ବ୍ୟବହାରକୁ ବହୁତ ପ୍ରଶଂସା କରିଛନ୍ତି । ସେମାନେ କହିଛନ୍ତି ଯେ ରାହୁଲ ଗାନ୍ଧୀ କେବଳ ସେମାନଙ୍କୁ ଆଲିଙ୍ଗନ କରି ଏବଂ କାନ୍ଧରେ ହାତ ରଖି ତାଙ୍କର ଭଲମନ୍ଦ ପଚାରି ନଥିଲେ, ବରଂ ତାଙ୍କ ଖାଦ୍ୟକୁ ମଧ ପ୍ରଶଂସା କରିଥିଲେ । ଏହି ଘଟଣା ପରେ 'ଅପନା ଢାବା' ସ୍ଥାନୀୟ ଅଞ୍ଚଳରେ ସୁପରିଚିତ ହୋଇଯାଇଛି । ବିହାର ନିର୍ବାଚନ ପୂର୍ବରୁ ଭୋଟ ଅଧିକାର ପଦଯାତ୍ରା କରୁଛନ୍ତି ରାହୁଲ ଗାନ୍ଧୀ ।

# ଜାରକାକୁ ଏନଏସି ଘୋଷଣା ଦାବିରେ କଂଗ୍ରେସର ଗଣଧାରଣା

ଧର୍ମଶାଳା, ୨୫/୮ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ଜାରକା ଅଂଚଳକୁ ଏନଏସି ଘୋଷଣା ଦାବିରେ ଧର୍ମଶାଳା କଂଗ୍ରେସ କମିଟି ପକ୍ଷରୁ ଆଜି ଫ୍ଲାଏ ଓଭର ବ୍ରିଜ ତଳେ ସକାଳ ୯ଟାରୁ ଦିନ ୨ଟା ପର୍ଯ୍ୟନ୍ତ ଗଣଧାରଣା ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ତଥା କଂଗ୍ରେସ ନେତା କିଶାନ ପଣ୍ଡାଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ଗଣଧାରଣାରେ ଯୋଗଦେଇ ରାଜ୍ୟ ସରକାର ତୁରନ୍ତ ଜାରକାକୁ ଏନଏସି ଘୋଷଣା କରିବାକୁ ଦାବି କରିଥିଲେ। ବ୍ଲକ ସୂଚନା ମୁତାବକ ୧୯୮୯ ମସିହାରେ ବିଧାୟକ କାଙ୍ଗାଳି ଚରଣ ପଣ୍ଡାଙ୍କ ନେତୃତ୍ୱରେ କଂଗ୍ରେସ ସରକାର ସମୟରେ ଜାରକାକୁ ବିଜ୍ଞାପିତ ଅଂଚଳ ପରିଷଦ (ଏନଏସି) କରାଯିବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ହେଲେ ତାହା କାର୍ଯ୍ୟକାରୀ ହୋଇପାରି ନଥିଲା।

# ଖଇରାରେ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ

ଖଇରା , ୨୫/୮ (ନି.ପ୍ର): ସ୍ଥାନୀୟ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ବାଲେଶ୍ୱର ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୁର ବିକାଶ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀଯୁକ୍ତ ସୁଧାକର ନାୟକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ସଞ୍ଜୟ କୁମାର ରାଉତ, ଉପ ଜିଲ୍ଲାପାଳ ବାଲେଶ୍ୱର ଶ୍ରୀଯୁକ୍ତ ଶିବ ମାଲବ୍ୟ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ପ୍ରମୋଦ ମଲ୍ଲିକ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ ଡ଼. ପ୍ରଭାତ କୁମାର ବେହେରା, ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ପଦାଧିକାରୀ ଉପସ୍ଥିତ ଥିଲେ। ଖଇରା ବ୍ଲକଅଧିନସ୍ଥ ସମସ୍ତ ଗ୍ରାମ ପଞ୍ଚାୟତରୁ ୯୮ ଜଣ ଅଭିଯୋଗକାରୀ ନିଜ ନିଜର ନାମ ପଞ୍ଜିକରଣ କରି ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରି ଥିଲେ । ଏଥିରେ ୮୮ ଗୋଟି ବ୍ୟକ୍ତିଗତ ଅଭିଯୋଗ ହୋଇଥିବା ବେଳେ ୦୪ ଗୋଟି ସାମୁହିକ ଅଭିଯୋଗ ଓ ୦୩ ଗୋଟି ରେଡ କ୍ରସ ସହାୟତା ନିମନ୍ତେ ଦରଖାସ୍ତ ପ୍ରଦାନ କରିଥିଲେ । ଉକ୍ତ ଶିବିରରେ ୧୪ ଗୋଟି ଅଭିଯୋଗର ତତକାଳ ସମାଧାନ କରାଯାଇଥିଲା



# ବାଲେଶ୍ୱର ମହାବୀର ଆଖଡ଼ା ସଂଘ ଶହେ ବର୍ଷ ଧରି ପୂର୍ତ୍ତି ଅବସରରେ ରକ୍ତଦାନ ଶିବିର

ବାଲେଶ୍ୱର, ୨୫/୮ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ମହାବୀର ଆଖଡ଼ା ସଂଘ ଶହେ ବର୍ଷ ପୂର୍ତ୍ତି ପାଇଁ ସଭାପତି ଗୋପୀନାଥ ଶତପଥୀ ସଭାପତିତ୍ୱରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ରକ୍ତ ଭଣ୍ଡାର ପରିସରରେ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ସାଧାରଣ ସମ୍ପାଦକ ମନୋଜ କୁମାର ଦାସ , ଉପସଭାପତି ପଦ୍ମ ଲୋଚନ ଲେଙ୍କା, ଉପସଭାପତି ମନୋଜ କୁମାର ରାଉତ ,ଯୁଗ୍ମ ସମ୍ପାଦକ ରାମେଶ୍ୱର ବେହେରା କୋଷାଧ୍ୟକ୍ଷ ରାଜେନ୍ଦ୍ର ଚାଟାର୍ଜୀ , ଯୁଗ୍ମ ସମ୍ପାଦକ ଲମ୍ବୋଦର ବେହେରା , ବିଭୁ ପଦ ଦାସ, ବୈଲୋଚନ ଦାସ , ଅର୍ଚ୍ଚନା ନନ୍ଦୀ, ଯଶୋଦା ନନ୍ଦନ ଆଶ, ସିମନ୍ ଦାସ ମହାପାତ୍ର, ଭରତ ଭୂଷଣ ଦାସ, ଆଶ୍ରୀତା ତରେଇ, ଶ୍ରଦ୍ଧାଞ୍ଜଳି ରାୟ, ବିଜୟ ପଲେଇ, ଦେବେନ୍ଦ୍ର ଦାସ, ରବୀନ୍ଦ୍ର ବେହେରା ଉପସ୍ଥିତ ଥିଲେ। ଏହି ରକ୍ତ ଦାନ ଶିବିରକୁ ସଂଘର ସର୍ଦ୍ଦାର ରବୀନ୍ଦ୍ର ବେହେରା ଉଦଘାଟନ କରିଥିଲେ। ସଂଘ ସଭାପତି ଗୋପୀନାଥ ଶତପଥୀ ତାଙ୍କ ବକ୍ତବ୍ୟରେ କହିଥିଲେ ରକ୍ତ ହିଁ ମଣିଷକୁ ମୃତ୍ୟୁ ମୁଖରେ ବଞ୍ଚାଇଥାଏ ତେଣୁ ପ୍ରତ୍ୟେକ ମଣିଷ ମଣିଷର ଉପକାର ପାଇଁ ରକ୍ତ ଦାନ କରିବା ଦରକାର । ସାଧାରଣ ସମ୍ପାଦକ ମନୋଜ କୁମାର ଦାସ କହିଥିଲେ ରକ୍ତ ଦାନ ମହା ପୂର୍ଣ୍ୟ ତେଣୁ ସମସ୍ତେ ରକ୍ତ ଅଭାବ କିପରି ପୂରଣ ହେବ ସେଥିପାଇଁ ଚେଷ୍ଟା କରିବା ଦରକାର ବୋଲି କହିଥିଲେ। ଏହି ଶିବିରରେ ୬୦ ରୁ ଅଧିକ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଏହି ରକ୍ତ ଦାନ ଶିବିରକୁ ପ୍ରତିମା ପଣ୍ଡା , ଶ୍ରିମନ୍ତ ମାଝୀ ସାତ୍ୟେନ୍ଦ୍ର ଦାସ , ରାଜେନ୍ଦ୍ର ଦାସ , ବାସନ୍ତୀ ନାୟକ , ଧିରଜ୍ ମହାନ୍ତି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



# ବିରାଟ ଲୀଳାକ୍ଷେତ୍ରରେ ସପ୍ତପୁରୀ ଅମାବାସ୍ୟା ପର୍ବ ପାଳିତ

ଉଦଳା , ୨୫/୮ (ନି.ପ୍ର): ଚଳିତ ଅଗଷ୍ଟ ୨୩ ତାରିଖ ଶନିବାର ବିରାଟଲୀଳାକ୍ଷେତ୍ର ନୁଦଡ଼ିହା ପିଙ୍ଗୁସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରେ ସପ୍ତପୁରୀ ଅମାବାସ୍ୟା ପର୍ବ ମୁଖ୍ୟ ଉପଦେଷ୍ଟା ସୁଧାଂଶୁ କୁମାର ଦାଶଙ୍କ ମୁଖ୍ୟ ଉପଦେଶନରେ ପାଳିତ ହୋଇ ଯାଇଛି । ଏଥିନିମନ୍ତେ ତ୍ରୟୋଦଶୀ ତିଥିରେ ଶ୍ରୀଜଗନ୍ନାଥଙ୍କ ପୂଜାବିଧିକୁ ଭକ୍ତିର ସହିତ ସଂପାଦନ କରାଯାଇଥିଲା । ଶ୍ରୀଜଗନ୍ନାଥଙ୍କଠାରୁ ଆଜ୍ଞାମାଳ ନେଇ ଘଂଟଘଂଟା ତୁରୀ, ମହୁରୀ, ଚାମର ମାଧମରେ ସଂକୀର୍ତନ ଦଳ କାଳୀ ମାତାଙ୍କୁ ସମର୍ପଣ କରିଥିଲେ । ଏହାପରେ ସମର୍ପିତ ଆଜ୍ଞାମାଳକୁ ନେଇ ପାକଶାଳାର ଏକ ସୁରକ୍ଷିତ ସ୍ଥାନରେ ସ୍ଥାପନ କରାଯାଇଥିଲା । ଶ୍ରୀମନ୍ଦିରର ଐଶ୍ୱର୍ଯ୍ୟର ଅଧିକାରୀଣୀ ମା' ଲକ୍ଷ୍ମୀଙ୍କୁ ପାକଶାଳାକୁ ଆବାହନ କରାଯାଇଥିଲା । ପାକଶାଳାରେ ନୈବେଦ୍ୟ ପ୍ରସ୍ତୁତି ନିମନ୍ତେ ମା' କାଳୀଙ୍କୁ ପୂଜାର୍ଚ୍ଚନା ପୂର୍ବକ ଆବାହନ କରାଯାଇଥିଲା । ଅମାବାସ୍ୟା ତିଥିରେ ରୋଷଘରେ ସାତ ପ୍ରକାରର ପୁରରେ ବିଭିନ୍ନ ପ୍ରକାରର ପିଷ୍ଟକ ମାନ ପ୍ରସ୍ତୁତ ହୋଇଥିଲା । ଏଥିରେ ମୁଖ୍ୟସୁପକାର କାଶିନାଥ ଭାଇ ନଡ଼ିଆ, ଖସା, ଚଣା, ଛେନା, ବୁଟ, ମୁଗ, ଜାରା ପ୍ରଭୃତିରେ ପୁରମାନ ପ୍ରସ୍ତୁତ କରି ଗହମଚୁନା, ଚାଉଳଚୁନା, କ୍ଷୀର ଓ ଗୁଡ଼ ସହିତ ଗୋଲମରିଚଗୁଣ୍ଡ, ଜୀରା ଗୁଣ୍ଡ ଓ ଅଦା ପ୍ରଭୃତି ମିଶ୍ରିତ କରି ସ୍ୱାଦିଷ୍ଟ ପିଠା ପ୍ରସ୍ତୁତ କରିଥିଲେ । ସନ୍ଧ୍ୟାଧୂପ ଓ ଆଳତୀ ଲାଗି ହେବା କରେ ଶ୍ରୀଜଗନ୍ନାଥଙ୍କ ଠାରେ ପୂଜକ ସତ୍ୟନାରାୟଣ ମିଶ୍ର ଏବଂ ସୁଶାନ୍ତ କୁମାର ପଣ୍ଡା ସମର୍ପଣ କରିଥିଲେ । ଏହାପରେ ବ୍ରାହ୍ମଣ ଓ ଭକ୍ତ ମାନଙ୍କ ମଧ୍ୟରେ ସ୍ୱାଦିଷ୍ଟ ପିଠା ବଂଟନ କରାଯାଇଥିଲା । ସକାଳ ସମୟରେ ଅରୁଣୀମା ସୂର୍ଯ୍ୟଦେବଙ୍କୁ ବନ୍ଦାପନା କରାଯାଇଥିଲା । ଏହି ପର୍ବର ବୈଶିଷ୍ଟ୍ୟ ହେଉଛି ବିଧିବିଧାନରେ ଜଗନ୍ନାଥଙ୍କୁ ପୂଜାର୍ଚ୍ଚନା କଲେ ବିଷ୍ଣୁଲୋକ ପ୍ରାପ୍ତି, ବ୍ରାହ୍ମଣ ଓ ଭକ୍ତଙ୍କୁ ପିଠା ବାଂଟି ଆପ୍ୟାୟିତ କଲେ ସ୍ୱର୍ଗପ୍ରାପ୍ତି ଓ ଜଗନ୍ନାଥଙ୍କୁ ଦର୍ଶନ କଲେ ସମସ୍ତ ପାପରୁ ମୁକ୍ତି ମିଳିବାର ବିଶ୍ୱାସ ପ୍ରଚଳିତ । ପରିଚାଳନା କମିଟିର ସଭାପତି ସର୍ବେଶ୍ୱର ରାଉତ, ସଂପାଦକ ନକୁଳ ଜେନା, ଭାବବନ୍ଧନ ପତ୍ରିକା ମୁଖ୍ୟ ପ୍ରାକ୍ତନ ପ୍ରାଧାପକ ଭୋଳାନାଥ ସାହୁ, , ସହସଂପାଦକ ଭଗବାନ ବେହେରା, ରବିନାରାୟଣ ନାୟକ, ମାନଗୋବିନ୍ଦ ବେହେରା, ଦିବାକର ନାୟକ, ଗୌରଚନ୍ଦ୍ର ଦାସ ଓ ଅନ୍ୟ ସମସ୍ତ ସଭ୍ୟ ପରିଚାଳନାରେ ପୂର୍ଣ୍ଣ ସହଯୋଗ କରିଥିଲେ ।



# ଚୋରା ଦେଶୀମଦ ଜବତ : ୩ ଅଭିଯୁକ୍ତ କୋର୍ଟ ଚାଲାଣ

ବେତନଟୀ, ୨୫/୮ (ନି.ପ୍ର): ବେତନଟୀ ଅବକାରୀ ଥାନା ପକ୍ଷରୁ ସୋମବାର ପୃଥକ ଭାବରେ ଚଢାଉ କରାଯାଇ ଚୋରା ଦେଶମଦ ଜବତ କରାଯିବା ସହିତ ଏହି ବେଆଇନ କାରବାରରେ ଜଡିତ ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ଗିରଫ ଅଭିଯୁକ୍ତମାନେ ହେଉଛନ୍ତି ଶୁଖୁଲାହାର ସାମିଲ ମହୁଲିଆ ଗ୍ରାମର ରତିକାନ୍ତ ବେହେରା ନିକଟରୁ ୧୪ଲିଟର, ଭୋଗବାଟିର ଧରଣୀଧର ପାତ୍ର ନିକଟରୁ ୧୩ଲିଟର ଏବଂ ସଠିଲୋ ଗ୍ରାମର ରମାକାନ୍ତ ନିକଟରୁ ୧୪ଲିଟର ଏହିପରି ସର୍ବମୋଟ ୪୧ଲିଟର ଚୋରା ଦେଶିମଦ ଜବତ କରାଯାଇଥିଲା। ବେତନଟୀ ଅବକାରୀ ଥାନା ପକ୍ଷରୁ ଏନେଇ ତିନିଗୋଟି ପୃଥକ ମାମଲା ରୁଜୁ କରାଯାଇ ଗିରଫ ଅଭିଯୁକ୍ତଙ୍କ ସ୍ୱାସ୍ଥ୍ୟପରୀକ୍ଷାପରେ ବେତନଟୀ ଜେଏମଏଫସି କୋର୍ଟକୁ ଚାଲାଣ କରାଯାଇଥିଲା ।



# ଏନଏସି ତାଲିକାରୁ ବାଦ ପଡ଼ିବା ପ୍ରତିବାଦରେ ଯୁବ କଂଗ୍ରେସର ବିକ୍ଷୋଭ

ବାଲିଆପାଳ, ୨୫/୮ (ନି.ପ୍ର): ରାଜ୍ୟ ସରକାରଙ୍କ ଦ୍ୱାରା ସଦ୍ୟ ପ୍ରକାଶିତ ନୂତନ ଏନଏସି ତାଲିକାରୁ ବାଲିଆପାଳ ବାଦ ପଡ଼ିଥିବା ପ୍ରତିବାଦରେ ବାଲିଆପାଳ ଯୁବ କଂଗ୍ରେସ ପକ୍ଷରୁ ବିରୋଧ ବିକ୍ଷୋଭ ସମାବେଶ ବାଲିଆପାଳ ବ୍ଲକ ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି। ଯୁବ କଂଗ୍ରେସର କର୍ମୀମାନଙ୍କ ଦ୍ୱାରା ମଧୁପୁରା ପଞ୍ଚାୟତର ଖଗଡାପାଳ ମହାଦେବ ମନ୍ଦିର ଠାରୁ ଏକ ବିରାଟ ମୋଟର ସାଇକେଲ ଶୋଭାଯାତ୍ରା ବାହାରି ସିମୁଳିଆ ବଜାର ଦେଇ ବାଲିଆପାଳ ପୁରୁଣା ବସଷ୍ଟାଣ୍ଡ ଏବଂ ସେଠାରୁ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟାନ୍ତ ଆସିଥିଲା। ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ ନେତା ବିଜନ ନାୟକଙ୍କ ନେତୃତ୍ୱରେ ଏକ ବିକ୍ଷୋଭ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବାଲିଆପାଳ ବ୍ଲକର ବହୁ ବରିଷ୍ଠ କଂଗ୍ରେସ ନେତା ଏବଂ ଶତାଧିକ ଯୁବ କଂଗ୍ରେସ କର୍ମୀମାନେ ଉପସ୍ଥିତ ଥିଲେ। ବାଲିଆପାଳ ପ୍ରତି ସରକାରଙ୍କ ବୈମାତୃକ ମନୋଭାବ ବିରୁଦ୍ଧରେ କଂଗ୍ରେସ ନେତା ଏବଂ ଯୁବ କଂଗ୍ରେସ କର୍ମୀମାନେ ଅସନ୍ତୋଷ ପ୍ରକାଶ କରିବା ସହିତ ସରକାରଙ୍କ ବିରୁଦ୍ଧରେ ବିଭିନ୍ନ ନାରାବାଜି ଦେଇଥିଲେ। ସରକାର ଯଥାଶୀଘ୍ର ବାଲିଆପାଳକୁ ଏନଏସି ଘୋଷଣା ନ କଲେ ଜୋରଦାର ଆନ୍ଦୋଳନ ହେବ ବୋଲି କଂଗ୍ରେସ ପକ୍ଷରୁ ଏହି ବିକ୍ଷୋଭ ସମାବେଶରେ କଂଗ୍ରେସ ନେତା ମାନେ କହିଥିଲେ। ସମସ୍ତ ପ୍ରକାର ମାନଦଣ୍ଡ ପୁରଣ ହେଉଥିବା ବେଳେ ସଦ୍ୟ ପ୍ରକାଶିତ ହୋଇଥିବା ନୂତନ ଏନଏସି ତାଲିକାରୁ ବାଲିଆପାଳକୁ ବାଦ ଦେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ନେତା ମାନେ କହିଥିଲେ। ଏହି ସମାବେଶରେ ବାଲେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ସଞ୍ଜିବ ଗିରି, ବ୍ଲକ ଅଧକ୍ଷା ରଞ୍ଜିତା ନାୟକ,ଯୁବ କଂଗ୍ରେସ ଜିଲ୍ଲା ସଭାପତି ରଞ୍ଜନ ଦାସ ବରିଷ୍ଠ କଂଗ୍ରେସ ନେତା ମୁରଲି ମୋହନ ସାହୁ, ନରହରି ଜେନା,ଜଗନ୍ନାଥ ବିଶ୍ୱାଳ, ବ୍ଲକ ଉପାଧକ୍ଷ ରାଜେଶ ଚୌଧୁରୀ, ଯୁବ କଂଗ୍ରେସ ସଭାପତି ସୁବାସ ନାୟକ, ସମ୍ପାଦକ ବିକାଶ ବାରିକ ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସଭାପତି ତୀର୍ଥ କୁମାର ନାଗଙ୍କ ସମେତ ଶତାଧିକ ଯୁବ କଂଗ୍ରେସ କର୍ମୀମାନେ ଯୋଗ ଦେଇଥିଲେ। ବାଲିଆପାଳକୁ ଏନଏସି ମାନ୍ୟତା ସହିତ ସୁବର୍ଣ୍ଣରେଖା ନଦୀରେ ଆସୁଥିବା ବାରମ୍ବାର ବନ୍ୟାର ପ୍ରତିକାର ସ୍ୱରୂପ ସୁବର୍ଣ୍ଣରେଖା ସଂସ୍କାର ଯୋଜନାକୁ ଯଥାଶୀଘ୍ର କାର୍ଯ୍ୟାକାରୀ କରିବା ଏବଂ ଚଳିତ ବର୍ଷ ସୁବର୍ଣ୍ଣରେଖାରେ ବନ୍ୟା ଆସି ବାଲିଆପାଳ ବ୍ଲକର ଘଟାଇଥିବା ପ୍ରଭୁତ କ୍ଷତିର ଆକଳନ କରି ଯଥାଶୀଘ୍ର କ୍ଷତି ପୂରଣ ପ୍ରଦାନ ପ୍ରଭୃତି ଦାବି କରି ଆଜି ଯୁବ କଂଗ୍ରେସ ପକ୍ଷରୁ ବିକ୍ଷୋଭ କରାଯାଇଥିଲା ।ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଏକ ଦାବିପତ୍ର ବିଡିଓଙ୍କ ଜରିଆରେ ଦିଆଯାଇଥିଲା।




## ଭାରସାମ୍ୟ ହରାଇ ସ୍କୁଟିଚାଳକ ଗୁରୁତର ଆହତ

ବେତନଟୀ, ୨୫/୮ (ନି.ପ୍ର): ୧୮ନଂ ଜାତୀୟରାଜପଥ ତାରଣାଛକ ନିକଟରେ ସୋମବାର ଅପରାହ୍ନରେ ଘଟିଯାଇଥିବା ଏକ ସଡକ ଦୁର୍ଘଟଣାରେ ଜନୈକ ସ୍କୁଟିଚାଳକ ଗୁରୁତର ଆହତ ହୋଇଛନ୍ତି । ସୂଚନା ମୁତାବକ ଜେଏଚ-୦୫ଡିଏଲ-୧୧୬୩ ନମ୍ବର ବିଶିଷ୍ଟ ସ୍କୁଟିଯୋଗେ ଜନୈକ ଯୁବକ ବାରିପଦା ଅଭିମୁଖେ ଯାଉଥିବା ବେଳେ ନଙ୍ଗଳକଟା ଚର୍ଚ୍ଚଛକ ପରେପରେ ତାରଣାଛକ ନିକଟରେ କୌଣସି କାରଣରୁ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ । ସ୍କୁଟିଚାଳକଙ୍କ ଅବସ୍ଥା ଗୁରୁତର ଥିବାବେଳେ ତାଙ୍କର ସମ୍ପୂର୍ଣ୍ଣ ପରିଚୟ ମିଳିପାରିନାହିଁ । ତେବେ ତାଙ୍କର ଘର ବୈଶିଙ୍ଗା ଇଲାକାରେ ବୋଲି ଜଣାପଡିଛି ।

# ଭାରତୀୟ କମ୍ୟୁନିଷ୍ଟପାର୍ଟି ନୀଳଗିରି ଜୋନ କମିଟି ବୈଠକ ଅନୁଷ୍ଠିତ

ନୀଳଗିରି, ୨୫/୮ (ନି.ପ୍ର): ନୀଳଗିରି ସହର ବାଇପାସ ଛକ ନିକଟସ୍ଥ ବନମାଳୀ ଭବନ ପରିସରରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ନୀଳଗିରିର ଜୋନସ୍ତରୀୟ ବୈଠକ ଅନୁଷ୍ଠିତ ହୋଇ ଯାଇଛି ।ଦଳର ବରିଷ୍ଠନେତା ସୀତାରାମ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ପୂର୍ବତନ ଜିଲ୍ଲାସଭାପତି ନିରଞ୍ଜନ ବାରିକ, ଜୋନ ସମ୍ପାଦକ ବିଜୟ କୁମାର ସ ମଞ୍ଚାସିନ ରହି ସ୍ଥାନୀୟ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ପାଟପୁର ଶାଖା ସମ୍ପାଦକ ହରେକୃଷ୍ଣ ପଣ୍ଡିତ, ଦକ୍ଷିଣ ନରସିଂହପୁର ଶାଖା ସମ୍ପାଦକ ଦେବେନ୍ଦ୍ର ବେହେରା, ମହିଳାଶାଖା ସମ୍ପାଦିକା ଗାୟତ୍ରୀ ପଣ୍ଡାଙ୍କ ସମେତ ବିକ୍ରମ ମିଶ୍ର, ନଟବର ନାୟକ, ନିରଞ୍ଜନ ଜେନା, ବାସନ୍ତୀ ନାୟକ ପ୍ରମୁଖ ଜୋନ କମିଟି ସଭ୍ୟ/ସଭ୍ୟା ଉପସ୍ଥିତ ରହି ଇକୋ ସେନସିଟିଭ ଜୋନ ହଟିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରିରଖିବା ନେଇ ନିଷ୍ପତି ଗ୍ରହଣ କରିଥିବା ବେଳେ ଉପଖଣ୍ଡର ପ୍ରତ୍ୟେକ ସ୍କୁଲ ମାନଙ୍କରେ ମଧ୍ୟାହ୍ନ ଭୋଜନରେ ଦୁର୍ନୀତି ବିରୁଦ୍ଧରେ ଉତ୍କଳ ମହିଳାସମିତି ନେତ୍ରୀ ଗାୟତ୍ରୀ ପଣ୍ଡାଙ୍କ ଙ୍କ ନେତୃତ୍ୱରେ ଏକ ପ୍ରତନିଧି ମଣ୍ଡଳୀ ନୀଳଗିରି ଉପଜିଲ୍ଲାପାଳଙ୍କୁ ଦାବିପତ୍ର ଦେବାନେଇ ପ୍ରସ୍ତାବ ଆଗତ ହୋଇଛି।




# ପିକଅପ୍ ଧକ୍କାରେ ବାଇକ ଆରୋହୀ ମୃତ

ବସ୍ତା , ୨୫/୮ (ନି.ପ୍ର): ବାଲେଶ୍ୱର ଜିଲ୍ଲା ୬୦ ନମ୍ବର ଜାତୀୟ ରାଜପଥ ର ରୂପସା ଥାନା, ମିରିଗୀମୁଣ୍ଡି ମା ହୋଟେଲ ନିକଟରେ ଆଜି ପିକଅପ ଧକ୍କାରେ ବାଇକ ଆରୋହୀ ମୃତ । ସୂଚନା ଅନୁଯାୟୀ ବସ୍ତା ଥାନା ଅନ୍ତର୍ଗତ ରାମଚନ୍ଦ୍ରପୁର ଅଞ୍ଚଳ ର ପିଅନ ହେମ୍ବ୍ରମ ବାଇକ ଯୋଗେ ବାଲେଶ୍ୱର ଅଭିମୁଖେ ଯାଉଥିବା ବେଳେ ମିରିଗୀମୁଣ୍ଡି ମା ହୋଟେଲ ନିକଟରେ ପଛରୁ ଏକ ଦ୍ରୁତଗାମୀ ପିକଅପ ଆସି ଉକ୍ତ ବାଇକ ଧକ୍କା ଦେଇ ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲା । ତେବେ ସ୍ଥାନୀୟ ଲୋକେ ସେଠାରୁ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ପଠାଇଥିଲେ । ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତେବେ ଖବର ପାଇ ଜାତୀୟ ରାଜପଥ ପେଟ୍ରୋଲିଙ୍ଗ ପୋଲିସ , ରୂପସା ପୋଲିସ ଘଟଣା ସ୍ଥଳରେ ପହଂଚି ଅଧିକ ତଦନ୍ତ ଜାରି ରଖିଛନ୍ତି ।

# ହର୍ଷିଲ ତେଲଗଡରେ ବନ୍ୟା ଯୋଗୁଁ ସେନା ଶିବିର ଖାଲି: ରାସ୍ତା ପୁନରୁଦ୍ଧାର କାର୍ଯ୍ୟ ଜାରି

ନୂଆଦିଲ୍ଲୀ,୨୫/୮ : ଉତରାଖଣ୍ଡର ପର୍ବତମାଳାରେ ପ୍ରକୃତିର ପ୍ରକୋପ ଥମିବାର ନାଁ ନେଉନାହିଁ। ରାତିରେ ପ୍ରବଳ ବର୍ଷା ପରେ ଉତରକାଶୀ ଜିଲ୍ଲାର ହର୍ଷିଲ ତେଲଗଡ ଅଂଚଳରେ ପୁଣି ବନ୍ୟା ସେନା ଶିବିର ଖାଲି କରି ସୈନିକମାନଙ୍କୁ ସୁରକ୍ଷିତ ସ୍ଥାନକୁ ପଠାଇଛି। ଚାମୋଲି ଜିଲ୍ଲାର ଥରାଲିରେ ମଧ ରିଲିଫ ଏବଂ ଉଦ୍ଧାର କାର୍ଯ୍ୟ ଯୁଦ୍ଧକାଳୀନ ଭିତିରେ ଚାଲିଛି। ଉତରକାଶୀ ଜିଲ୍ଲା ମାଜିଷ୍ଟ୍ରେଟ ପ୍ରଶାନ୍ତ ଆର୍ଯ୍ୟ କହିଛନ୍ତି ଯେ, ତେଲଗଡରେ ବନ୍ୟା ଯୋଗୁଁ କୌଣସି କ୍ଷତି ହୋଇନାହିଁ। ସମସ୍ତ ଆବଶ୍ୟକୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।






# ପୂର୍ଣ୍ଣଚନ୍ଦ୍ର ବାଳିକା ମାଧ୍ୟମିକ ବିଦ୍ୟାଳୟର ୩୬ତମ ପ୍ରତିଷ୍ଠା ଦିବସ ପାଳିତ

ବଡ଼ସାହି , ୨୫/୮ (ନି.ପ୍ର): ବଡ଼ସାହି ବ୍ଲକ ଅନ୍ତର୍ଗତ ତାଳପଦା ସ୍ଥିତ ପୂର୍ଣ୍ଣଚନ୍ଦ୍ର ବାଳିକା ମାଧ୍ୟମିକ ବିଦ୍ୟାଳୟର ୩୬ତମ ପ୍ରତିଷ୍ଠା ଦିବସ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅମିତା ରଣଜିତ୍ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମାନ୍ୟବର ବିଧାୟକ ସନାତନ ବିଜୁଳି ମୁଖ୍ୟଅତିଥି ଭାବେ ଯୋଗଦାନ କରି ଥିବାବେଳେ ମୁଖ୍ୟ ବକ୍ତା ଭାବରେ ଅବସରପ୍ରାପ୍ତ ଶିକ୍ଷକ ରଣଜିତ୍ କୁମାର ଦାସ ଯୋଗଦାନ କରି ବାଳିକା ମାନେ ସାମ୍ପ୍ରତିକ ପରିସ୍ଥିତିରେ ପାଠପଢ଼ା ବ୍ୟତିତ ଆଚ଼ରଣ, ଉଚ୍ଚାରଣ ଓ ବ୍ୟବହାରରେ ମାର୍ଜିତ ଚରିତ୍ରବାନ ହୋଇ ରାଷ୍ଟ୍ର ସେବାରେ ନିଜକୁ ନିୟୋଜିତ କରିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନୀତ ଅତିଥି ଭାବେ ସୁଦର୍ଶନ ପଣ୍ଡା, ସୁବାସିନୀ ପତି, ଦେବେନ୍ଦ୍ର ନାଥ ବେହେରା, ମହେଶ୍ୱର ସେନାପତି, ବାଘରାଏ ମାଝୀ , ଲକ୍ଷ୍ମୀନାରାଣାୟଣ ସେନାପତି ଓ ଭବାନୀ ଶଙ୍କର ସାହୁ ଯୋଗଦାନ କରିଥିଲେ । ରଣଜିତ୍ ଦାସ ଓ ସୁନାସିନୀ ପତିଙ୍କର ଅର୍ଥରାଶିକୁ ନବମ ଓ ଦଶମ ଶ୍ରେଣୀର ପ୍ରଥମ ହୋଇଥିବା ପିଲା ମାନଙ୍କୁ ବୃତ୍ତି ଆକାରରେ ପ୍ରଦାନ କରାଯାଇ ଥିଲା । ପ୍ରଧାନ ଶିକ୍ଷୟତ୍ରୀ ବାର୍ଷିକ ବିବରଣୀ ପାଠ କରିଥିଲେ ଓ ଶିକ୍ଷକ ଦେବରାଜ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ । ଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ, ସ୍ୱାଗତ ନୃତ୍ୟ ତଥା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଥିଲା । ଏହି ଅବସରରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର ପୁରସ୍କାର ଓ ପ୍ରମାଣ ପତ୍ର ମୁଖ୍ୟ ଅତିଥିଙ୍କ ଦ୍ୱାରା ବଣ୍ଟନ ହୋଇ ଥିଲା ।




❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida